ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି


The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୧ ଡିସେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 01 December 2024

Vol.No. 35 ■ No.318 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଯା ଦେବୀ ସର୍ବଭୂତେଷୁ............


ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଖଲିସ୍ତାନୀ ଆତଙ୍କୀର ଧମକପୂର୍ଣ୍ଣ ଇ-ମେଲ: କ୍ରାଇମବ୍ରାଞ୍ଚର ତଦନ୍ତ ଆରମ୍ଭ

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ଖଲିସ୍ତାନୀ ଆତଙ୍କୀ ପନ୍ନୁର ଧମକପୂର୍ଣ୍ଣ ଇ-ମେଲ ଘଟଣାର ଯାଞ୍ଚ କରିଛି କ୍ରାଇମବ୍ରାଞ୍ଚ ସାଇବର ସେଲ। ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁଙ୍କ ଅଫିସରେ କ୍ରାଇମବ୍ରାଞ୍ଚ ଟିମ୍ ପହଞ୍ଚି ମେଲ୍‌ର ସତ୍ୟତା ନେଇତଥ୍ୟ ସଂଗ୍ରହ କରି ଫେରିଛି। ଓଡ଼ିଆ ଓ ଇଂଲିଶରେ ଆସିଥିବା ଦୁଇଟି ମେଲ୍‌କୁ ନିରୀକ୍ଷଣ କରିଛି କ୍ରାଇମବ୍ରାଞ୍ଚ ଟିମ୍। ଆଜି ସକାଳ ୯ଟା ୪ ମିନିଟ୍‌ରେ ଆତଙ୍କୀ ପନ୍ନୁ ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁଙ୍କୁ ଏକ ଧମକପୂର୍ଣ୍ଣ ମେଲ ପଠାଇଥିଲା। ଏହି ମେଲଟି ଦେଖିବା ପରେ ଅକ୍ଷୟ କମିଶନରେଟ ପୁଲିସକୁ ଜଣାଇଥିଲେ। ପରେ ଏହି ଘଟଣାର ତନଘନା ଆରମ୍ଭ କରିଛି କ୍ରାଇମବ୍ରାଞ୍ଚ ସାଇବର ସେଲ। ଆତଙ୍କୀ ପନ୍ନୁ ଏହି ମେଲ୍ ପଠାଇଛି ନାଁ ଏହା ପଛରେ କିଏ ? କେଉଁଠୁ ମେଲଟି ଆସିଛି ? ଆଇପି ଆଡ୍ରେସ ନେଇ ଯାଞ୍ଚ



ଆରମ୍ଭ କରିଛି କ୍ରାଇମବ୍ରାଞ୍ଚ। ଏଥିସହ ଖଲିସ୍ତାନୀ ଆତଙ୍କୀ ପନ୍ନୁ ଦେଇଥିବା ଧମକପୂର୍ଣ୍ଣ ମେସେଜରେ ଓଡ଼ିଆରେ ଥୟନେଲ୍ ନିଆଯାଇଥିଲା, ଯାହାକୁ ନେଇ ସନ୍ଦେହ ବଢ଼ିଥିଲା। ଏହାକୁ ନେଇ ମଧ କ୍ରାଇମବ୍ରାଞ୍ଚ ସାଇବର ସେଲ ପକ୍ଷରୁ ତନାଘନା କରାଯାଇଛି। ଆତଙ୍କୀ ପନ୍ନୁ ପାଇଁ ଓଡ଼ିଶାରେ କିଏ କରୁଛି କାମ ?, ପନ୍ନୁ ନାଁରେ ଆସିଥିବା ଇମେଲ୍ ପ୍ରକୃତରେ ସେ ପଠାଇଛି ନା ଆଉ କିଏ ପଠାଇଛି ? ରାଜ୍ୟରେ ଖଲିସ୍ତାନୀ ଆତଙ୍କୀଙ୍କ ସ୍ଲିପର ସେଲ ଚାଲିଛି କି ?, ବିଦେଶରେ ରହି ପନ୍ନୁ ସ୍ଲିପର୍ ସେଲ୍ ଦ୍ୱାର କିଛି କାଣ୍ଡ ଭିଆଇବାକୁ ପ୍ଲାନିଂ କରୁଛି କି ? ଏଭଳି ବିଭିନ୍ନ ଦିଗକୁ ନେଇ ତନାଘନା ଚଳାଇଛି କ୍ରାଇମବ୍ରାଞ୍ଚ। କ୍ରାଇମବ୍ରାଞ୍ଚର ଜଣେ ଅଧିକାରୀ କହିଛନ୍ତି, ବରିଷ୍ଠ ସାମ୍ବାଦିକଙ୍କ ପାଖରୁ ଏକ ମେଲ୍ ଆସିଥିଲା, ତେବେ ମେଲଟି କେଉଁଠି ଆସିଥିଲା, କ'ଣ ତାହା ଡିଟେଲ୍ସ ଜାଣିବା ପାଇଁ ଦେଖିବାକୁ ଆସିଥିଲୁ। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ପରେ ମେଲଟି କେଉଁଠ ଆସିଥିଲା, ତାହା ଜଣାପଡ଼ିବ। ମେଲଟି ଓଡ଼ିଆରେ ଆସିଛି, ତଦନ୍ତ ପରେ ସତ୍ୟାସତ ଜଣାପଡ଼ିବ। ସୂଚନାଯୋଗ୍ୟ, ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁଙ୍କୁ ଖଲିସ୍ତାନୀ ଆତଙ୍କୀ ପନ୍ନୁ ଆଜି ଏକ ଧମକ ପୂର୍ଣ୍ଣ ଏକ ଇ-ମେଲ୍ ପଠାଇଥିଲା। ଯେଉଁଥିଲେ ଖଲିସ୍ତାନୀ ଆତଙ୍କୀ ପନ୍ନୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରକୁ ଟାର୍ଗେଟ କରିଥିଲା। ଆସନ୍ତକାଲି ଭୁବନେଶ୍ୱର ବିମାନ ବନ୍ଦରରୁ ଉଡ଼ାଣ ନ ଭରିବାକୁ ଇ-ମେଲ୍ ଅଡିଓ ମେସେଜ କରି ଚେତାବନୀ ଦେଇଥିଲା ଖଲିସ୍ତାନୀ ଆତଙ୍କୀ ପନ୍ନୁ। ଏଥିସହ ଡିଜିପି ସମ୍ମିଳନୀକୁ ଭଣ୍ଡୁର କରିବାକୁ ଧମକ ଦିଆଯାଇଥିଲା।

### ବଢ଼ିଲା ବବିଙ୍କ ଅଡୁଆ: ଭାଇଙ୍କ ନାଁରେ ରୁଜୁ ହେଲା ଆଉ ଏକ ମାମଲା

ଯାଜପୁର , ୩୦/୧୧ (ନି.ପ୍ର): ପ୍ରଣବ ପ୍ରକାଶ ଦାସ ଓରଫ ବବି ଦାସଙ୍କର ବଢ଼ିଲା ଅଡୁଆ । ତାଙ୍କ ଭାଇ ଲଲଙ୍କ ନାଁରେ ରୁଜୁ ହେଲା ଆଉ ଏକ ମାମଲା । ବବି ଦାସଙ୍କ ଭାଇ ଲଲଙ୍କ ନାଁରେ ଜାତିଆଣ ଆକ୍ଷେପ ମାମଲା ରୁଜୁ ହୋଇଛି । ଜାତିଆଣ ମାମଲା ଥିବା କୋର୍ଟଙ୍କୁ ଅବଗତ କଲା ଯାଜପୁର ପୋଲିସ । ବିରଜା ହାଟ ଗଣ୍ଡଗୋଳ ଘଟଣାରେ ଜାତିଆଣ ମାମଲା ଥିବା ଅବଗତ କଲା ଯାଜପୁର ପୋଲିସ । ଜଣେ ଜନୈକ ବ୍ୟକ୍ତି ଲଲଙ୍କ ନାଁରେ ଜାତିଆଣ ଆକ୍ଷେପ ଅଭିଯୋଗ ଆଣିଛନ୍ତି । ସୂଚନା ଅନୁସାରେ ବର୍ତ୍ତମାନ ଲଲଙ୍କ ନାଁରେ ମୋଟ୍ ୫ଟି ମାମଲା ଅଛି । ତତ୍‌?ମଧ୍ୟରୁ ଗୋଟିଏ ମାମଲାରେ ଜାମିନ ମିଳିଛି । ସୂଚନା ଅନୁସାରେ ନଭେମ୍ବର

▶▶ପୃଷ୍ଠା ୭

### ଓଡ଼ିଶାରେ ଅଛନ୍ତି ୬୦ରୁ ୭୦ ନକ୍ସଲ



ଭୁବନେଶ୍ୱର, ୩୦/୧୧ (ନି.ପ୍ର): ଓଡ଼ିଶାରେ ଅଛନ୍ତି ମାତ୍ର ୬୦ରୁ ୭୦ ନକ୍ସଲ। ସେଥିରୁ ଓଡ଼ିଶା କ୍ୟାଡର ନକ୍ସଲଙ୍କ ସଂଖ୍ୟା ୬ କିମ୍ବା ୭। ଓଡିଶାରେ ଯେଉଁ ସବୁ ନକ୍ସଲ ସକ୍ରିୟ ଅଛନ୍ତି, ସେମାନେ ମୁଖ୍ୟତଃ ଛତିଶଗଡ଼ ଓ ଆନ୍ଧ୍ର କ୍ୟାଡର୍। ବିଏସଏଫ୍ ଆଇଜି ଚାରୁଧ୍ୱଜ ଅଗ୍ରୱାଲ ଏହି ସୂଚନା ଦେଇଛନ୍ତି। ବିଏସଏଫରେ ବାର୍ଷିକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଆଇଜି ଶ୍ରୀ ଅଗ୍ରୱାଲ କହିଛନ୍ତି, ଦେଶରେ ୩୮ଟି ନକ୍ସଲ ପ୍ରଭାବିତ ଜିଲ୍ଲା ଥିବାବେଳେ ଓଡ଼ିଶାରେ ରହିଛି ୭ଟି। ଆସନ୍ତା ୨୦୨୬ ମାର୍ଚ୍ଚ ସୁଦ୍ଧା ଓଡିଶାକୁ ନକ୍ସଲ ମୁକ୍ତ ରାଜ୍ୟ କରିବାକୁ ପ୍ରୟାସ ଚାଲିଛି। ଅତ୍ୟାଧୁନିକ ଜ୍ଞାନ କୌଶଳ ବିଶିଷ୍ଟ ଡ୍ରୋନ ଏବଂ ସାଟେଲାଇଟ ସର୍ଭେଲାନ୍ସ ସହ ମାଓ ଗତିବିଧି ଉପରେ ନଜର ରଖାଯିବ। ଏହାବ୍ୟତୀତ ବାଂଲାଦେଶୀ ଅନୁପ୍ରବେଶ କାରୀଙ୍କ ଉପରେ ସୀମାବର୍ତ୍ତି ଅଞ୍ଚଳରେ କଡ଼ା ନଜର ରଖାଯାଇଥିବା ନେଇ ବିଏଏଫ୍ ଆଇଜି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ମିଛଟାରେ କାନ୍ଦୁଥିଲେ ମହିଳା: ମେଡିକାଲ୍‌ରୁ ଚୋରି ହୋଇନି ପିଲା !

ନୟାଗଡ଼, ୩୦/୧୧ (ନି.ପ୍ର): ନବଜାତର ଶିଶୁ ପୁତ୍ରଙ୍କ ଫଟୋ ଦେଖାଉଛନ୍ତି। ଆଉ ବୁକୁ ଫଟାଇ କାନ୍ଦୁଛନ୍ତି। କହୁଛନ୍ତି, ମୋ' ପୁଅ ଚୋରି ହୋଇଯାଇଛି। ମୋ ପୁଅକୁ ମୋତେ ଦିଅ ବୋଲି କହି କାନ୍ଦୁଛନ୍ତି। ହେଲେ ତଦନ୍ତ ପରେ ଜଣାପଡ଼ିଛି, ମହିଳାଙ୍କ କାନ୍ଦ ମିଛ ଓ ତାଙ୍କ ଅଭିଯୋଗରେ ସତ୍ୟତା ନାହିଁ। ଆଜି ଦିନ ତମାମ ନୟାଗଡ଼ରେ ହଇଚଇ ସୃଷ୍ଟି କରିଥିବା ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି ମେଡ଼ିକାଲ୍ ଅଧିକ୍ଷକ। ମେଡିକାଲରେ ମହିଳାଙ୍କ ପ୍ରସବ ହୋଇନଥିବା ମେଡ଼ିକାଲ୍ ଅଧିକ୍ଷକ କହିଛନ୍ତି। ସେପଟେ



ଏସ୍‌ଡିପିଓ ମଧ ପିଲା ଚୋରି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଅଭିଯୋଗରୁ ଅନୁସାରେ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଗୋଡ଼ଭଙ୍ଗା ଗାଁର ବିଜୟ କୁମାର ପରିଡ଼ାଙ୍କ ପତ୍ନୀ ସୁଧୀସ୍ମିତା ଗର୍ଭବତୀ ଥିଲେ। ସେ ପ୍ରସବ ଯନ୍ତଣା ଅନୁଭବ କରିବାରୁ ତାଙ୍କ ସ୍ୱାମୀ ତାଙ୍କୁ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଆଜି ସକାଳେ ତାଙ୍କୁ ଓଟିକୁ ନିଆଯାଇଥିଲା।

▶▶ପୃଷ୍ଠା ୭

## ସମୀର ଦେ'ଙ୍କ ଶୋକ ସଭାରେ ଜୟନାରାୟଣଙ୍କ ବିସ୍ଫୋରକ ବୟାନ

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ନିଜ ଦଳ ବିରୋଧରେ ବିଷ ଉଗାରିଲେ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର। ଭୁବନେଶ୍ୱରରେ ସମୀର ଦେ'ଙ୍କ ସ୍ମୃତି ସଭାରେ ଯୋଗ ଦେବା ଅବସରରେ କହିଲେ ସାଂଘାତିକ କଥା। ସମୀର ଦେ'ଙ୍କ ସହିତ ଯାହା ଘଟିଥିଲା, ତାଙ୍କ ସହିତ ତାହା ଘଟିଛି ବୋଲି ସେ କହିଛନ୍ତି। ଜୟନାରାୟଣ କହିଛନ୍ତି, ଦୁଇ ଜଣ ଯାକ ଏବିଭିପିରେ ଥିଲୁ। ମୁଁ ବିଜେପିରୁ ବି ତଡ଼ା ଖାଇଛି। ସ୍କୁଲରୁ ଦୁଇ ତିନି ଥର ତଡ଼ା ଖାଇଛି। କଲେଜରୁ ୪/୫ ଥର ତଡ଼ା



ଖାଇଛି। ମୁଁ ତଡ଼ା ଖିଆ ଲୋକଟିଏ। ସବୁ ଜାଗାରୁ ମୁଁ ତଡ଼ା ଖାଏ। ବିଜେପିରୁ ଏବେ ବି ମୁଁ ସାଇଡ୍ ଲାଇନ୍ ହୋଇ ରହିଛି। ଏଇଟା ମୋ ଜୀବନର ଏକ ଅଙ୍ଗ। ଏଇଟା ସମୀର ଦେ'ର ବି। ସମୀର ଦେ'ଙ୍କୁ ପାର୍ଟି ଯେତିକି ଗୁରୁତ୍ୱ ଦେବା କଥା, ସେତିକି ଦେଇନି। କଟକରେ ତାଙ୍କ ବିରୋଧରେ ଲୋକ ଲଗା ଗଲା। ମୋ ବିରୋଧରେ ଆଜି ପର୍ଯ୍ୟନ୍ତ ଲୋକ ଲଗାଯାଇଛି। ମୋ ବିରୋଧରେ ଜଣେ ଲୋକ ନିଶ୍ଚିତ ଭାବେ ରହିବ। ଏଇଟା ପାର୍ଟିର ଯୋଜନାବଦ୍ଧ କାର୍ଯ୍ୟକ୍ରମ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଉପ-ମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ ପୂର୍ବତନ ରାଜ୍ୟ ସଭାପତି ତଥା ବରିଷ୍ଠ ନେତା ସମୀର ମହାନ୍ତି ଉପସ୍ଥିତ ଥିଲେ।

▶▶ପୃଷ୍ଠା ୭

### ବାରିପଦାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା: ୪ ମୃତ, ୩ ଆହତ



ମୟୂରଭଂଜ, ୩୦/୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବାରିପଦାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଗୋଟିଏ ଟ୍ରକ୍ ଦୁଇଟି ପୃଥକ୍ ସ୍ଥାନରେ ଦୁର୍ଘଟଣା ଘଟାଇବାରୁ ୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ଗୁରୁତର ଆହତ ହୋଇଛନ୍ତି। ଆତମାନଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆଜି ସକାଳେ ତିରିଂ ଥାନା ଅଞ୍ଚଳର ବଡଡାଳିମା ଛକରେ ୩ ଜଣ ମର୍ଣ୍ଣିଂ ୱାକରେ ଯାଉଥିଲେ। ଏହି ସମୟରେ ଟ୍ରକ୍‌?ଟି ଦ୍ରୁତ ଗତିରେ ଆସି ୩ଜଣଙ୍କୁ ଧକ୍କା ଦେଇଥିଲା ଟ୍ରକ୍‌?। ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଥିଲେ। ପରେ ଟ୍ରକଟି

▶▶ପୃଷ୍ଠା ୭

## ୨୦୨୭ ଡିସେମ୍ବର ସୁଦ୍ଧା ଚାଲିବ ଭୁବନେଶ୍ୱର ମେଟ୍ରୋ

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ଆସନ୍ତା ୨୦୨୭ ଡିସେମ୍ବର ସୁଦ୍ଧା ଭୁବନେଶ୍ୱର ମେଟ୍ରୋ ଟ୍ରେନର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ସରିବ। ବିଜୁ ପଟ୍ଟନାୟକ ବିମାନ ବନ୍ଦରରୁ ତ୍ରିଶୁଳିଆ ପର୍ଯ୍ୟନ୍ତ ମାର୍ଗରେ ପ୍ରଥମ ପର୍ଯ୍ୟାୟରେ ୧୩ଟି ଟ୍ରେନ ଚଳାଚଳ କରିବ ଓ ଦୈନିକ ପ୍ରାୟ ୯୫ହଜାର ଲୋକ ଏଥିରେ ଯାତାୟତ କରିବାର ସୁଯୋଗ ପାଇବେ ବୋଲି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ କହିଛନ୍ତି। ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପର ଆଜି ଏକ ଉଚ୍ଚସ୍ତରୀୟ ସମୀକ୍ଷା ପରେ ସାମ୍ବାଦିକମାନଙ୍କୁ ପ୍ରତିକ୍ରିୟା ଦେଇ ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି ଯେ, ପ୍ରଥମ ପର୍ଯ୍ୟାୟରେ ୧୩ଟି ମେଟ୍ରୋ ଟ୍ରେନ ଚଳାଚଳ କରିବ। ପ୍ରତ୍ୟେକ ଟ୍ରେନରେ ୩ଟି ବଗି ରହିବ ଓ ଏଥିରେ ପ୍ରାୟ ୯୫ହଜାର ଯାତ୍ରୀ ଦୈନିକ ଯାତାୟତ କରିପାରିବେ। ପ୍ରଥମ ପର୍ଯ୍ୟାୟରେ ଏହି ୨୬କିମି ଦୂରତ୍ୱ ମଧ୍ୟରେ ୨୦ଟି ଷ୍ଟେସନ ରହିବ। ସେଥିରୁ ୩ଟି ଏକାମ୍ର ନିର୍ବାଚନମଣ୍ଡଳୀ, ୪ଟି ଭୁବନେଶ୍ୱର-ମଧ୍ୟ ଓ ୧୦ଟି ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ରହିଛି।

▶▶ପୃଷ୍ଠା ୭

## ବଢ଼ିଲା ମଧ୍ୟାହ୍ନ ଭୋଜନ ଖର୍ଚ୍ଚ

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ପୁଣି ବଢ଼ିଲା ମଧ୍ୟାହ୍ନ ଭୋଜନ ଖର୍ଚ୍ଚ। ଦରଦାମ ବୃଦ୍ଧିକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାରେ ମଧ୍ୟାହ୍ନଭୋଜନ ଖର୍ଚ୍ଚକୁ ବଢାଯାଇଛି । ଏହି ଘୋଷଣା ପରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ପାଇଁ ୬ ଟଙ୍କା ୯୦ ପଇସା ବଦଳରେ ୭ ଟଙ୍କା ୬୪ ପଇସା ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ୯ ଟଙ୍କା ୮୨ ପଇସା ସ୍ଥାନରେ ୧୦ଟଙ୍କା ୯୪ ପଇସା ଖର୍ଚ୍ଚ ହେବ ଶିଶୁ ଦିବସ ଦିନ ମୁଖ୍ୟମନ୍ତ୍ରୀ ମୋହନ ମାଝି ମଧ୍ୟାହ୍ନ ଭୋଜନରେ ଆଉ ଏକ ଟଙ୍କା ବଢାଇବାକୁ ଘୋଷଣା କରିଥିଲେ । ଏହା ଲାଗୁ



ହୋଇସାରିଛି । ଆଉ ଏବେ ପୁଣି କେନ୍ଦ୍ର ସରକାର ଏହି ଖର୍ଚ୍ଚକୁ ବଢାଇ ଆସନ୍ତାକାଲିଠାରୁ ସ୍କୁଲ ଗୁଡିକରେ ଲାଗୁ କରିବାକୁ ପିଏମ ପୋଷଣର ନୋଡାଲ ଅଫିସର ସବୁ ଜିଲ୍ଲାର ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି । ରାଜ୍ୟର ପ୍ରାୟ ୫୦ ହଜାର ସରକାରୀ ସ୍କୁଲରେ ୪୫ ଲକ୍ଷ ପିଲାଙ୍କୁ ଦିଆଯାଉଛି ମଧ୍ୟାହ୍ନ ଭୋଜନ ସପ୍ତାହରେ ୨ଦିନ ଡାଲମା, ୨ଦିନ ସୋୟାବଡ଼ି ଓ ୨ ଦିନ ଗୋଟିଏ ଲେଖାଏଁ ଅଣ୍ଡା ଦିଆଯାଉଛି । ବଢୁଥିବା ଦରଦାମକୁ ଆଖି ଆଗରେ ରଖି ପିଲାଙ୍କୁ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ପର୍ଯ୍ୟାପ୍ତ ହେଉନାହିଁ । ତେଣୁ ଏହାକୁ ବଢାଯାଇ ପିଲା ପିଛା ୨୦ ଟଙ୍କା କରିବାକୁ ଅଭିଭାବକ ସଂଘ ଦାବି କରିଛି । ସ୍କୁଲରେ ଉପସ୍ଥାନ ବଢ଼ାଇବା ସହ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବାକୁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା। ହେଲେ ସରକାର ଯେଉଁ ଅନୁଦାନ ଦେଉଛନ୍ତି ଦରଦାମ ବୃଦ୍ଧି ଯୋଗୁଁ ତାହା ପର୍ଯ୍ୟାପ୍ତ ହେଉନଥିବା ଅଭିଯୋଗ ହେଉଛି ।

### ପୁଣି ଆଳୁ ଝମେଲା: ଓଡ଼ିଶା ବଜାରରୁ ଉଭାନ୍ ଆଳୁ, ବଜାରରେ ଦର ଚଢ଼ା

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ବଜାରରେ ପୁଣି ଆଳୁ ଅମୂଲ ମୂଲ। ଗୋଦାମରେ ବି ଆଉ ଷ୍ଟକ୍ ନାହିଁ। ମାତ୍ର ୩ ମାସ ନୟାଉଣୁ ପୁଣି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କର ବାହାରିଛି ପୁରୁଣା ରୋଗ। ଓଡ଼ିଶାକୁ ଆଳୁ ଗାଡ଼ି ପ୍ରବେଶ ଉପରେ ଲଗାଇଛନ୍ତି କଟକଣା। ଏପଟେ ଯୋଗାଣ ମନ୍ତ୍ରୀ କହିଲେଣି-ପଶ୍ଚିମବଙ୍ଗକୁ ଆଉ ଆଳୁ ମାଗିବୁନି, ୟୁପିରୁ ଆଳୁ ଆସିବା ଆରମ୍ଭ ହୋଇଛି। ପଞ୍ଜାବ ସରକାରଙ୍କ ସହ ବି ଯୋଗାଯୋଗ ଚାଲିଛି। ପୁଣି ଆଳୁ ଝମେଲା । ପଶ୍ଚିମବଙ୍ଗରୁ ଆଳୁ ଗାଡ଼ି ଆସୁନି । ତେଣୁ ବଜାରରେ ଦର ଚଢ଼ା ।

▶▶ପୃଷ୍ଠା ୭

## ମିଶନ-୩୬, ଆଉ ଭିଜନ-୩୬ ପାଇଁ ବାଟ ବତାଇଲେ ମୋଦି

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ଚର୍ଚ୍ଚାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଠଶାଳା। ହସି ହସି କହିଲେ ମଞ୍ଜ କଥା। ସାଧାରଣ କାର୍ଯ୍ୟକର୍ତ୍ତାରୁ ଦେଶର ପ୍ରଧାନମନ୍ତ୍ରୀ ଯାଏଁ ଯାତ୍ରା। ରାଜନୈତିକ ଜୀବନୀର କାହାଣୀ କହି ଦେଲେ ଗୁରୁମନ୍ତ୍ର। ମିଶନ-୩୬, ଆଉ ଭିଜନ-୩୬ ପାଇଁ ବାଟ ବତାଇଲେ ମୋଦି। ଝିଅ-ବୋହୂ ଉଦାହରଣ ଦେଇ ଆଚରଣ ଉଚ୍ଚାରଣ ସଜାଡ଼ିବାକୁ ପରାମର୍ଶ ଦେଇଥିଲେ। ଶୁକ୍ରବାର



ସଂଧ୍ୟାରେ ପ୍ରାୟ ଦୁଇ ଘଣ୍ଟା ଧରି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ବିଧାୟକ, ସାଂସଦ, ମନ୍ତ୍ରୀ ଓ ରାଜ୍ୟ ପଦାଧିକାରୀଙ୍କ ସହ ଆଲୋଚନା କରିଥିଲେ ପ୍ରଧାନମନ୍ତ୍ରୀ। କହିଥିଲେ,

▶▶ପୃଷ୍ଠା ୭

## କେଜ୍ରିୱାଲଙ୍କ ମୁହଁକୁ ପାଣି ଛାଟି ଯୁବକ ଅଟକ

ନୂଆଦିଲ୍ଲୀ, ୩୦/୧୧ : ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଉପରକୁ ପାଣି ଫିଙ୍ଗିଲେ ଯୁବକ। ଗ୍ରେଟର କୈଳାଶ ଅଞ୍ଚଳରେ କେଜ୍ରିୱାଲ ନିଜ ସମର୍ଥକଙ୍କ ଗହଣରେ ଯାଉଥିବା ସମୟରେ ଏଭଳି ଘଟଣା ଘଟିଛି। ଏହାପରେ ଘଟଣାସ୍ଥଳରେ ସାମାନ୍ୟ ଉତ୍ତେଜନା ସୃଷ୍ଟି ହୋଇଥିଲା। ପାଣି ଫିଙ୍ଗିଥିବା ଯୁବକକୁ ସୁରକ୍ଷାକର୍ମୀ ଧରିପକାଇଥିଲେ। ତେବେ ଏହାକୁ ନେଇ ଆମ୍ ଆଦମୀ ପାର୍ଟି ବିଜେପିକୁ ଦାୟୀ କରିଛି। ପୁଲିସ କହିବା ଅନୁଯାୟୀ, କେଜ୍ରିୱାଲ ତାଙ୍କ ସମର୍ଥକଙ୍କ ସହ



ଗ୍ରେଟର କୈଳାଶର ମାଲବୀୟ ନଗର ଅଞ୍ଚଳରେ ବୁଲୁଥିବା ବେଳେ ଏହି ଘଟଣା ଘଟିଥିଲା। ଅଭିଯୁକ୍ତର ନାମ ଅଶୋକ ଝା। ଏହି ସମୟରେ ଅଶୋକ ହାତରେ ଏକ ଗ୍ଲାସ ଥିଲା, ଯେଉଁଥିରେ ଥିବା ପାଣିକୁ ସେ କେଜ୍ରିୱାଲଙ୍କ ଉପରକୁ ଫିଙ୍ଗିବାକୁ ଚେଷ୍ଟା କରିଥିଲା। କେଜ୍ରିୱାଲଙ୍କ ସମେତ ତାଙ୍କ ସହ ଉପସ୍ଥିତ ଅନ୍ୟ ନେତା ତଥା ସୁରକ୍ଷାକର୍ମୀଙ୍କ ଉପରେ ମଧ ଏହି ପାଣି ପଡ଼ିଥିଲା। ଅଭିଯୁକ୍ତକୁ ଅଟକ ରଖି ପଚରାଉଚରା କରାଯାଉଛି ବୋଲି ପୁଲିସ କହିଛି। ଦେଶର ରାଜଧାନୀରେ ପୂର୍ବତନ ମୁଖ୍ୟମନ୍ତ୍ରୀ ମଧ ସୁରକ୍ଷିତ ନୁହନ୍ତି ବୋଲି କହି ବିଜେପିକୁ ଟାର୍ଗେଟ କରିଛି ଆମ୍ ଆଦମୀ ପାର୍ଟି। ଆପ୍ ସାଂସଦ ରାଘବ ଚଢା କହିଛନ୍ତି ଯେ ଗତକାଲି ଅରବିନ୍ଦ କେଜ୍ରିୱାଲ ଦିଲ୍ଲୀର ଆଇନ ଶୃଙ୍ଖଳା ବିଗିଡିବା ଘଟଣାରେ ସ୍ୱର ଉତ୍ତୋଳନ କରିଥିଲେ ଏବଂ ଆଜି ତାଙ୍କ ଉପରେ ଆକ୍ରମଣ ହୋଇଗଲା। ଏହା ଅତ୍ୟନ୍ତ ନିନ୍ଦନୀୟ। ଗଣତାନ୍ତ୍ରିକ ରାଜନୀତିରେ ହିଂସାର ସ୍ଥାନ ନାହିଁ, ଅରବିନ୍ଦ କେଜ୍ରିୱାଲଙ୍କ ସହ କୋଟି କୋଟି ଲୋକଙ୍କ ଆଶୀର୍ବାଦ ରହିଛି। ଯାହାଙ୍କର ରକ୍ଷା ସ୍ୱୟଂ ଈଶ୍ୱର କରନ୍ତି, ତାଙ୍କର କେହି କିଛି କ୍ଷତି କରିପାରିବେ ନାହିଁ। ଅନ୍ୟପଟେ ଦିଲ୍ଲୀ ସରକାରରେ ମନ୍ତ୍ରୀ ସୌରଭ ଭରଦ୍ୱାଜ କହିଛନ୍ତି ଯେ ବିଜେପି ନେତାମାନେ କ୍ରମାଗତ ଭାବରେ ପ୍ରତ୍ୟେକ ରାଜ୍ୟରେ ରାଲି ଓ ପଦଯାତ୍ରା କରନ୍ତି, ସେମାନଙ୍କୁ କେବେ ଆକ୍ରମଣ କରାଯାଏ ନାହିଁ। ହେଲେ ଅରବିନ୍ଦ କେଜ୍ରିୱାଲଙ୍କୁ କ୍ରମାଗତ ଭାବେ ଆକ୍ରମଣ କରାଯାଉଛି। ଦିଲ୍ଲୀର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନ ଉଠାଇ ଭରଦ୍ୱାଜ କହିଛନ୍ତି ଯେ ଦିଲ୍ଲୀରେ କ୍ରମାଗତ ଭାବରେ ବିଭିନ୍ନ ବର୍ଗର

▶▶ପୃଷ୍ଠା ୭

# ଆରଏସପି ଆନୁକୂଲ୍ୟରେ ବିଶ୍ରା ବ୍ଲକରେ ସିନର୍ଜି ଲୋକ ସାଂସ୍କୃତିକ ମହୋତ୍ସବ ଆୟୋଜିତ: ଉଡୁସୁ ଗ୍ରାମର ଆରତୀ ନୃତ୍ୟ ଦଳ ଚମ୍ପିୟାନ




ରାଉରକେଲା, ୩୦/୧୧ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନାର ସିଏସଆର ବିଭାଗ ଦ୍ୱାରା ବିଶ୍ରା ବ୍ଲକ ଅନ୍ତର୍ଗତ ତୁଳସୀକାନି ଗ୍ରାମରେ ନଭେମ୍ବର ୨୯ ତାରିଖରେ ଆୟୋଜିତ ଜୋନ ସ୍ତରୀୟ "ସିନର୍ଜି ଲୋକସାଂସ୍କୃତିକ ମହୋତ୍ସବ"ରେ ବିଭିନ୍ନ ଗାଁଆର ୩୦ଟି ନୃତ୍ୟ ଦଳ ଉତ୍ସାହ ସହକାରେ ଅଂଶଗ୍ରହଣ କରିଥିଲେ । ଏହାର ଉଦଯାପନୀ ଉତ୍ସବରେ ଆରଏସପି ଗୁଣବତ୍ତା ବିଭାଗର ସି ଜି ଏମ ଶ୍ରୀ ଆଡିଶ ଚନ୍ଦ୍ର ସରକାର ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ । ଉତ୍ସବରେ ମାନବ ସମ୍ବଳ ଅଣ କାର୍ଯ୍ୟ ସିଏଫ ବିଭାଗର ଜିଏମ ଇନ ଚାର୍ଜ, ଡକ୍ଟର ପି କେ ସାହୁ ସମ୍ମାନିତ ଅତିଥି ଥିଲେ। ଏହି ଅବସରରେ ସିଏସଆର ବିଭାଗର ଜିଏମ ଇନ ଚାର୍ଜ ସୁଶ୍ରୀ ମୁନମୁନ ମିତ୍ର, ଜିଏମ ଶ୍ରୀ ବିଭାବସୁ ମଲ୍ଲିକ, ଏଜିଏମ ଶ୍ରୀ ଟି ବି ଟପ୍ପୋ ଓ ଶ୍ରୀ ଏ ଏନ ପତି ଏବଂ ସିଏସଆର ବିଭାଗର ଅନ୍ୟ ଅଧିକାରୀ ଓ ଷ୍ଟାଫ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ତଥା ଗ୍ରାମର ବିଶିଷ୍ଟ ବ୍ୟକ୍ତିମାନେ ମଧ୍ୟ ଉପସ୍ଥିତ ଥିଲେ। ନିଜର ବକ୍ତବ୍ୟରେ ଶ୍ରୀ ସରକାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଋଦ୍ଧିମନ୍ତ ଆଦିବାସୀ ସଂସ୍କୃତି ଓ ପରମ୍ପରାର ସଂରକ୍ଷଣ ତଥା ସାଂସ୍କୃତିକ ଐତିହ୍ୟର ପ୍ରୋତ୍ସାହନ ପାଇଁ ସିଏସଆର ବିଭାଗ ପ୍ରୟାସର ଉଚ୍ଚ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ନୃତ୍ୟ ଦଳଗୁଡିକୁ ପୁରସ୍କାର ପ୍ରଦାନ କରିଥିଲେ। - ଉଡୁସୁ ଗ୍ରାମର ଆରତୀ ନୃତ୍ୟ ଦଳ ପ୍ରଥମ ପୁରସ୍କାର ଆକାରରେ ୧୦୦୦୦ ଟଙ୍କା ପୁରସ୍କାର ରାଶି ଏବଂ ଚମ୍ପିୟାନ ଟ୍ରଫି ଲାଭ କରିଥିବାବେଳେ ଉଡୁସୁ ଗ୍ରାମର ସଞ୍ଜିତା ନୃତ୍ୟ ଦଳ ଦ୍ୱିତୀୟ ପୁରସ୍କାର ରୂପେ ୮୦୦୦ ଟଙ୍କା ପୁରସ୍କାର ରାଶି ଓ ଟ୍ରଫି ଲାଭ କରିଥିଲା। ସାରୁବାହାଲ ଗ୍ରାମର ଲକ୍ଷ୍ମୀ ନୃତ୍ୟ ଦଳ ତୃତୀୟ ପୁରସ୍କାର ଆକାରରେ ୬୦୦୦ ଟଙ୍କା ପୁରସ୍କାର ରାଶି ଓ ଟ୍ରଫି ଲାଭ କରିଥିଲା। ଅଂଶଗ୍ରହଣକାରୀ ଅବଶିଷ୍ଟ ଦଳଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ରୂପେ ପ୍ରତ୍ୟେକ ଦଳକୁ ୨୫୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏହି ନୃତ୍ୟ ଉତ୍ସବ ତୁଳସୀକାନି ଗ୍ରାମର ସୁସେନା ସ୍ୱୟଂ ସହାୟକ ଗୋଷ୍ଠୀ ସହଯୋଗରେ ଆରଏସପି ସିଏସଆର ବିଭାଗ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ସୁଶ୍ରୀ ମୁନମୁନ ମିତ୍ରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଶ୍ରୀ ଟି ବି ଟପ୍ପୋ ଧନ୍ୟବାଦ ଜ୍ଞାପନ କରିଥିଲେ। ଫିଲ୍ଡ ଆସିଷ୍ଟାଣ୍ଟ ଶ୍ରୀ ବି ଏକ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବହୁ ସଂଖ୍ୟାରେ ସ୍ଥାନୀୟ ତଥା ଆଖପାଖ ଗାଁ ଲୋକ ଏହି ନୃତ୍ୟୋତ୍ସବର ଆନନ୍ଦ ନେଇଥିଲେ।

# ବେତଡା ହାଇସ୍କୁଲରେ ବ୍ଲକ୍ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ




ବାସୁଦେବପୁର, ୩୦/୧୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ବେତଡା ପରିସରରେ ବ୍ଲକ୍ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି । ଉଦଘାଟନ ଉତ୍ସବରେ ବ୍ଲକ୍ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ ବାସୁଦେବପୁରର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ । ବିଧାୟକ ଶ୍ରୀ ଶ୍ରୀ ଦାସ ତାଙ୍କ ବକ୍ତବ୍ୟରେ କହିଲେ ଭାରତ ବର୍ଷର ପ୍ରଖ୍ୟାତ ବୈଜ୍ଞାନିକ ଅବଦୁଲ୍ କାଲାମ ଙ୍କୁ ଜୀବନରେ ଭୁଲିହେବ ନାହିଁ । ଅଗ୍ନିର ଡେଣାରେ ସେ ଉଡୁଥିଲେ ଓ ଭାରତ ବର୍ଷର ବିକାଶ ପାଇଁ ସ୍ୱପ୍ନ ଦେଖୁଥିଲେ । ଜୟ ଯବାନ, ଜୟ କିସାନ, ଜୟ ବିଜ୍ଞାନ । ବିଶେଷ ଅତିଥି ଭାବେ ଯୋଗ ଦେଇ ଥିଲେ ବ୍ଲକ୍ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ । ଡକ୍ଟର ଉମା ଶଙ୍କର ନାୟକ, ଜିଲ୍ଲା ପରିଷଦ ସଭ୍ୟା ଜୟନ୍ତୀ ବାରିକ, ବରଣ୍ଡୁଆ ଗ୍ରାମ ପଞ୍ଚାୟତ ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଲ୍ଲିକ, ବ୍ଲକ ବିଜ୍ଞାନ ସଂଯୋଜକ ପୂର୍ଣ୍ଣ ଚନ୍ଦ୍ର ପାଣିଗ୍ରାହୀ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉର୍ମିଳା କର, ତପନ ଦ୍ୱିବେଦୀ, ଅମୀୟ କୁମାର ମହାଳିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଶିକ୍ଷକ ଗୟାଧର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଶିକ୍ଷକ ଦୈତାରୀ ବେହେରା ଅତିଥି ମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ । ଏହି ଅବସରରେ ବରିଷ୍ଠ ବିଜ୍ଞାନ ଶିକ୍ଷକ ପ୍ରମୋଦ କୁମାର ପାଢ଼ୀ ଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ନରସିଂହପୁର ଉ ପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶାନ୍ତିଲତା ପଣ୍ଡା ମାନପତ୍ର ପାଠ କରିଥିଲେ । ଉଦଯାପନ ଉତ୍ସବରେ ବାରାପୁର ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧାପକ ରାଜ କିଶୋର ନାୟକ, ବିଡ଼ିଓ ସଞ୍ଜୀବ କୁମାର ସାହୁ, ସଂଯୋଜକ ପ୍ରଶାନ୍ତ ମଲ୍ଲିକ, କେ କେ ଇନଷ୍ଟିଚ୍ୟୁଟ୍ ର ନିର୍ଦ୍ଦେଶକ ତଥା ରସାୟନ ବିଜ୍ଞାନ ମାଷ୍ଟର କରୁଣାକର ପାତ୍ର ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ଛାତ୍ର ଛାତ୍ରୀ ଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ । ଏହି ବିଜ୍ଞାନ ମେଳା ରେ ୨୫୦ ଟି ପ୍ରକଳ୍ପ ସ୍ଥାନ ପାଇଥିଲା । ଏହି ମେଳାରେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇ ଥିଲା । ଶେଷରେ ସି ଆର ସି ସି ଅଶୋକ କୁମାର ନାୟକ ସମସ୍ତ ଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ । ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଏହି ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ ।

# ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ



ଭୋଗରାଇ, ୩୦/୧୧ (ନି.ପ୍ର): ଭୋଗରାଇ ବ୍ଲକ ଅନ୍ତର୍ଗତ ସୁଲତାନପୁର ପଂଚାୟତ ରେ ଅବସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଏକ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ପ୍ରଦର୍ଶନୀରେ ଶିକ୍ଷାର୍ଥୀମାନେ ବିଭିନ୍ନ ବୈଜ୍ଞାନିକ ଆବିଷ୍କାର, ମଡେଲ ଓ ପ୍ରକଳ୍ପ , ୪୫ ଟି ଦେଖାଇ ମଣିଷ ଜୀବନରେ ବୈଜ୍ଞାନିକ ଗୁଣାବଳୀର ଗୁରୁତ୍ୱ ଆଲୋକପାତ କରିଥିଲେ। ପ୍ରଦର୍ଶନୀରେ ଆଞ୍ଚଳିକ ସାଧନ କେନ୍ଦ୍ର ସୁଲତାନପୁର ର ସଂଯୋଜକ ମୁଖ୍ୟଅତିଥି ଶ୍ରୀଯୁକ୍ତ ଜଗଦୀଶ ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ କ୍ଷ ଉକ୍ତ ଉଦ୍ଘାଟନ ଉତ୍ସବ ରେ ବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ସୁଧାଂଶୁ ଶେଖର ଦାସ ଆଜିର ଦିବସ ସମ୍ପର୍କ ରେ ସମ୍ୟକ ଧାରଣା ଦେଇଥିଲେ । ବିଜ୍ଞାନ ପ୍ରଦର୍ଶନୀ ରେ ଭାଗ ନେଇଥିବା କୁନିକୁନି ବୈଜ୍ଞାନିକ ମାନଙ୍କର ପ୍ରକଳ୍ପ ଗୁଡିକ ର ମୂଲ୍ୟାୟନ ନିମନ୍ତେ ଶାରଦା ରମାନାଥ ବିଦ୍ୟାପୀଠ, ବାଗରୁଖି ର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ସୁଧାଂଶୁ ଶେଖର ବେଜ, ଉକ୍ତ ବିଦ୍ୟାପୀଠର ଗଣିତ ଶିକ୍ଷକ ଭାରତ ଭୂଷଣ ଦାସ ଏବଂ ବ୍ରଜମୋହନ ଏକାଡେମୀ କଖଡ଼ା ର ବିଜ୍ଞାନ ଶିକ୍ଷକ ଶ୍ରୀଯୁକ୍ତ ସୌଭାଗ୍ୟ ରଞ୍ଜନ ଦେ ଉପସ୍ଥିତ ହୋଇ ସେମାନେ ସେମାନଙ୍କ ମନ୍ତବ୍ୟରେ ସମସ୍ତ ବୈଜ୍ଞାନିକ ଚିନ୍ତାଧାରା ଓ ଆବିଷ୍କାର ମାଧ୍ୟମରେ ଦେଶ ଓ ସମାଜ କୁ ଉନ୍ନତ ହୋଇପାରିବ।

# ବାଇକ୍ ଚୋରି ରାକେଟର ଦୁଇ ଗିରଫ: ୪ ବାଇକ୍ ଜବତ

ଖୋର୍ଦ୍ଧା, ୩୦/୧୧ (ନି.ପ୍ର): ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ବାଇକ ଚୋରି ରାକେଟର ଦୁଇ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୪ଟି ବାଇକ ଜବତ କରିଛି। ଅଭିଯୁକ୍ତ ଦୁଇ ଜଣ ହେଲେ ନିଜିଗଡ ତପାଙ୍ଗର ବିଦ୍ୟାଧର ନାୟକ ଓ ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ଭାଲିଆବାଡି ଗାଁ ର ମନୋରଂଜନ ଗୁରୁ। ସୂଚନା ମୁତାବକ, ବିଦ୍ୟାଧର ଓ ମନୋରଂଜନ ଖୋର୍ଦ୍ଧା ସହର ଓ ଏହାର ଆଖପାଖ ଅଂଚଳରୁ ସୁବିଧା ସୁଯୋଗ ଦେଖି ବାଇକ୍ ଚୋରି କରି ଫେରାର୍ ହୋଇଯାଇଥିଲେ।

# ଖୋର୍ଦ୍ଧା ବରିଷ୍ଠ ନାଗରିକ ମଞ୍ଚ ସାଧାରଣ ସଭା

ଖୋର୍ଦ୍ଧା , ୩୦/୧୧ (ନି.ପ୍ର): ଅସ୍ଥାୟୀ ଗୃହରେ ସାଧାରଣ ସଭା କରାଯାଇ ଥିଲା। ଉକ୍ତ ସଭାରେ ସ୍ଥାୟୀ ସଭାପତି ଓ ସମ୍ପାଦକ ଶ୍ରୀଯୁକ୍ତ ରାମ ଶଙ୍କର ପରିଚାଳନା କରିଥିଲେ ।ପ୍ରାୟ ଦୁଇ ସହ ବରିଷ୍ଠ ନାଗରିକ ସଭ୍ଯ ଯୋଗ ଦେଇ ଥିଲେ। ସଭାର ମୁଖ୍ୟ ଉଦ୍ଦେଶ୍ୟଥିଲା ବରିଷ୍ଠ ନାଗରିକ ସ୍ଥାୟୀ ଗୃହ କିପରି ଶେଷ ହେବ ଆସନ୍ତା ନୂଆ ବର୍ଷ ଜାନୁୟାରୀ ପଚିଶି ରେ ଗୃହ ପ୍ରତିଷ୍ଠା ଓ ପ୍ରବେଶ ହେବ। ପ୍ରାୟ ନବେ ଭାଗ କାମ ଶେଷ ହୋଇ ସାରିଛି। ଆଉ ଦଶ ଭାଗ ପାଇଁ ଅତିକମରେ ଦଶ ଲକ୍ଷ ଆବଶ୍ୟକ ପଡୁ ଅଛି। ଯେପରି ଆଗରୁ ପ୍ରତ୍ୟେକ ସଭ୍ଯ ନିଜ ଇଚ୍ଛା ରେ ଚାନ୍ଦା ଦେଇ ପ୍ରାୟ ତିରିଶି ଲକ୍ଷ ଦେଇ ଥିଲେ । ସେପରି ଆଉ କିଛି ଟଙ୍କା ଦେଲେ ଘର କମ ଶେଷ ଉକ୍ତ ଡିସେମ୍ବର ମାସରେ ଶେଷ ହେବ ଓ ଜାନୁଆରୀ ଦୁଇ ହାଜର ପଚିଶି ରେ ପ୍ରତିଷ୍ଠା କରାଯିବ ଆଶା ଓ ବିଶ୍ୱାସ ପ୍ରସ୍ତାବ ରହିଲା। ଖୋର୍ଦ୍ଧା ବରିଷ୍ଠ ନାଗରିକ ମଞ୍ଚର ସଭ୍ୟ ସଂଖ୍ୟା । ପ୍ରାୟ ପାଞ୍ଚଶହ ହୋଇ ଥିବାରୁ ନିଜ ଇଛା ଅନୁସାରେ କିଛି କିଛି ଦେଲେ ଅର୍ଦ୍ଧ ଅଭାବ ଦୂର ହେବ। ସମସ୍ତ ସଭ୍ୟ ଉଚ୍ଚ ସ୍ୱରରେ ତାଳି ମାଳି ଗ୍ରହଣ କରିଥିଲେ। ବରିଷ୍ଠ ନାଗରିକ ବହୁ ସଭ୍ୟ ପେନସନ ଭୋଗୀ ହୋଇ ଥିବାରୁ ଆଶା ବିଶ୍ୱାସ ପୂରଣ ହେବ। ସୌଭାଗ୍ୟକୁ ଆମ ଖୋର୍ଦ୍ଧା ଯୁବ ବିଧାୟକ ଶ୍ରୀଯୁକ୍ତ ପ୍ରଶାନ୍ତ ଯୋଗଦେବେ (ଗଣେଶ)ଆସି ସଭାରେ ଯୋଗ ଦେଇ ଦେଇଥିଲେ । ସେ ତାଙ୍କ ଉକ୍ତିରେ ବହୁ ମୂଲ୍ୟ କଥା କହି ଥିଲେ। ଖୋର୍ଦ୍ଧା ସହରକୁ ସରସ ସୁନ୍ଦର କରିବା ତାଙ୍କ ଇଛା। ବରିଷ୍ଠ ନାଗରିକ ଓ ବୁଦ୍ଧି ଯିବି ଦଳ ମତ ନିର୍ବିଶେଷରେ ସହଯୋଗ କଲେ ଖୋର୍ଦ୍ଧା ସହର ହସି ଉଠିବ। ସେ ତାଙ୍କ ପୁରା ସାହଯ୍ୟ ବରିଷ୍ଠ ନାଗରିକ ମଞ୍ଚକୁ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମସ୍ତ ସଭ୍ୟ ତାହାକୁ ଗ୍ରହଣ କରି ଖୁସି ପ୍ରକଟ କରି ଥିଲେ। ପ୍ରକାଶ ଥାଉକି ଖୋର୍ଦ୍ଧା ବରିଷ୍ଠ ନାଗରିକ ଶ୍ରୀଯୁକ୍ତ ରାମ ଶଙ୍କର ଉଦ୍ୟମ ଯୋଗୁ ଉକ୍ତ ବରିଷ୍ଠ ନାଗରିକ ମଞ୍ଚ କୋଠା ଏଗାର ମାସରେ ଶେଷପର୍ଯ୍ୟାୟରେ ପହଂଚି ଆସିଛି। ଉକ୍ତ ଡିସେମ୍ବର ମାସ ଶେଷ ହେବ ବୋଲି ଦୃଢ ଉକ୍ତି ରାମଶଙ୍କର ବାବୁ ପ୍ରକାଶ କରିଛନ୍ତି। ସେ ମହାଶୟ ଙ୍କ ଅବଦାନ ଖୋର୍ଦ୍ଧା ସହର ପାଇଁ ପ୍ରସଂଶା ଯୋଗ୍ୟ। ଜଗନ୍ନାଥ ତାଙ୍କର ସ୍ୱାସ୍ଥ୍ୟ ଭଲ ରଖିବା ସହ ଦୀର୍ଘାୟୁ ସମସ୍ତ ସଭ୍ୟ ପ୍ରକାଶ କରିଥିଲେ। ଧନ୍ୟବାଦ ସହ ସଭା ସାଙ୍ଗ କରିଥିଲେ। ଶ୍ରୀଯୁକ୍ତ ରାମଶଙ୍କର ତାଙ୍କ ନିଜ ଗୃହରେ ସମସ୍ତ ସଭ୍ୟଙ୍କ ଖାଦ୍ୟ ଓ ପାନୀୟ ବ୍ଯବସ୍ଥା କରିଥିଲେ।

# ୧୬ ବର୍ଷରୁ କମ ଓଡ଼ିଶା ଦଳରେ ଖୋର୍ଦ୍ଧା ଜିଲ୍ଲାର ପୀୟୂଷ ବଳିଆରସିଂ

ଖୋର୍ଦ୍ଧା, ୩୦/୧୧ (ନି.ପ୍ର): ବିଜୟ ମର୍ଚ୍ଚାଂଟ ଟ୍ରଫି ପାଇଁ ୧୬ ବର୍ଷରୁ କମ ବୟସ ର ଖେଳାଳି ପାଇଁ ଘୋଷିତ ଦଳରେ ଖୋର୍ଦ୍ଧା ଜିଲ୍ଲାରୁ ପୀୟୂଷ ବଳିଆରସିଂ ମନୋନୀତ ହୋଇଛନ୍ତି। ମଧ୍ୟମ ଗତିର ସ୍ୱିଙ୍ଗ ବୋଲର ଏବଂ ନିମ୍ନ ଭାଗରେ ଜଣେ ଉପଯୋଗୀ ବ୍ୟାଟ୍ସମ୍ୟାନ୍ ଭାବେ ପରିଚିତ ପୀୟୂଷ ବାଲ୍ୟକାଳରୁ କୋଚ୍ କାର୍ତିକ ଜେନା ଏବଂ ପରେ ସୌମେନ୍ଦ୍ର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶିକ୍ଷିତ ହୋଇ ଏହି ସଫଳତା ହାସଲ କରିପାରିଛନ୍ତି। ନିଜିଗଡ ତାପଙ୍ଗ ର ପ୍ରବୀଣ ବଳିଆର ସିଂ ଓ ସଂଘମିତ୍ରା ବଳିୟାର ସିଂ ଙ୍କ ପୁତ୍ର ପୀୟୂଷ ଆନ୍ତଃ ଜିଲ୍ଲା ସ୍କୁଲ କ୍ରିକେଟ୍ ରେ ଏବଂ ପରବର୍ତୀ ପର୍ଯ୍ୟାୟରେ ସୁପର ଲିଗ୍ କ୍ରିକେଟ୍ ରେ ସଫଳତା ପାଇଁ ଓଡ଼ିଶା ଦଳର ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିବାରୁ ଖୋର୍ଦ୍ଧା ଜିଲ୍ଲା କ୍ରିକେଟ୍ ସଂଘ ର ସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଏବଂ ସଂଘର ସମ୍ପାଦକ ତଥା ଓ ସି ଏ ର କୋଷାଧକ୍ଷ ବିକାଶ ପ୍ରଧାନ ତାଙ୍କର ଉତରୋତର ଉନ୍ନତି କାମନା କରିଛନ୍ତି। ଖୋର୍ଦ୍ଧା ଜିଲ୍ଲା କ୍ରିକେଟ ପ୍ରେମୀ ମାନଙ୍କ ମଧ୍ୟରେ ଉତ୍ସାହ ବଢିବା ସହ ଆଗାମୀ ଦିନରେ ଖୋର୍ଦ୍ଧା ମିନି ଷ୍ଟାଡିୟମରେ ପିଲା ବେଳୁ କ୍ରିକେଟ୍ ଶିଖିବା ପାଇଁ କମ ବୟସ୍କ ପିଲାମାନେ ଉତ୍ସାହିତ ହେବେ ନିଶ୍ଚୟ।

# ଜଉକଣ୍ଢେଇ ଶିଳ୍ପୀ କନକଲତା ଦାସ ପାଇଲେ କଳିଙ୍ଗ କନ୍ୟା ସମ୍ମାନ ୨୦୨୪



ବାଲେଶ୍ୱର , ୩୦/୧୧ (ନି.ପ୍ର): ଓଡ଼ିଶାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ପ୍ରତିଭା ସମ୍ମାନ ଓଡ଼ିଶା ଟ୍ରଷ୍ଟ, ଭୁବନେଶ୍ୱର ତରଫରୁ ବାଲେଶ୍ୱରୀ ଜଉକଣ୍ଢେଇ ଗୁରୁ କନକଲତା ଦାସ ପାଇଲେ କଳିଙ୍ଗ କନ୍ୟା ସମ୍ମାନ ୨୦୨୪ । ଭୁବନେଶ୍ୱର ସ୍ଥିତ ଇଞ୍ଜିନିୟରସ୍ ଭବନର ସମ୍ମିଳନୀ କକ୍ଷରେ ଭବ୍ୟ ଓ ଆକର୍ଷଣୀୟ ସଭାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ବିଭିନ୍ନ ବର୍ଗ ଓ ବିଭାଗର ୧୦୦ ଜଣ ମହିଳା ପ୍ରତିଭାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ, ମାନପତ୍ର ଓ କଳିଙ୍ଗ କନ୍ୟା ପୁସ୍ତକ ପ୍ରଦାନ କରାଯାଇଥିଲା । ମୁଖ୍ୟ ଅତିଥି ଭାବରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଯୋଗ ଦେଇଥିବା ବେଳେ ଟ୍ରଷ୍ଟର ସଭାପତି ଡ଼ ଅଶୋକ ମହାପାତ୍ର ସଭାପତିତ୍ୱ କରିଥିଲେ । ଅନ୍ୟତମ ଅତିଥି ଭାବରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ଼ କୁମରବ୍ର ଦାସ, ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଡ଼ ସବିତା ପ୍ରଧାନ ଯୋଗଦେଇ ଓଡ଼ିଆ ଅସ୍ମିତା ସୁରକ୍ଷା ସହ ଗ୍ରାମୀଣ ଓଡ଼ିଶାକୁ ସୁସ୍ଥ ଓ ସୁନ୍ଦର ରଖିବାର ଅବଦାନ ପାଇଁ ଏହି କଳିଙ୍ଗ କନ୍ୟା ମାନଙ୍କର ଅବଦାନ ଅତୁଳନୀୟ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। କନକଲତା ସହ ବାଲେଶ୍ୱରର ଆଇନଜୀବୀ ସ୍ନେହଲତା ଦାସ ପତି, ମୁକ୍ତା ଚାଷୀ ନୀନା ସିଂହ, ଝୋଟ କାରିଗର ଜୟନ୍ତୀ ନାୟକ, ବାଉଁଶ କାରିଗର ସରୋଜିନୀ ଦାସ, ପେଡିକ୍ରାଫ୍ଟ କାରିଗର ମିନତୀ ଦାସଙ୍କୁ ମଧ୍ୟ କଳିଙ୍ଗ କନ୍ୟା ସମ୍ମାନ ୨୦୨୪ ପାଇଥିଲେ। ଶ୍ରୀମତୀ ଦାସଙ୍କୁ ବାଲେଶ୍ୱରର ସମସ୍ତ କଳା ସଂସ୍କୃତି ପ୍ରେମୀ, ଜଉକଣ୍ଢେଇ ବାହାଘର ଉତ୍ସବ କମିଟିର ସଦସ୍ୟ ସଦସ୍ୟା ଓ ସମସ୍ତ ଜଉକଣ୍ଢେଇ ଶିଳ୍ପୀ ଶୁଭେଚ୍ଛା ଜଣାଇଛନ୍ତି।

# ୟୁନିଅନ ବ୍ୟାଙ୍କ୍ କ୍ୟାସିୟରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା




ବସ୍ତା, ୩୦/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ୟୁନିୟନବ୍ଯାଙ୍କ ଶାଖା କ୍ୟାସିୟର ଶ୍ରୀଯୁକ୍ତ ନାରାୟଣ ବାରିକଙ୍କ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ ବ୍ୟାଙ୍କ ଠାରେ ଶାଖା ପରିଚାଳକ ଶଶିକାନ୍ତ ଶିଅଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପରିବେଶବିତ ତଥା ସମାଜସେବୀ ସୁମନ୍ତ କୁମାର ଜେନା ଯୋଗ ଦେଇ ଶ୍ରୀଯୁକ୍ତ ବାରିକ ଜଣେ ଦକ୍ଷ କର୍ମଚାରୀ ସହିତ ସଚ୍ଚୋଟ ମେଳାପୀ କର୍ମୀ ଥିଲେ ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବେ ବସ୍ତା ପ୍ରେସ୍ କ୍ଲବ୍ ସଭାପତି ବିଜୟକୁମାର ଭୂୟାଁ,ଗାନ୍ଧିଛକ ବଣିକସଂଘର ସଭାପତି ବିଦ୍ଯାଧର ଦେ ଶିକ୍ଷାବିତ୍ ନଗେନ୍ ବିହାରୀ ଜେନା, ବିଭୂତି ନାୟକ,ଦିଲ୍ଲୀପ କୁମାର ଦେ, ୟୁନିୟନ ବ୍ଯାଙ୍କ ସହକାରୀ ପରିଚାଳକ ଇସିତା ପାଲ.ପି ଓ ସାଗର ଭୂତିଆ ଭଗିରଥ ବେହେରା.ୟୁନିୟନର ଏ ଆଇ ବି ଇ.ଏ (ଅଶୋବିୟୁ) ସଭାପତି ସୁଦର୍ଶନ ଜେନା,ସମ୍ପାଦକ ଧର୍ମେନ୍ଦ୍ର ସାହୁ ସମେତ ବହୁ ସଂଖ୍ଯାରେ ବ୍ୟାଙ୍କ ଗ୍ରାହକ ଉପସ୍ଥିତ ରହି ଦୁଃଖ ପ୍ରକାଶ କରି ଶ୍ରୀଯୁକ୍ତ ବାରିକଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ତାଙ୍କ ବିଦାୟ ରେ ବ୍ୟାଙ୍କ ଜଣେ ଭଲ କର୍ମଚାରୀ ର ସେବାରୁ ବଞ୍ଚିତ ହେଲାବୋଲି ପ୍ରକାଶ କରିଥିଲେ । ପ୍ରକାଶଥାଉକି ରେମୁଣା ବ୍ଲକ୍ ମୁହାରାଜପୁର ପଞ୍ଚାୟତ ରାମପୁର ଗ୍ରାମର ନାରାୟଣ ବାରିକ ଆର୍ମି ସର୍ଭିସ ରୁ ଅବସରପରେ ୧୫ବର୍ଷ୮ମାସ ଧରି କେସିଅର ଭାବେ କାର୍ଯ୍ଯକରି ଆଜି ଅପରାହ୍ନରେ ଅବସର ନେଲେ । ଶେଷରେ ବ୍ୟାଙ୍କ୍ କର୍ମଚାରୀ ସାଗର ଭୂତିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ବରଗଡ଼ ଜିଲାରେ ଧାନ କିଣାବିକା ଦଲାଲ ମୁକ୍ତ ନୁହେଁ

ବରଗଡ଼, ୩୦/୧୧ (ନି.ପ୍ର): ବରଗଡ଼ ଜିଲାରେ ଧାନ କିଣାବିକା ଦଲାଲ ମୁକ୍ତ ନୁହେଁ କାରଣ ଆଜି ଗୁଡେସିରା ମାର୍କେଟ ୟାଡ ର ହେମାଲୀ ମାନେ ସିଧା ସଲଖ ଚାଷୀ ର ଧାନ ଅନଲୋଡ଼ ନ ହୋଇ ମିଲ କୁ ଯାଉଛି ବୋଲି ଅତିରିକ୍ତ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ।ସେମାନେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ମଣ୍ଡି ଆରମ୍ଭ ରୁ ସେମାନେ ହେମାଲୀ କାମ କରି ଗୁଜୁରାଣ ମେଣ୍ଟାଉଥିଲେ। ହେଲେ ଚଳିତ ବର୍ଷ ମଣ୍ଡି ପରିଚାଳକ ଆଉ ଧାନମଣ୍ଡିରେ ଧାନରଖୁ ନାହାଁନ୍ତି ଯେଉଁ ଚାଷୀ ଧାନ ଆଣୁଛନ୍ତି ସିଧାସଲଖ ରାଇସ ମିଲ କୁ କୌଣସି ପରୀକ୍ଷା ନିରୀକ୍ଷା ନ କରି ପଠାଇ ଦେଉଛନ୍ତି। ଯେହେତୁ ଆଗରୁ ଧାନ ଅନଲୋଡ଼ ହୋଇ ପରୀକ୍ଷା କରାଯାଇ ପରେ ମିଲ କୁ ପଠାଯାଉଥିଲା ସେଥିପାଇଁ ହେମାଳୀମାନଙ୍କ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଥିଲା ହେମାଳୀ ମାନେ ଧାନ ଅନଲୋଡ଼ କରୁଥିଲେ ବସ୍ତା ରେ ଭର୍ତ୍ତି କରି ଓଜନ କରି ମିଲ କୁ ପଠାଇବା ପାଇଁ ପୁଣି ଗାଡ଼ିରେ ଲୋଡ଼ କରୁଥିଲେ। ଏହି କାମ କରିବା ପାଇଁ ସରକାରଙ୍କ ନିୟମ ଅନୁସାରେ ଲେବର ମାନଙ୍କୁ ପରିଶ୍ରମିକ ମିଳିଥାଏ ହେଲେ ଚଳିତ ବର୍ଷ ଆଉ ସେହି ମଣ୍ଡି ପରିଚାଳନା କରାଯାଉ ନାହିଁ ସିଧା ସଳଖ ଧାନ ରାଇସ ମିଲ କୁ ଯାଉଛି। ତେଣୁ ମଣ୍ଡି ପରିଚାଳକ ହେମାଳୀ ମାନଙ୍କୁ ମଣ୍ଡି ନ ଆସିବା ପାଇଁ କହିଛନ୍ତି ବୋଲି ଅଭିଯୋଗ ପତ୍ର ରେ ଉଲ୍ଲେଖ କରିଛନ୍ତି । ହେମାଳୀ ମାନେ ଦୀର୍ଘ ବର୍ଷ ହେବ ମଣ୍ଡି ରେ କାମ କରି ପରିବାର ପୋଷଣ କରୁଥିଲେ ସେମାନେ ଯିବେ କୁଆଡେ ଏନ୍ୟ ପଟେ ହେମାଳୀ ମାନଙ୍କୁ ଉଚ୍ଛେଦ କରିବାର କ୍ଷମତା ଦେଲା କିଏ ଏବଂ ମଣ୍ଡି ପରିଚାଳନା ହେମାଳୀ ଟଙ୍କା ନେବ କିଏ ବୋଲି ସଂଯୁକ୍ତ କୃଷକ ସଂଗଠନ ଉପଦେଷ୍ଟା ରମେଶ ମହାପାତ୍ରଏବଂ ନିଖିଳ ଓଡିଶା ଗ୍ରାମୀଣ ଚାଷୀ ମୁଲିଆ ସଙ୍ଘ ର କିଶୋର ସାହୁ ଅଭିଯୋଗ କରିଛନ୍ତି ଏବଂ ତୁରନ୍ତ ଏହି ସମସ୍ୟା ର ସାନଧାନ କରିବା ପାଇଁ ନିବେଦନ କରିଛନ୍ତି।ଏହି ଆବେଦନକାରୀଙ୍କ ମଧ୍ୟରେ ମଳିଆ ସାହୁ, ବୁଠି ସାହୁ ବିକ୍ରିମ ସାହୁ, ଭୁବନ ସାହୁ, ମନବୋଧ ସାହୁ, ଗୁରୁଦେବ ସାହୁ, ସୁଦାମ ସାହୁ, ସୁରେନ୍ଦ୍ର ସାହୁ, ଶଙ୍କର ସାହୁ ସମେତ ସମସ୍ତ ହେମାଳୀ ସାମିଲ ଥିଲେ।

# ସମ୍ବାଦ ପରିବେଷଣ ପରର ଦୃଶ୍ୟ: ବିଦ୍ୟାଳୟର ମାଟି ମାଡ଼ିନଥିବା 'ନୁନି' ହେଲେ ଚତୁର୍ଥ ଶ୍ରେଣୀର ଛାତ୍ରୀ

ଉଦଳା, ୩୦/୧୧ (ନି.ପ୍ର): ଯେ ହେଉଛି କପ୍ତିପଦା ବ୍ଲକର ମଝିଗଡ଼ିଆ ପଂଚାୟତ ଅନ୍ତର୍ଗତ ଛତ୍ରାମ୍ବ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ବନ୍ଧୁଆ ସିଂଙ୍କ ୧୧ ବର୍ଷ ବୟସର କନ୍ୟା 'ନୁନି' ଆଦୌ ବିଦ୍ୟାଳୟର ମାଟି ମାଡ଼ିନଥିଲେ । ଏ ବାବଦରେ ଖବର କାଗଜରେ ସମ୍ବାଦ ପରିବେଷଣ ହେବା ସହିତ ଜନଜାଗୃତି ମଂଚ ତରଫରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏହାପରେ ଶିକ୍ଷା ବିଭାଗ ତରଫରୁ ତତ୍ପରତା ପ୍ରକାଶ ପାଇଥିଲା । ଶେଷରେ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ 'ନୁନି' ଚତୁର୍ଥ ଶ୍ରେଣୀରେ ନାମ ଲେଖାଇଥିବାର ଜଣାଯାଇଛି । ତେବେ ପ୍ରଥମ ଶ୍ରେଣୀର ପାଠ ଜାଣିନଥିବା 'ନୁନି' କିପରି ଏକାଥରକେ ଚତୁର୍ଥ ଶ୍ରେଣୀର ପାଠ ଧରିବେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଧାରାବାହିକ ଉପନ୍ୟାସ



ଡ.ଭାଗବତ ବେହେରା




# ବୈଦେହୀ

ଭାଗ-୭୭

(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି ।**

**ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ମୁଁ ଏକାକୀ ହୋଇଗଲି ପ୍ରୀତିଦା । କ'ଣ କରିବି କିଛି ଚିନ୍ତା କରିପାରିଲି ନାହିଁ । କ୍ରମେ କ୍ରମେ ଦିନ ବଢୁଥାଏ । ଲଙ୍କାଗଡ଼ରୁ ଜଣେ ହେଲେ ବି ଅସୁର ଅସୁରୁଣୀ ଅଶୋକବନକୁ ଆସୁନଥାନ୍ତି । ଦୁଃଖ ସାଗରରେ ବୁଡ଼ି ମୁଁ ଅଶୋକ ବୃକ୍ଷ ମୂଳରେ ବସି ନଖଦର୍ପଣକୁ ଅନାଇ ରହି ଦେଖୁଥାଏ, ପ୍ରଭୁ ମୋର ଲଙ୍କାରେ କ'ଣ କରୁଛନ୍ତି । ସହସା ମୋ ଚକ୍ଷୁ ଆଗରେ ଭାସି ଉଠିଲା ଏକ କରୁଣାତ୍ମକ ଦୃଶ୍ୟ। ଲଙ୍କାଧିପତି ରାବଣର ମୃତପିଣ୍ଡକୁ ଏକ ସୁବର୍ଣ୍ଣ ଶଯ୍ୟାରେ ଶୁଆଇ ଦିଆଯାଇଛି । ନାନା ଜାତି ପୁଷ୍ପରେ ସଜାଇ ଦିଆଯାଇଛି ତାଙ୍କ ଶରୀରକୁ । ତାଙ୍କ ମସ୍ତକ ପାଖରେ ଥୁଆ ହୋଇଛି ହୀରା, ନୀଳା ଖଚିତ ସୁବର୍ଣ୍ଣ ମୁକୁଟ । ପାଦ ପାର୍ଶ୍ୱରେ ବସି ଦେବୀ ମନ୍ଦୋଦରୀ କ୍ରନ୍ଦନ କରୁଛନ୍ତି । ତାଙ୍କର ବୁକୁଫଟା କରୁଣ ଧ୍ୱନି ଶ୍ରବଣରେ ହୃଦୟ ଫାଟିଯିବ। ମୋ ପ୍ରଭୁ କିନ୍ତୁ ତାଙ୍କ ପାଖରେ ଥାଇ ତାଙ୍କୁ ବୁଝାଇ କହୁଥାନ୍ତି "ଦେବୀ ମନ୍ଦୋଦରୀ ଶୋକ ପରିହାର କର । ସ୍ୱାମୀ ତୁମର ମୃତ୍ୟୁବରଣ କରିନାହାନ୍ତି ସେ ଅମରଧାମକୁ ପ୍ରାପ୍ତ ହୋଇଛନ୍ତି । ଅନିତ୍ୟ ଏ ସଂସାର । ଅନିତ୍ୟ ଏ ଧନ, ରାଜ ସମ୍ପଦ, ପୁତ୍ର, ପତ୍ନୀ, ବନ୍ଧୁ, ଜାୟା, ତନୟା । ଏ ସଂସାରରେ ଏକମାତ୍ର ସତ୍ୟ ପରମାତ୍ମାଙ୍କ ଅନୁଚିନ୍ତନ । ତୁମର ସ୍ୱାମୀ ଥିଲେ ପରମ ଧାର୍ମିକ । ଆସୁରିକ ଶକ୍ତି ତାଙ୍କୁ ବଶ କରିଥିଲେ ହେଁ, ସେ ସମସ୍ତ ଶକ୍ତିକୁ ସେ ଶେଷ ମୁହୂର୍ତ୍ତରେ କାଟିଦେଇ ପରମାତ୍ମାଙ୍କ ଶରୀରରେ ଲୀନ ହୋଇ ଯାଇଛନ୍ତି। ସେଭଳି ଧର୍ମାତ୍ମାଙ୍କ ପତ୍ନୀ ହୋଇ ତୁମେ ଶୋକ କରୁଛ କାହିଁକି ଦେବୀ । ଶୋକ ସମ୍ବରଣ କର । ତୁମ ସ୍ୱାମୀଙ୍କ ଶବ ସତ୍କାର କିପରି ହେବ ସେଥିରେ ମନ ଦିଅ । ଏ ରାଜ୍ୟ ବର୍ତ୍ତମାନ ଅରାଜକ । ତୁମେ ରାଜ୍ୟର ରାଣୀ ଭାବରେ ଯଦି ସମ୍ମତି ପ୍ରଦାନ କରିବ, ତାହେଲେ ବିଭୀଷଣକୁ ଲଙ୍କା ସିଂହାସନରେ ବସାଇ ଆମେ ପୁଣ୍ୟାତ୍ମା ରାବଣର ଶେଷକୃତ୍ୟ ସମାପନ କରିବୁ ।"

ମୋ ସ୍ୱାମୀଙ୍କ କଥା ଶୁଣି ରାଣୀ ମନ୍ଦୋଦରୀ କାନ୍ଦି କାନ୍ଦି କହିଥିଲେ, ହେ ପ୍ରଭୁ ରଘୁନାଥ, ଆପଣଙ୍କୁ ଏ ଲଙ୍କାରେ କେହି ନଜାଣିଲେ ବି ମୁଁ ଜାଣେ ଆପଣ କିଏ ? ମୋ ସ୍ୱାମୀ ଥିଲେ ତ୍ରିଲୋକବିଜୟୀ ମହୀପତି । ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତିନିପୁରର ଦେବ, ଦାନବ, ମାନବ ସମସ୍ତେ ତାଙ୍କ ବଶ୍ୟତା ସ୍ୱୀକାର କରିଥିଲେ । ସେ ମୋତେ କହିଥିଲେ, "ମନ୍ଦୋଦରୀ ରାବଣ ତ୍ରିପୁର ବିଜୟୀ। ଛପନ ଗଣ୍ଡା ଯୁଗ ବଞ୍ଚି ରହିବାପାଇଁ ସେ ବର ପାଇଛି । ମୋତେ ମାରିବାର ଶକ୍ତି କାହାରି ନାହିଁ। ଯଦି ମୁଁ କେବେ ମୃତ୍ୟୁବରଣ କରେ, ତାହେଲେ ତୁ ଜାଣିବୁ ମୋର ମୃତ୍ୟୁ ଜଗତକର୍ତ୍ତା ନାରାୟଣଙ୍କ ହସ୍ତରେ ହୋଇଛି । ତାଙ୍କ ବ୍ୟତିରେକେ ଏ ବିଶ୍ୱବ୍ରହ୍ମାଣ୍ଡରେ ଆଉ କାହାରି ଶକ୍ତି ନାହିଁ ମୋତେ ନିଧନ କରିବେ ।"

ମନ୍ଦୋଦରୀ! କ୍ରନ୍ଦନରତା ମନ୍ଦୋଦରୀର ମୁଖରୁ ଏପରି ବଚନ ଶୁଣି ସ୍ୱାମୀ ମୋର ସ୍ଥାଣୁ ତୁଲ୍ୟ ଛିଡ଼ା ହୋଇ ରହିଥା'ନ୍ତି ।

କହି ଚାଲିଥାନ୍ତି ରାଣୀ ମନ୍ଦୋଦରୀ । ଆପଣଙ୍କ ପତ୍ନୀଙ୍କୁ ହରଣ କରି ଆଣିବା ପରେ ମୁଁ ତାଙ୍କୁ ଅନେକ ବୁଝାଇଥିଲି । କହିଥିଲି ସ୍ୱାମୀ ଆପଣ କାହିଁକି ଏପରି ଅନ୍ୟାୟ କରୁଛନ୍ତି । ପର ସ୍ତ୍ରୀ ମାତୃବତ୍ ଜାଣି ମଧ୍ୟ ଆପଣ କାହିଁକି ଜଳନ୍ତା ଅଗ୍ନିକୁ ଅଣ୍ଟିରେ ପୂରାଉଛନ୍ତି । ମୋ କଥା ଶୁଣି ସେ ହସିହସି କହିଥିଲେ, "ମନ୍ଦୋଦରୀ ରାମ କିଏ ତୁ ଜାଣିଛୁ ? ତୁ ଜାଣିଛୁ ରାମ ଅଯୋଧ୍ୟାର ରାଜା ଦଶରଥଙ୍କ ପୁତ୍ର । ପିତୃ ସତ୍ୟ ପାଳି ସେ ବନଚାରୀ ହୋଇଛନ୍ତି। ରାମ ଦଶରଥଙ୍କ ପୁତ୍ର ନୁହଁନ୍ତି ଲୋ ମନ୍ଦୋଦରୀ । ସେ ସାକ୍ଷାତ୍ ପରମେଶ୍ୱର, ବିଷ୍ଣୁ । ତାଙ୍କ ହସ୍ତରେ ଯଦି ମୋ ମରଣ ହୁଏ ମୁଁ ବୈକୁଣ୍ଠ ପ୍ରାପ୍ତ ହେବି ।" ଏତେ କଥା ଜାଣିଥିବା ମନ୍ଦୋଦରୀକୁ ଆପଣ ଆଉ କ'ଣ ବୁଝାଇବେ ପ୍ରଭୁ । ଆପଣ ଯାହା ଚାହିଁବେ ତାହାହିଁ ହେବ । ଆପଣ ଲଙ୍କାରେ ବିଭୀଷଣଙ୍କୁ ରାଜା କରନ୍ତୁ କିମ୍ବା ଆଉ କାହାକୁ ଲଙ୍କାର ସିଂହାସନରେ ଅଭିଷିକ୍ତ କରାନ୍ତୁ ସେଥିରେ ମନ୍ଦୋଦରୀ ଆପତ୍ତି କରିବ ନାହିଁ ।

ମନ୍ଦୋଦରୀ କଥା ଶୁଣି ମୋ ସ୍ୱାମୀ କହିଥିଲେ ଦେବୀ ମନ୍ଦୋଦରୀ, ତୁମଭଳି ଜ୍ଞାନୀ, ପତିବ୍ରତା, ପତି ପରାୟଣା ଧର୍ମପରାୟଣା ନାରୀ ଏ ଜଗତରେ ନଥିବେ । ମହାସତୀ ଭାବରେ ଏ ଜଗତ ଦିନେ ତୁମକୁ ଗ୍ରହଣ କରିବ । ଏବେ କିନ୍ତୁ ତୁମକୁ ମୁଁ ଏଭଳି ଏକ ଗୁରୁଦାୟିତ୍ୱ ଦେବି, ଯାହା ତୁମେ ଆନନ୍ଦରେ ଗ୍ରହଣ କରିବ ।

ମୋ ସ୍ୱାମୀଙ୍କ କଥାଶୁଣି ସେ ପ୍ରଶ୍ନ କରିଥିଲେ, କୁହନ୍ତୁ ପ୍ରଭୁ ଆଉ କି ପରୀକ୍ଷା ଆପଣ ମୋ ଠାରୁ ନେବାକୁ ଚାହୁଁଛନ୍ତି । ଆପଣଙ୍କର ସବୁ ପରୀକ୍ଷା ଦେବାପାଇଁ ମୁଁ ପ୍ରସ୍ତୁତ ଅଛି ।

ମନ୍ଦୋଦରୀ ତୁଣ୍ଡରୁ ଏକଥା ଶୁଣି ମୋ ସ୍ୱାମୀ କହିଥିଲେ, "ଦେବୀ ମନ୍ଦୋଦରୀ ତୁମେ ଜାଣ ବିନା ରାଣୀରେ ରାଜା ଶୋଭା ପାଆନ୍ତି ନାହିଁ । ଲଙ୍କାରେ ବିଭୀଷଣ ରାଜା ହେଲେ ତୁମେ ତାଙ୍କ ପାଟରାଣୀ ହୋଇ ବିଭୀଷଣଙ୍କ ବାମାଙ୍ଗକୁ ମଣ୍ଡନ କରିବ ।"

ପ୍ରଭୁ! ଭୋ ଭୋ ହୋଇ କାନ୍ଦି ଉଠିଥିଲେ ମନ୍ଦୋଦରୀ । ଆପଣ ଏ କି କଥା କହୁଛନ୍ତି ପ୍ରଭୁ । ଲଙ୍କାରେ ମୋତେ ଦୋଚାରୁଣୀ ଭାବରେ ଆପଣ କ'ଣ ଦେଖିବାକୁ ଚାହୁଁଛନ୍ତି ।

ନା ଦେବୀ ଏପରି କଥା କୁହନ୍ତୁ ନାହିଁ । ତୁମେ ତ ସତୀ ଶିରୋମଣି । ତୁମ ପତି ବିୟୋଗରେ ମୁଁ ତୁମକୁ ଦ୍ୱିତୀୟ ହେବାକୁ କହୁନାହିଁ । ଲଙ୍କା ରାଜସିଂହାସନର ମର୍ଯ୍ୟାଦାକୁ ମୁଁ ଅମର୍ଯ୍ୟାଦା କରିଦେଇ ଯିବି ନାହିଁ । ଲଙ୍କା କଟକର ରାଣୀ ମନ୍ଦୋଦରୀ ଥିଲେ, ମୃତ୍ୟୁ ପର୍ଯ୍ୟନ୍ତ ମଧ୍ୟ ରହିବେ। ରାଜ କାର୍ଯ୍ୟ ପରିଚାଳନା ନିମିତ୍ତ ମୁଁ ବିଭୀଷଣଙ୍କୁ ସିଂହାସନରେ ବସାଇବାକୁ ଚାହୁଁଛି । ଏଥିରେ ତୁମେ ସମ୍ମତି ପ୍ରଦାନ ନକଲେ ମୋ କାର୍ଯ୍ୟ ଅଧୁରା ରହିଯିବ ଦେବୀ ।

ମୋ ସ୍ୱାମୀଙ୍କର ଏପରି କଥା ଶୁଣି ଦେହ ମୋର ଶିତେଇ ଉଠିଥିଲା ପ୍ରୀତିଦା । ମୁଁ ଭାବିପାରିଲି ନାହିଁ ମୋ ସ୍ୱାମୀ ଏମିତି କହୁଛନ୍ତି କିପରି ? ରାବଣ ମୃତ୍ୟୁର ଗୋଟାଏ ଦିନ ଯାଇଛି କି ନାହିଁ, ପ୍ରଭୁ ମୋର ମନ୍ଦୋଦରୀଙ୍କୁ ପ୍ରବର୍ତ୍ତାଉଛନ୍ତି ବିଭୀଷଣର ଅର୍ଦ୍ଧାଙ୍ଗିନୀ ହେବାପାଇଁ । ସ୍ୱାମୀ ମୋର କହୁଛନ୍ତି ମନ୍ଦୋଦରୀ ଲଙ୍କା କଟକର ରାଣୀ । ସେ ପଦକୁ ଆଉ କେହି ମଣ୍ଡନ କରିପାରିବେ ନାହିଁ । ତାହେଲେ କ'ଣ ଦେବୀ ମନ୍ଦୋଦରୀ....

ମୋ ପାଟିର କଥା ନସରୁଣୁ ପ୍ରୀତିଦା କହିଥିଲା, ଦେବୀ ସୀତେ ପରମ ମଂଗଳମୟ ସ୍ୱାମୀ ଆପଣଙ୍କର ମନ୍ଦୋଦରୀଙ୍କୁ କ'ଣ ମନ୍ଦ ଉପଦେଶ ଦେଇ ପାରିବେ ? ଲଙ୍କାର ମଂଗଳ ପାଇଁ ଯାହା ଠିକ୍ ହେବ ସେ ତାହାହିଁ କରିବେ ।

ହଁ ସେ ଠିକ୍ ତାହାହିଁ କରିଥିଲେ ପ୍ରୀତିଦା । ମନ୍ଦୋଦରୀଙ୍କୁ ବୁଝାଇ ଲଙ୍କାର ରାଜରାଣୀ ଆସନରେ ବସାଇ, ବିଭୀଷଣଙ୍କର ଅଭିଷେକ ସାରି, ଦଶାନନର ଦହନକ୍ରିୟା ଶେଷ କରାଇଲେ ସ୍ୱାମୀ ମୋର । ଲଙ୍କାର ହଜାର ହଜାର ନର ନାରୀ ଅଶ୍ରୁ ଛଳଛଳ ନୟନରେ ବିଦାୟ ଦେଇଥିଲେ ତାଙ୍କର ପ୍ରିୟ ମହାରାଜଙ୍କୁ ।

(କ୍ରମଶଃ)


❤ ଦର୍ଜୀପୋଖରୀ,
ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪


## ପ୍ରସଙ୍ଗ


ଉଦୟ ନାରାୟଣ ଦାସ




# ତର୍କ ଓ ବିତର୍କର ବଳୟରେ ଫକୀରମୋହନଙ୍କ 'ରାଣ୍ଡିପୁଅ ଅନନ୍ତା'

ଆଜିର ସମୟରେ ପ୍ରସଙ୍ଗିକତା ରହିଛି ଫକୀର ମୋହନଙ୍କ 'ରାଣ୍ଡିପୁଅ ଅନନ୍ତା' ଗପକୁ ଆଉଥରେ ପୁନର୍ବିଚାର କରିବା ପାଇଁ। ଗପଟି ଫକୀର ମୋହନ ଆଜକୁ ଶହେ ବର୍ଷ ପୂର୍ବେ ଲେଖି ଥିଲେ ବି ଆଜି ଏହାର ମହନୀୟତା ଓ ଆଧୁନିକତା ରକ୍ଷା ହେଇ ଆସିଛି। ଏଇ ଗଳ୍ପ ଆମ ଓଡ଼ିଆ କଥା ସାହିତ୍ୟର ଏକ ଅନ୍ୟତମ ତାଙ୍କର ମାଇଲ ଖୁଣ୍ଟ କଥା ସାହିତ୍ୟ ପାଇଁ। ଏଇ ଗପ ମୋତେ କାହିଁକି ବହୁ ଓଡ଼ିଆ କଥା ଶିଳ୍ପୀ ତଥା ସୁହୃଦ ପାଠକଙ୍କୁ ମନ୍ତ୍ରମୁଗ୍ଧ କରିଛି।

ତେବେ ପ୍ରଥମେ ଦେଖିବା ଫକୀର ମୋହନ କାହିଁକି ଏଇ ଗଳ୍ପର ନାମକରଣ ଏପରି ରଖିଲେ।

ଏଇ ପରିପ୍ରେକ୍ଷୀରେ ଆମେ ପ୍ରଥମେ ଏଇ ନାମକରଣ କଥା ଭାବୁ ଭାବୁ ଭାଷାକୋଷ ଦେଖିଥିଲୁ।

ଓଡ଼ିଆରେ ସବୁଠାରୁ ନିର୍ଭର ଯୋଗ୍ୟ ଅଭିଧାନ ହେଉଛି ପୂର୍ଣ୍ଣଚନ୍ଦ୍ର ଭାଷାକୋଷ। ସେଥିରେ ମୁଁ ରାଣ୍ଡିପୁଅ ଅନନ୍ତାର ଅର୍ଥ ଖୋଜିଲି। ଏଥିରେ ଏଇ ଶବ୍ଦର ଅର୍ଥ ଲେଖା ଅଛି, ଯେଉଁ ଲୋକ କିଛି କାମ ନକରି ବୃଥାରେ ବୁଲୁଥାଏ। ଇଂରାଜୀରେ a loafer ନିଷ୍କର୍ମା, ହୁଣ୍ଡା, ବା good for nothing. ଏହାପରେ ପୁଣି ଫକୀର ମୋହନଙ୍କ 'ଗଳ୍ପ ସ୍ୱଳ୍ପ' ପୁସ୍ତକ ଖୋଲିବା। ଏଇ ପୁସ୍ତକର ତୃତୀୟ ଗଳ୍ପ, 'ରାଣ୍ଡି ପୁଅ ଅନନ୍ତା' । ସୁବଳ ସିଂହ ଓ ଦେବକୀ ଦୁଇ ଜଣ ଗିରସ୍ତ ଭାରିଯା। ଗୋପାଳ ଘର। ମଇଁଷି ରଖି କ୍ଷୀର ବେପାର କରନ୍ତି। ଦୁଇ ଜଣ ଖୁବ୍ ବିଶାଳକାୟ ସହିତ କୃଷ୍ଣ ବର୍ଣ୍ଣ। ଦୁଇ ଜଣଙ୍କ ପେଟର ବର୍ଣ୍ଣନା ଖୁବ୍ ଅଦ୍ଭୁତ। ଗପର ଆରମ୍ଭ ଏତେ କୌତୁହଳପ୍ରଦ ଯେ ପାଠକ ଧିରେ ଧିରେ ଆଗକୁ ଚାଲିଯିବ, ଯାହା ତାଙ୍କ ଗପର ବିଶେଷତ୍ୱ। ସୁବଳଙ୍କ ଭରିଯାଙ୍କ ନାମ ଦେବକୀରୁ ସିଂହାଣି ହେଇଗଲା। ପୁଣି ସୁବଳ କିପରି ପୁଲିସ ବିଭାଗର ଚାକିରୀ କଲାପରେ ତାଙ୍କ ମାସିକ ଦରମା ନଅ ଟଙ୍କାର ହିସାବ ତାଙ୍କ ଭାରିଜା ନେଉଥିଲା। ପୁଣି ସୁବଳ କେମିତି ଡମପଡା ଜଙ୍ଗଲରେ ବାଘ ପିଟି ମାରିଦେଲେ, ପୁଣି କେମିତି ଜ୍ୱରରେ ପଡ଼ି ଜୀବନ ହାରିଲେ ତାହାର ବର୍ଣ୍ଣନା ଖୁବ୍ ଲୋମହର୍ଷକାରୀ ।

ହଁ ମଇଁଷି ବଣରେ ରଖିଥିଲା ବେଳେ, ସୁବଳ କେମିତି ମଶାଦାଉରୁ ନିଜକୁ ରକ୍ଷା ପାଇଁ ଦେହରେ ପଙ୍କ ବୋଳିଦେବାର ବର୍ଣ୍ଣନା ଖୁବ୍ ଚମକପ୍ରଦ ଅଟେ।

ହଁ ସୁବଳ ମଲା ବେଳକୁ ତାଙ୍କର ଏକମାତ୍ର ପୁଅ ହେଇଥିଲା ଚାରି ବର୍ଷ ବୟସର। ତା ନାମ ଶ୍ରଦ୍ଧାରେ ଦିଆ ଯାଇଥିଲା ଅନନ୍ତା। ଅନନ୍ତା ବାପ ମରିଗଲା ପରେ ମା'ର ଅଧିକ ସ୍ନେହରେ ବେମୁରୁବା ହେଇ ବୁଲିଛି। ପାଠ ପଢିବା ବୟସ ଅତିକ୍ରମ ହେଇ ଯାଇଥିଲେ ବି କା ବାଡିରୁ କାକୁଡି, ମକା, ଆମ୍ବ , ତେନ୍ତୁଳି ଓ କୋଳି ଚୋରି କରି ଖାଇଯାଉଛି।

ମା ଏମିତି ପୁଅ ନାଁ ର ଅଭିଯୋଗ ଶୁଣି ଶୁଣି ଅତିଷ୍ଠ ହୁଏ।

ଶେଷକୁ ଅବଧାନ ପାଖରେ ବସାଏ । ସେଠି କେମିତି ଅବଧାନଙ୍କ ଦେହରେ ବିଛୁଆତି ଲଗାଇ ତାଙ୍କୁ କନ୍ଦାଇ ଦିଏ। ଏଇ ସବୁ ପାଇଁ ଗାଁ ଲୋକ ତାକୁ ଡାକିଲେ ରାଣ୍ଡିପୁଅ ଅନନ୍ତା, ଯାହାର ଅର୍ଥ ହଣ୍ଡା, ନିଷ୍କର୍ମା ବା ଇଂରାଜୀରେ **loafer**। ଏହା କୌଣସି ଆକ୍ଷେପ ମୂଳକ ଶବ୍ଦ ନୁହେଁ। ଏହା କୌଣସି ବିଧବା ନାରୀକୁ ଲକ୍ଷ୍ୟ କରି କୁହା ଯାଇ ନାହିଁ। ବରଂ ଅନନ୍ତ ଚରିତ୍ର କୁ **high light** କରିବା ପାଇଁ ବିଶ୍ଳେଷଣ ଦିଆଯାଇଛି ଅଭିଧାନ କୁ ବିଚାର କରି। ସେତେବେଳେ କଣ ଏବେ ବି ଗାଁରେ ଏଇ ଶବ୍ଦ **loafer** ମାନଙ୍କ ପାଇଁ ପ୍ରଯୁଜ୍ୟ ହେବାର ନଜୀର ମିଳେ। ଅନନ୍ତା ପାଇଁ ଏହା ଖୁବ୍ **befitting** ବିଶ୍ଳେଷଣ ଯାହା କଥା ସମ୍ରାଟ ଖୁବ୍ ବୁଝି ବିଚାରି ପ୍ରୟୋଗ କରିଛନ୍ତି।

ପୁଣି ଗପର ଉପସଂହାରରେ ଅନନ୍ତ କେମିତି ମହାନାୟକ ସେଇ ଗାଁ ପାଇଁ ହେଇ ଯାଇଛି ତାହା ସେ ପ୍ରଦର୍ଶିତ କରିଛନ୍ତି।

ନଈରେ ବନ୍ୟା ଅସି ଯାଇଛି। ଗାଁ ଭାସି ଯିବ। ଠିକ୍ ଏତିକି ବେଳେ **loafer** ଅନନ୍ତ ଗୋଟେ କବାଟ ଓ ଗୋଟେ ଢେଙ୍କି ଆଣି ନଈ ସୁଅରେ ଶୋଇ କବାଟକୁ ଢେଙ୍କି ଦ୍ୱାରା ଲଟକାଇ ଦେଇ କହିଲା ପକାଅ ମାଟି। ମାଟି ପଡ଼ିଲା ତା ଉପରେ। ସେ ଧିରେ ଧିରେ ପୋତି ଗଲା। ଗାଁ ବନ୍ୟାରୁ ଉଦ୍ଧାର ହେଲା। ସମସ୍ତେ ସେଇ **loafer** ଅନନ୍ତାକୁ ଧନ୍ୟ ଧନ୍ୟ କଲେ। ହେଲେ ଅନନ୍ତା ନଈ ଭିତରେ ରହି ଯାଇଥିଲା।

ଶେଷକୁ ଦେବକୀ ପୁଅକୁ ଖୋଜି ଖୋଜି ନଈ ଭିତରକୁ ଡିଆଁ ମାରିଛି। ଖୁବ୍ କରୁଣ ଥିଲା ନଈରେ ତାର ଭାସି ଯିବାର ଭଉଁରୀ।

ସୁଧୀ ପାଠକେ ! ଏବେ ବିଚାର କରନ୍ତୁ ଗପର ନାମକରଣକୁ କେଉଁ ପଣ୍ଡିତ ପରିବର୍ତ୍ତନ କରି ପାରିବ !!

ଏବେ ଏହାକୁ ଗୋଟେ ସିନେମାର ରୂପ ଦିଆ ଯାଉଛି। ଆମର ବିନମ୍ର ବିନତି,ଏଇ କାହାଣୀର ଯେମିତି ମୂଳ ତତ୍ତ୍ୱ କିଛି ବି ପରିବର୍ତ୍ତନ କରା ନଯାଉ। ଏହା କରି ଓଡ଼ିଆ ସାହିତ୍ୟକୁ କ୍ଷତାକ୍ତ କରାନଯାଉ। ଜୟ ଓଡ଼ିଆ ଭାଷା।


❤ ଚୁନଭାଟି କଲୋନୀ, ବାଲେଶ୍ୱର
(ମୋ) ୭୭୩୫୯୫୧୩୮୪


## କବିତା...



### ॥ ସ୍ୱପ୍ନର ସାରାଂଶ ॥


● ସାବିତ୍ରୀ କବି


ତମେ ତ ମୋ କବିତାର ଅବଶିଷ୍ଟ ପୁଞ୍ଜି
ସଂଚିତ ଆୟୁଷ, ମୁଁ ଝାଳନାଳ ହୋଇ ଅହର୍ନିଶ
ଖୋଜି ହେଉଥିବା ଗୋପନୀୟ ସ୍ୱପ୍ନର ସାରାଂଶ।

କେତେଦିନ ହେବ ମୁଁ ଏମିତି ବ୍ୟସ୍ତ ରହିଲି ଯେ
ବୁଝିଲି ନାହିଁ ତମ ଅଭିମାନ,
ବୁଝିଲି ନାହିଁ ଅନ୍ଧାରର ପରିଭାଷା,
ଲୁଚକାଳି ଖେଳୁଥିବା ଜହ୍ନର ଗୁମାନ
ମହୁମାଛିମାନଙ୍କ ନିଖୋଜ ହେବାର ରହସ୍ୟ !

କେତେଦିନ ହେବ ମୁଁ ଏମିତି ମିଛ ମିଛ
ବଞ୍ଚିବାରେ ମଗ୍ନ ରହିଲି ଯେ
ପାତାଳ ଅନ୍ଧାରରେ ହଜେଇ ଦେଲି ମୋର ପରିଚୟ।
ବନ୍ଦ କୋଠରୀରେ ମୋ ଅବରୁଦ୍ଧ ଛାଇ କ୍ରମଶଃ
ନିଶ୍ଚିହ୍ନ ହୋଇ ଯାଉଥିବା ଦେଖି ଡରିଲି,
କାନେଇଲି କାନ୍ଥ ସେପାଖରେ ସେମାନେ ଗାଉଥିବା
ନକଲି ଗୀତର ସ୍ୱରକୁ, ଅଥଚ
ମୋ ଦେହର ସ୍ପର୍ଶରେ ସ୍ୱର୍ଣ୍ଣମୟ ଅଦୃଶ୍ୟ ଈଶ୍ୱରଙ୍କୁ
ମୁଁ ଚଣ୍ଡାଳୁଣୀ ଚିହ୍ନିଲି ନାହିଁ,
କେତେଦିନ ଯାଏ ପଥର ଖଣ୍ଡେ ବୋଲି ଭାବିଲି
କେତେ ଶହ ଜନ୍ମର ତପସ୍ୟାରୁ ଆବିଷ୍କୃତ
ଶିଳାଗ୍ରାମକୁ, ମୁଁ ହତଭାଗିନୀ କେମିତି ଅବଜ୍ଞାରେ
ଇଡ଼ିଗଲି କେହିଜଣେ ମଝିରାସ୍ତାରେ ମୋ ନାଁ ଧରି
ଡାକୁଥିବା ମଧୁର ସ୍ୱରକୁ।

ଆଜି କେତେ ନିବିଡ଼ ଭାବରେ କାନଉଛି
ସେଇ ସ୍ୱର, ସେଇ ଶବ୍ଦ, ସେଇ ସେଇ ଭାଷାର
ମୋହକୁ। ମୋ ସ୍ୱପ୍ନର ଫୁଲବଣ
ଭିତରେ ଅଭିମାନର ଖଣ୍ଡ ଖଣ୍ଡ କଳାମେଘ
ବର୍ଷିଯାଏ ଆକାଶରେ,
ଚିହ୍ନାଚିହ୍ନା ଦ୍ୱିପ୍ରହର ଫିକା ପଡ଼ିଯାଏ
ମୁଁ କେବଳ ମରିମରି ଜୀଉଁଥାଏ ଶହଶହ ଥର ।

ଏବେ ଆଉ ଆକାଶରେ କଳାମେଘ ନାହିଁ
ସମୁଦ୍ରରେ ଅସଂଖ୍ୟ ଲହଡ଼ି
ଏବେ ଆଉ କୁହୁଡ଼ିରେ ଦୂର ଗାଁ ବୁଡ଼ିଯାଏ ନାହିଁ
ରାଶିରାଶି ରଣିଫୁଲ ଫିଟିପଡ଼େ ଅଗଣାରେ ମୋର
ମୋ ହାତ ପାପୁଲିରେ କିଏ ସେ
ଧରେଇଦିଏ ଫୁଲର ଚାଙ୍ଗୁଡ଼ି।

କେମିତି ଅସହାୟ ଆସେ ପୁଣି ଫେରିଯାଏ
ଆପଣା ରାସ୍ତାରେ,
କେମିତି ଦୁଃସ୍ୱପ୍ନ ସବୁ ହୋଇ ଝରିପଡ଼େ
ସକାଳ ଖରାରେ,
କେମିତି ଏ ମାଟି, ପାଣି, ପବନ ବି
କଥାକହେ ମୋ ସହ
କାହା ନାଁ ଧରି ଡାକିଡାକି, ମୁଁ ଯେବେ ଚାଲିଚାଲି
ଥକିପଡ଼େ ଆପଣା ରାସ୍ତାରେ।
ମୁଁ ବାୟାଣୀ କେତେ ଗହନ ଭାବରେ
ବୁଝିଲି କୁମ୍ଭୀର ଆଖିର ନିଦ, ଝିଣ୍ଟିକାର ଯାଦୁକରୀ
ସ୍ୱର, ଏକ୍ଲା ଦ୍ୱୀପର।

କାହା ଲୋଡ଼ିବାପଣରେ ଗଢ଼ା
ନିର୍ବାସନ, ଏତେ ମିଠା ବୋଲି ତ ମୁଁ
ବାରମ୍ବାର ଭୋଗିଲି ମୋ ଭାଗ୍ୟଫଳ,
କାହା ଅଭିମାନରେ ତିଆରି ରାତି ଏତେ
ମିଠା ବୋଲି ତ ମୁଁ ବାରମ୍ବାର ଲୋଡ଼ିଲି
ସେଇ ରାତି
ଯେଉଁ ରାତିରେ ମୁଁ ଶହଶହ ଥର
ଜନ୍ମ ନିଏ, ଅନ୍ଧାର ଗୁହାରେ ଆଲୋକର
ନୀଳ ଶିଖା ପରି।

ତମେ ମୋ କଅଁଳ ହାତ ପାପୁଲିର
ମଧୁମୟ ସ୍ପର୍ଶ, ମୋ ଶବ୍ଦର ପ୍ରତିଶବ୍ଦ। ଯେଉଁଠି ମୁଁ
ଚିରକାଳ ସମର୍ପଣ ମୁଦ୍ରାରେ ଈଶ୍ୱରଙ୍କୁ ବନ୍ଦୀ କରେ
ଅଦ୍ଭୁତ ମାୟାରେ, ଏଣିକି ମୁଁ ବୁଝିପାରେ
ଯାହାଯାହା ସେସବୁ ଅଲେଖା ଗୀତ ଆଜି
ଲେଖିଦେବି ଅନେକ ଡେରିରେ।

ତମେ ପଢ଼ିବ ମୋ ଗୀତ
ତମେ ବୁଝିବ ମୋ ଲୁହର ପରିଭାଷା,
ତମେ ମୋର ପ୍ରିୟତମ
ଅବଶିଷ୍ଟ ସ୍ୱପ୍ନର ସାରାଂଶ।


❤ ବିଶ୍ୱନାଥପୁର, ରାହାଂଜ,
ରାଣୀତାଲ, ଭଦ୍ରକ




### ॥ ଜୀବନ ନ ଥାଇ ॥


● ଗୌରାଙ୍ଗ ଦାଶ


ରାସ୍ତାରେ ପଡି ଯାଉଛି ଶବ
ସାରା ରାସ୍ତା ରକ୍ତ ଓ ଛୁରୀ
ମୂକ ପାଲଟିଛି ଅନ୍ଧ ଇତିହାସ
ଯୁଗ ଯୁଗ ଧରି ଏମିତି କ୍ରନ୍ଦନର ସ୍ୱର
ଶୁଭୁଛି ଶତାବ୍ଦୀ ତଳୁ
ଏ ସୂର୍ଯ୍ୟ ଜହ୍ନ ମେଘ ଶିଶିର ଓ
ପଥରର କଥା ।

ଏଠି ଦୁଃଖର ରଙ୍ଗ କେମିତି
ଲୁହର ସ୍ୱର କେମିତି
ଯନ୍ତ୍ରଣାର ଅନୁଭବ କେମିତି।
ପକ୍ଷୀମାନେ ଉଡ଼ି ଯାଆନ୍ତି
ନିଜର ନିସ୍ତବ୍ଧତା ଭିତରକୁ
ଭିକାରୀଟି ଗୋଟାଇ ଚାଲେ
ଛିଣ୍ଡାକନାର ପୃଥିବୀ
ମଝି ରାସ୍ତାରେ ଛଟପଟ ହୁଏ କବି
କବିତା ସବୁ ବିଞ୍ଝି ହେଇଯାଏ ସାରା
ରାସ୍ତାରେ...
ଶବ୍ଦମାନେ ଡହଳ ବିକଳ ହୋଇ
ଏଣେ ତେଣେ ଛତ୍ରଭଙ୍ଗ ଦିଅନ୍ତି
ସ୍ଥାଣୁ ପାଲଟି ଯାଏ
ଅତୀତ ଭବିଷ୍ୟତ ଓ ବର୍ତ୍ତମାନ
କେମିତି କେମିତି ଲାଗେ ଯେ
ତମାମ ଜୀବନ
ଯେମିତି କି ଜୀବନ ନଥାଇ ମଧ
ସେ ପୁଣି ଆଜୀବନ...


❤ ସି/୯୨, ସେକ୍ଟର ୨୨
ରାଉରକେଲା-୭୬୯୦୦୭




### ॥ ବୋଉ ॥


● ଗୋଲକ ବିହାରୀ ଆଚାର୍ଯ୍ୟ



ମତେ ସଂସାର
ଜାମଳାଅର୍ଜୁନ ଗଛରେ ବାନ୍ଧି
ପାଇଲୁ କଣ ?
ନା ମୁଁ କୃଷ୍ଣ ନା କେହି ଅବତାରୀ ।
ଦେଖୁନୁ
ଗଛ ଭାଙ୍ଗୁନି କି ମୁଁ ଫିଟୁନି ।
ସରୁନି ଭାଗ୍ୟରୁ କଷଣ।
ଦେଖିଲୁ,
କେତେ କେତେ ପାପୀ ଅପେକ୍ଷାରେ
ମତେ ମାରିବେ, ହେଲେ
ଏଥିରୁ ମୁକୁଳି ପାରୁନି । ମାରିବେ,
ମରିବେ
କିଛି ବି ସମ୍ଭବ ନୁହେଁ।

କେଉଁ ସମସ୍ୟା ପୂତନା ସାଜି, ସ୍ତନରେ
ବିଷ ଲେପି କ୍ଷୀର ଦେବାକୁ ଉଦ୍ୟତ,
କେଉଁ ଯାତନା ଶକଟା ରୂପରେ,
ଆଁ କରିଛି, ଗର୍ଭସ୍ଥ କରିବ । ଆହା, ସବୁ
ନିକମା । ମୁଁ ଝୁଣ୍ଟି, ହାମୁଡି,
ଜୀବନ ପଥରେ ପଥିକ ।

ବୋଉ,
ମୋ ଦର୍ଶନରେ କଂସ ମରିବା
ସମ୍ଭବ ନୁହେଁ।
ମୁଁ କୃଷ୍ଣ ନୁହେଁ । ମୋ ମୃତ୍ୟୁ ଅନିବାର୍ଯ୍ୟ ।
ହେଲେ,
ମୋ ହାତର ସ୍ପର୍ଶରେ ଯଦି
କୁବ୍‌ଜାର ସୌନ୍ଦର୍ଯ୍ୟ,
ମୋ ମହମହ ସ୍ନେହରେ ଯଦି
ଗୋପ ଗୋପାଙ୍ଗନାଙ୍କର ସୁଖ, ତେବେ
ମତେ ଯିବାକୁ ହେବ ।

ମୁଁ କୃଷ୍ଣ ନୁହେଁ, ନୁହେଁ ଅବତାରୀ
ମତେ ଫିଟା ସଂସାରୀ ବନ୍ଧନରୁ,
ମତେ ଯିବାକୁ ହେବ
ଚଣ୍ଡାଳ ବସ୍ତିରେ, ଚୁଆ ଚନ୍ଦନରେ
ମୋର ନାହିଁ ଲୋଭ ।
ମତେ ଫିଟାଇ ଦେ ବୋଉ,
ମତେ ଯିବାକୁ ହେବ ।


❤ କେଶଦୁରାପାଳ, କୁଶଳେଶ୍ୱର,
କେନ୍ଦୁଝର-୭୫୮୦୨୫
ମୋ: ୯୯୩୮୧୭୫୧୦୦

### ॥ ଶୀତ ସକାଳର ଖରା ॥


● ବାବାଜୀ ଚରଣ ଜେନା


ଏଇ ଶୀତ ସକାଳର ସୁନେଲି କଅଁଳ ଖରା
ଲାଗେ ପକାଇଛି ଝୋଟି
ମାଟି ଅଗଣାଟା ସାରା......

ଘାସଗାଲିଚାରେ ହସେ ଟୋପା ଟୋପା ଶିଶିର
ଶିହରାଇ ତନୁମନ କରି ଦେଇ ଅଧିର
ମହକଇ ସଜଫୁଲ
ଚହଟାଇ ଦେଇ ଧରା
ଏଇ ଶୀତ ସକାଳର....

ଶୀତ ଏଠି ଗୀତ ଗାଏ ଭରିଦେଇ ସପନ
ପ୍ରୀତି ରଙ୍ଗେ ଭିଜି ଯାଏ ମନର ଏ ଅଙ୍ଗନ
କାହା ବାଟ ଚାହିଁ ଚାହିଁ
ପାଦ ଆଜି ଛନ୍ଦ ହରା
ଏଇ ଶୀତ ସକାଳର ଖରା....


❤ ଅହଲ୍ୟା ନିବାସ, ପୋପରଡା,
ନୂଆବଜାର କଟକ-୪
ମୋ-୯୪୩୭୮୩୪୭୧୯




### ॥ କବି ॥


● ପ୍ରୀତିଲେଖା ଦାସ


କବିଟିଏ
ଅଧା ମଣିଷ, ଅଧା ଛାଇ।


ଛଳନାର ଜୀବନ ଗୋଟେ ଜୀଏଁ,
ବିତୁ ନ ଥିବା ସମୟକୁ
କବିତାରେ ବିତାଏ।

ବାସ୍ତବତା ଏତେ ଭୀଷଣ ଯେ
ବଞ୍ଚେ କବିତାର ଆଶ୍ରୟରେ,
ଯେତେଯେତେ ମରୁଥାଏ
ସେତେସେତେ ଜନ୍ମ ଦେଉଥାଏ
ସମ୍ଭାବନା ସେ।

ସୁଅର ଅନୁକୂଳରେ ଥାଉ
କି, ପ୍ରତିକୂଳରେ
ଥାଏ ତ ଥାଏ
ସବୁବେଳେ ସେ
ଗୋଟେ ଆବେଗରେ।

ପ୍ରତି ଆରୋହଣକୁ,
ଅବରୋହଣକୁ
ଛୁଇଁ ଛୁଇଁ
ବଞ୍ଚିରହିଥାଏ ସିଏ
ଦେହରେ ନୁହେଁ ଆତ୍ମାରେ ।


❤ ଭୋଇସାହି, ବାଲେଶ୍ୱର
ମୋ: ୯୮୫୩୩୪୪୬୮୮

# ସମସ୍ତେ ନିଜର ମାତୃଭାଷା ପ୍ରତି ସଚ୍ଚୋଟ ଓ ସ୍ୱାଭିମାନୀ ହୁଅନ୍ତୁ ଏବଂ ଜଣେ ଜଣେ ଭଲ ପାଠକ ହୁଅନ୍ତୁ : ତ୍ରିନାଥ ସିଂହ

**ତ୍ରିନାଥ ସିଂହ**
ଓଡିଆ କବିତା ଜଗତରେ ଗୋଟେ ସ୍ୱର୍ଦ୍ଧିତ ଉଚ୍ଚାରଣ । ତାଙ୍କ କବିତାମାନଙ୍କରେ ବାସ୍ତବତା ସହ ଅଛି ଯେଉଁ ଛଳଛଳ ଭାବ, ସମ୍ମୋହନୀ ଶବ୍ଦ ଏବଂ ମୋହମୟ ଉପସ୍ଥାପନା ତାହା ତାଙ୍କୁ ଅନ୍ୟମାନଙ୍କ ଠାରୁ ନିଆରା କରି ଦେଖାଏ । କେବଳ କବିତା ନୁହେଁ, ଗୋଟିଏ ଉପନ୍ୟାସ ଲେଖିଥିବା କବି ଜଣକ କବିତାର ଭବିଷ୍ୟତକୁ ନେଇ ବେଶ୍ ଆଶାବାଦୀ । ଗୋଟିଏ ସମୃଦ୍ଧ ମାତୃଭାଷା, ଗୋଟିଏ ଜାତିର ପରିଚୟକୁ ସମୃଦ୍ଧ କରିଥାଏ ବୋଲି କହୁଥିବା ଏହି କବିଙ୍କ ସହ ଏଥରର ଆଳାପ...



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ ସାହିତ୍ୟର ଏତେ ବିଭାଗ ଥାଉ ଥାଉ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ଏଇ ରହସ୍ୟମଞ୍ଜୁଳ ପ୍ରକୃତି ତ କବିତାମୟ। କବିତା କୋଉଠି ନାହିଁ..! ଭୂମିରେ, ଭୂମାରେ... ଧୂଳିରେ, ଧୂମାଳରେ..!! ଗଳ୍ପ କହନ୍ତୁ କି ଉପନ୍ୟାସ, ନାଟକ ହେଉ କି ପ୍ରବନ୍ଧ... ସବୁର ନେପଥ୍ୟରୁ କବିତାର ରହସ୍ୟମଧୁର କଳକଳ ନିନାଦ ହିଁ ଶୁଭୁଥାଏ। ଯାହା ପ୍ରକୃତିଗତ, ତହିଁରୁ ମୁଁ ବା କେମିତି ବାଦ ଯାଆନ୍ତି ? ଆଉ ଯୋଉ ସୃଜନର ଆଦ୍ୟସ୍ଫୁରଣ କଥା କହୁଛନ୍ତି -- ଯେତେବେଳେ ତାରୁଣ୍ୟ ଛୁଇଁଲା, ସବୁ କେମିତି ଗୋଟେ ଅନନ୍ୟ ଲାଗିଲା, ମହମହ... ବାସ୍ନାମୟ... ମାଟି, ଗୋଡ଼ି, ପାଣି, ପବନ, ଆକାଶ... ସବୁ। ସେଇସବୁ ଭିତରେ ଭିତରେ ଲତଉଥିଲା କବିତା ହେଇ... ଯେମିତି ମଲ୍ଲୀ ବାସ୍ନାବିଭୋର କରେ ରାତିର ଅନ୍ଧାରକୁ, ଯେମିତି ଶେଫାଳୀ ଶୁଦ୍ଧପୂତ କରେ ଭୋର ସକାଳକୁ...!!

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ସାରସ୍ୱତ ପ୍ରେରଣା ନିଶ୍ଚିତ ଭାବରେ ଏଇ ମହାଜାଗତିକ ପ୍ରକୃତି। ତେବେ ଆଦ୍ୟଗୁରୁ ହେଉଛନ୍ତି ବାପା, ଯିଏ ପ୍ରତିଦିନ ଗାଧୁଆ ସାରି ବିଭିନ୍ନ ପୁରାଣରୁ ଅଧ୍ୟାୟେ ଲେଖାଏଁ ପଢୁଥିଲେ। ମୁଁ ତାଙ୍କ ପାଖରେ ବସି ସେ ସବୁ ଶୁଣିଥିଲି... ବରଂ ଦେଖୁଥିଲି କହିଲେ ଠିକ୍ ହେବ। ରାତିରେ ବି ଶୋଇବା ବେଳେ ସେ ବିଭିନ୍ନ ପ୍ରକାରର ଗପ କହୁଥିଲେ - ରାଜକୁମାର, ରାଜକୁମାରୀ ଠାରୁ ନେଇ ରାମାୟଣ, ମହାଭାରତର ଭିନ୍ନ ଭିନ୍ନ କଥା, ଉପକଥା... ଯାହା କ୍ରମଶଃ ମୋର କଳ୍ପନାପ୍ରବଣତାକୁ ଉଲ୍ଲସିତ, ସକ୍ରିୟ ଓ ସ୍ଫୀତ କରିଛି।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? କେଉଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଆଦର୍ଶ ନେଇ ଆପଣଙ୍କର ଏ ଯାତ୍ରା ?

■■ ପ୍ରବେଶଦ୍ୱାରରେ ଠିଆ ହେଉଥିବା ବେଳେ କୌଣସି ଲକ୍ଷ୍ୟ କି ଆଦର୍ଶ ନଥିଲା। କ'ଣ କ'ଣ ସବୁ ଆସୁଥିଲା, ଭିତରଟାକୁ ଘାଣ୍ଟି-ମନ୍ଥି ପକଉଥିଲା, ଅସ୍ଥିର କରୁଥିଲା... ଓ ପୁଣି ତା' ବାଟରେ ବାହାରି ଯାଉଥିଲା କିଛି ପାଦଚିହ୍ନ ଛାଡ଼ିଦେଇ କାଗଜରେ। ଅନ୍ୟାୟ, ଅନାଚାର ଓ ଅତ୍ୟାଚାର ପ୍ରତିକ୍ରିୟାଶୀଳ କରୁଥିଲା... କ୍ଷୁବ୍ଧ କରୁଥିଲା... ରୂପାନ୍ତରିତ ହେଉଥିଲା କବିତାକୁ। ଈଶ୍ୱରଙ୍କୁ ବିଦ୍ରୁପ କରି ଏହିଭଳି ଏକ କବିତା 'ଜନତାମୁଖେ', ମୋର ପ୍ରଥମଲେଖା ଭାବରେ ପ୍ରକାଶ ପାଇଥିଲା ସେତେବେଳେ ରେମୁଣା, ବାଲେଶ୍ୱରରୁ ପ୍ରକାଶ ପାଉଥିବା ତ୍ରୈମାସିକୀ 'ସମାପିକା'ରେ... ୧୯୮୩, ଜୁଲାଇ ସଂଖ୍ୟାରେ। ପ୍ରଥମ ପ୍ରକାଶନର ସ୍ପର୍ଶକାତର ଆବେଗ ନିଶ୍ଚିତ ଭାବରେ ଅନନ୍ୟ ଓ ଅବର୍ଣ୍ଣନୀୟ।

■ ତୁଳନାତ୍ମକ ଭାବେ ପୂର୍ବ ଅପେକ୍ଷା ଏବେ ଅଧିକ ସଂଖ୍ୟାରେ କବିତା ଲେଖା ଯାଉଥିଲେ ମଧ୍ୟ ସାଧାରଣ ପାଠକଙ୍କ ସଂଖ୍ୟା ସେହି ପରିମାଣରେ ବୃଦ୍ଧି ପାଉନଥିବା ଅଭିଯୋଗ ହୁଏ । ଏ ବାବଦରେ କଣ କହିବେ ?

■■ ମୁଁ ଏଥିରେ ଏକମତ ନୁହେଁ। କବିତା ନାଆଁରେ ଯାହା ଲେଖିଦେଲେ ବି କବିତା ହେଇଯିବ କି..!! ଟିକେ କଠୋର-ଶବ୍ଦରେ କହିଲେ, ଏବେ କବିତା ନୁହେଁ ଅକବିତାର ସଂଖ୍ୟା ବହୁ ଅଧିକ। ସହୃଦୟ ପାଠକଙ୍କ ସଂଖ୍ୟା ଜମା ହ୍ରାସ ହେଇନାହିଁ। ଅବଶ୍ୟ ଅକବିତାର କୋଳାହଳ ଭିତରେ ସମ୍ବେଦନଶୀଳ ପାଠକଟିଏ ଅଣନିଃଶ୍ୱାସ ଓ ବୀତସ୍ପୃହ ହେଇଉଠିବା ସ୍ୱାଭାବିକ। କବିତା ଏକ ଉଚ୍ଚତର କଳା, ଏବଂ ଉଚ୍ଚତର କଳାର ଗ୍ରାହକ ସବୁ ସମୟରେ କମ୍ ଓ ସୀମିତ। ଏହା ଜଣକର ରୁଚିର କଥା। ଏଣୁ ବ୍ୟସ୍ତ ହେବାର କିଛି ନାହିଁ। ତେବେ, ନୂତନ ପାଠକ ଓ ଗ୍ରାହକ ସୃଷ୍ଟି କ୍ଷେତ୍ରରେ ବର୍ତ୍ତମାନର ପ୍ରଯୁକ୍ତିବିଦ୍ୟା ଓ ତଦୁଦ୍ଭବ ଜ୍ଞାନକୌଶଳ କେତେକାଂଶରେ ଅନ୍ତରାୟ ସୃଷ୍ଟି କରୁଛି ନିଶ୍ଚୟ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ। ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇପାରିବ କି ?

■■ ନାଇଁ, ମାତୃଭାଷା ସଙ୍କଟରେ ନାହିଁ। ଆଗାମୀ ଶହେବର୍ଷ ପର୍ଯ୍ୟନ୍ତ ଓଡ଼ିଆଭାଷା ପ୍ରତି ବିଲୋପର ଭୟ ନାହିଁ। କାରଣ ବିଶ୍ୱସ୍ତରରେ ବର୍ତ୍ତମାନ ୭୧୧୭ଟି ଭାଷା ଲୋକେ ବ୍ୟବହାର କରୁଥିବା ବେଳେ, ଓଡ଼ିଆଭାଷା ୪୨ତମ ସ୍ଥାନରେ, ସୁରକ୍ଷିତ ରହିଛି। ଅବଶ୍ୟ ମାଲାୟାଲାମ, ଭୋଜପୁରୀ, କନ୍ନଡ଼, ଗୁଜରାଟୀ, ତାମିଲ, ତେଲୁଗୁ, ମରାଠୀ ଓ ବଙ୍ଗାଳୀ ଆଦି ଆଠଗୋଟି ପ୍ରାଦେଶିକ ଭାଷା ଓଡ଼ିଆ ଠାରୁ ଉଚ୍ଚସ୍ଥାନରେ ରହିବା ଆମ ପାଇଁ ସତର୍କଘଣ୍ଟି ନିଶ୍ଚୟ। ଓଡ଼ିଶାର ଲୋକସଂଖ୍ୟା ପାଖାପାଖି ପାଞ୍ଚକୋଟି ହୋଇଥିବା ବେଳେ ଏହାର ଦୁଇ-ତୃତୀୟାଂଶ, ମାତ୍ର ସାଢ଼େ ତିନିକୋଟି ଲୋକ ଓଡ଼ିଆକୁ ମାତୃଭାଷା ରୂପେ ବ୍ୟବହାର କରନ୍ତି, ଯାହା ଚିନ୍ତାଜନକ। ଏହି ସଙ୍କଟରୁ ମୁକ୍ତି ପାଇବାର ଅନ୍ୟ ଅନେକ ମାର୍ଗ ମଧ୍ୟରୁ ସାହିତ୍ୟ ଅବଶ୍ୟ ଏକ ମାର୍ଗ। ମାତ୍ର ସର୍ବାଗ୍ର ଓ ସର୍ବଶ୍ରେଷ୍ଠ ମାର୍ଗଟି ହେଉଛି 'ଭାଷାକୁ ନେଇ ସ୍ୱାଭିମାନ', ଯାହା ପ୍ରତ୍ୟେକଟି ଓଡ଼ିଆ ଭିତରେ ପ୍ରଜ୍ୱଳିତ ହେଇ ରହିବା ଆବଶ୍ୟକ। ଆଜି ଓଡ଼ିଆ ଅସ୍ମିତାର କଥା ଉଠୁଥିବା ବେଳେ ଆମେ ଆମର ବାହାଘର କି ବ୍ରତଘର ନିମନ୍ତ୍ରଣ ପତ୍ରଟିକୁ ସୁଦ୍ଧା ଓଡ଼ିଆଭାଷାରେ ଛାପିବା ପାଇଁ କୁଣ୍ଠିତ। ଆମେ ଆମ ଅନୁଷ୍ଠାନର ନାମଫଳକକୁ ମାତୃଭାଷାରେ ଲେଖିବାକୁ କୁନ୍ଥ କୁନ୍ଥ ହେଉଛୁ। ଭାଷା ବ୍ୟବହାର ନହେଲେ ଅଧୋଗତି ତ ନିଶ୍ଚିତ। ଆମ ଭିତରେ ହିଁ ଆମଭାଷା ପ୍ରତି ସମ୍ମାନବୋଧ ନାହିଁ। ଆଉ ଏବର ଗଣମାଧ୍ୟମରେ ଭାଷାର ଯୋଉ ବିକୃତ ପ୍ରୟୋଗ - ତାହା ଆହୁରି ଭୟଙ୍କର ଓ ମାରାତ୍ମକ।

■ କବିତାର ଭବିଷ୍ୟତକୁ ନେଇ କେତେ ଆଶାବାଦୀ ? କବିତାରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ କବିତାର ଭବିଷ୍ୟତକୁ ନେଇ ମୁଁ ଜମାରୁ ନିରାଶ ନୁହେଁ। କାରଣ ଏଇ ବିଶ୍ୱବ୍ରହ୍ମାଣ୍ଡ କବିତାର ପ୍ରାଚୁର୍ଯ୍ୟରେ ଧନୀ। ଯେତେବେଳେ ମାନବସଭ୍ୟତା ନଥିଲା, ସେତେବେଳେ ବି କବିତା ଥିଲା ଏଠି, ପ୍ରକୃତିର ରହସ୍ୟମାଧୁର୍ଯ୍ୟ ହେଇ; ଏବଂ ମାନବସଭ୍ୟତା ଲୋପ ପାଇଯିବା ପରେ ବି ଏଠି କବିତା ରହିଥିବ। କବିତାରେ କାହାର ମାନସିକତାରେ ପରିବର୍ତ୍ତନ ଆଣିବା ଅବଶ୍ୟ ସମ୍ଭବ। ପିଲାବେଳେ କବି ରାମକୃଷ୍ଣ ନନ୍ଦଙ୍କ 'ଆହେ ଦୟାମୟ ବିଶ୍ୱବିହାରୀ' ପ୍ରାର୍ଥନା ଆମେ ଗାଉଥିଲେ ଏବଂ ଉଦ୍‌ବୁଦ୍ଧ ହେଉଥିଲେ - ଯାହା ଏବେ ବି ଆମର ମାନସିକତା ଓ ବିବେକକୁ ପ୍ରତିଭାତ କରୁଛି। ହଁ, କବିତା ଯେ ସମସ୍ତଙ୍କର ମାନସିକତାକୁ ପ୍ରଭାବିତ କରିବ, ଏମିତି କିଛି ମାନେ ନାହିଁ। ଜଣେ ବି ଯଦି ସେ ସମ୍ପର୍କରେ ମନନ କଲା ଓ ପ୍ରଭାବିତ ହେଲା, ସେତିକି ଯଥେଷ୍ଟ। ଏହା ଏକ ଶୃଙ୍ଖଳ। ତାପରେ... ରାତାରାତି କିଛି ପରିବର୍ତ୍ତନ ହୁଏ ନାହିଁ। ଏହା ଏକ ମନ୍ଥର କିନ୍ତୁ ଦୀର୍ଘକାଳୀନ ପ୍ରକ୍ରିୟା।

■ ଓଡିଆ ସାହିତ୍ୟର ପାଠକଙ୍କୁ ନେଇ କେତେ ଆଶ୍ୱସ୍ତ ? ପାଠକ ସାହିତ୍ୟ ପାଖରୁ ନା ସାହିତ୍ୟ ପାଠକଙ୍କ ପାଖରୁ ଦୂରଉଛି ବୋଲି ଆପଣ ମନେ କରନ୍ତି ? ଏହାର ନିରାକରଣର ଉପାୟ ?

■■ ପାଠକ, ସେ ବଞ୍ଚୁଥିବା କାଳଖଣ୍ଡର ବିବିଧ ଅବକ୍ଷୟ ତଥା ନିଜର ପରିବର୍ତ୍ତିତ ରୁଚିକୁ ନେଇ ବେଳେବେଳେ ସାହିତ୍ୟ ପାଖରୁ ଦୂରେଇ ଯାଉଥାଇପାରେ। ମାତ୍ର ସାହିତ୍ୟ କେବେ ବି ପାଠକ ପାଖରୁ ଦୂରେଇ ଯାଏନି, ବିଶେଷ କରି ସତ୍ ପାଠକ ପାଖରୁ। ଉପରଠାଉରିଆ ପାଠକଙ୍କ କଥା ମୁଁ କହିବି ନାହିଁ, ଯଦିଓ ବର୍ତ୍ତମାନ ଉପରଠାଉରିଆ ପାଠକଙ୍କ ସଂଖ୍ୟା ଖୁବ୍ ବେଶୀ। ପ୍ରକୃତ ପାଠକ କହିଲେ ଜଣେ ସତ୍ ପାଠକ ବା **serious reader** କୁ ବୁଝାଏ - ଯିଏ ସାହିତ୍ୟର କଳାତ୍ମକ ଦିଗ ସହ ତା'ର ଯୌକ୍ତିକ ସାମର୍ଥ୍ୟ ଓ ନାନ୍ଦନିକତାକୁ ବି ଏକ ବିଶ୍ଳେଷଣାତ୍ମକ ଦୃଷ୍ଟିରେ ଅବଲୋକନ କରୁଥାଏ। ଏହି ଶ୍ରେଣୀୟ ପାଠକ ସାହିତ୍ୟର ଅମ୍ଳଜାନ, ଯାହାଙ୍କ ସଂଖ୍ୟା ବି କମ୍ ନୁହେଁ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ।

■■ ସାହିତ୍ୟ ପୁରସ୍କାର ଲୋଡ଼େନି। କିନ୍ତୁ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ ନିଶ୍ଚିତ ରୂପେ ରହିଛି - ଯାହା ତାକୁ ସ୍ୱୀକୃତି ଦିଏ ଏବଂ ସେହି ସ୍ୱୀକୃତି ଲେଖକର ଲେଖନୀକୁ ବିଶ୍ୱାସ ଓ ସାମର୍ଥ୍ୟ ଯୋଗେଇବା ସହ ଉଚ୍ଚକୋଟିର ସାହିତ୍ୟ ପାଇଁ ଦାୟିତ୍ୱବାନ ବି କରାଏ। ସାହିତ୍ୟକୁ ମାଧ୍ୟମ କରି 'ପ୍ରେମ ଓ ବିଶ୍ୱାସ'ର ଭାବନାଟିଏ ସମସ୍ତଙ୍କ ପାଖକୁ ଯାଉ। ସମାଜରେ 'ପ୍ରେମ ଓ ବିଶ୍ୱାସ' ପ୍ରତିଷ୍ଠିତ ହେଉ। କାରଣ, ପ୍ରେମ ଅନାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାର ସାମର୍ଥ୍ୟ ଦିଏ ଓ ବିଶ୍ୱାସ ଜୀବନକୁ ସୌନ୍ଦର୍ଯ୍ୟ ଦିଏ। ପରିଶେଷରେ ଏତିକି କହିବି, ବୁଦ୍ଧି ବୃତ୍ତି ପଦ ମର୍ଯ୍ୟାଦା ଧର୍ମ ବର୍ଣ୍ଣର ଉର୍ଦ୍ଧ୍ୱରେ ସମସ୍ତେ ନିଜର ମାତୃଭାଷା ପ୍ରତି ସଚ୍ଚୋଟ ଓ ସ୍ୱାଭିମାନୀ ହୁଅନ୍ତୁ ଏବଂ ଜଣେ ଜଣେ ଭଲ ପାଠକ ହୁଅନ୍ତୁ। କାରଣ ଗୋଟିଏ ସମୃଦ୍ଧ ମାତୃଭାଷା, ଗୋଟିଏ ଜାତିର ପରିଚୟକୁ ସମୃଦ୍ଧ କରିଥାଏ।

❤❤

■ **ଅଳ୍ପରେ ତ୍ରିନାଥ ସିଂହ**



ଜନ୍ମ ତାରିଖ - ୨୬.୦୭.୧୯୬୬
ନିଜ ଗ୍ରାମ - (ଷଢେଇକଳା) ସିଂହଭୂମ ଗଡଜାତ ଅଂଚଳ ବର୍ତ୍ତମାନ ଝାଡଖଣ୍ଡ ରାଜ୍ୟରେ
ପିତା - ଜତିନାଥ ସିଂହ
ମାତା - ଉମାଦେବୀ ସିଂହ
ବର୍ତ୍ତମାନର ଠିକଣା : ଭବିଷ୍ୟନିଧି କାର୍ଯ୍ୟାଳୟ, ପାନପୋଷ ମାର୍ଗ, ରାଉରକେଲା- ୭୬୯୦୦୧୨
(ମୋ) ୮୯୮୪୦୭୩୧୧୦/ ୮୮୯୫୦୯୯୪୬୪

**ପ୍ରକାଶିତ ପୁସ୍ତକ**
୧. ଫେରନ୍ତା ପକ୍ଷୀ - ୧୯୯୯ (ଦ୍ୱିତୀୟ ସଂସ୍କରଣ ୨୦୧୧)
୨.କୋଳାହଳ -୨୦୦୯
୩. ସେମାନଙ୍କ ପୂର୍ବାପର -୨୦୧୩
୪. ପବନ ବହୁଛି ଯେମିତି - ୨୦୧୪
୫. ଚୁପ୍‌ଚାପ୍ ଚତୁର୍ଥ ଧାଡିରେ -୨୦୨୨
୬.ଉପନ୍ୟାସ- ଦୁଇ ଫର୍ଦ୍ଦ ଆକାଶ -୨୦୨୪



କବି ତ୍ରିନାଥ ସିଂହଙ୍କ ସୃଷ୍ଟି ସମ୍ଭାର....



ନିଜ ପରିବାର ତଥା ପତ୍ନୀ ଓ ଦୁଇ ପୁତ୍ରଙ୍କ ସହ କବି ତ୍ରିନାଥ ସିଂହ...



ସମ୍ବର୍ଦ୍ଧିତ ହେବାର ମହାର୍ଘ ମୁହୂର୍ତ୍ତ....



ଚିରଶ୍ରୀ ଇନ୍ଦ୍ରସିଂ

ସେଇ ଚିଠିରେ ଚିଠିରେ କେତେଗୁଡ଼ିଏ ସଂପର୍କ ବି ଗଢ଼ି ଉଠିଥିଲା । କିଛି କ୍ଷଣସ୍ଥାୟୀ ହେଲା ତ କିଛି ଚିରସ୍ଥାୟୀ । ଏବେ ଚିଠି କଥା ଉଠିଲାରୁ ଅନେକ ସୁନ୍ଦର ଅକ୍ଷର ବି ମନେ ପଡୁଛି । ଦୀପକ ମିଶ୍ର, ଫାଟକ, ସମ୍ବଲପୁର, କେଦାର ମିଶ୍ର, ମିଶ୍ରପଡ଼ା, ସୋନପୁର; କୁମାର ହସନ, ମନୀଷା ଇଣ୍ଟରନ୍ୟାସନାଲ, ଭୂତପଡ଼ା, ସମ୍ବଲପୁର, ଶିବରାମ ପାତ୍ର, ବି.ସାମଲ, ଏଫସିଆଇ, ତାଳଚେର, ପ୍ରଫୁଲ୍ଲ ମିଶ୍ର, ଖୋର୍ଦ୍ଧା ।

## ପ୍ରିୟ ପାଠକ-୪୦

# ପ୍ରଣାମ ମୋର ପ୍ରିୟ ପାଠକ, ପ୍ରଣାମ ଆପଣଙ୍କର ପାଦତଳେ...

ଲେଖାଲେଖି କରି ଏତିକି ଲାଭ ହେଇଛି ଯେ, ଜୀବନରେ କେତୋଟି କଷ୍ଟକର ଓ ଅସହ୍ୟ ଘଟଣା ଘଟୁଥିବା ବେଳେ ବି କେବେହେଲେ ନିଜକୁ ନିତାନ୍ତ ନିଃସଙ୍ଗ ଓ ପରିତ୍ୟକ୍ତ ଲାଗିନାହିଁ । ଚାରିପଟରେ ଖାଲି ଗହଳି ନାହିଁ, ମୋ ଚରିତ୍ରମାନଙ୍କୁ ବୁଝି ପାରୁଥିବା ଓ ସ୍ନେହଆଦର କରୁଥିବା ପାଠକମାନେ ବି ଅଛନ୍ତି ଓ ସେମାନଙ୍କର ସଦୟ ଉପସ୍ଥିତିରେ ମୋର ଦମ୍ଭ ବଢ଼ିଛି, ଦୁଃଖ କମିଛି ।

ପଞ୍ଚତିରିଶ ବର୍ଷରୁ ଅଧିକା ସମୟ ଗଲାଣି, ମୋର ପ୍ରଥମ ଗପ ପ୍ରକାଶିତ ହେବା ପରଠାରୁ। (ଶିଶୁ ଓ କିଶୋର ବେଳର ପ୍ରକାଶିତ ଲେଖାକୁ ଗଣୁ ନାହିଁ ) ଲମ୍ବା ସମୟ । ପାଠକ ମାନଙ୍କଠାରୁ ଶ୍ରଦ୍ଧା, ଆଶୀର୍ବାଦ, ଭଲପାଇବା, ସମାଲୋଚନା ଅନେକ ମିଳିଛି । ଆଜିକାଲି ଫୋନ୍ ବା ମେସେଜର ଯୁଗ, ୨୦୧୦ ମସିହା ବା ଆଉ ଟିକିଏ ଅଧିକା ବର୍ଷ ଯାଏ କିନ୍ତୁ ଚିଠି ଆସୁଥିଲା । ଚିଠି ଲେଖା କମି କମି କମି କମି ଏବେ ଏହା ଏକ ସଂକଟଗ୍ରସ୍ତ ଅଭ୍ୟାସ ବା ପ୍ରଥାରେ ପରିଣତ ହେଲାଣି ।

ରମାଦେବୀ ମହିଳା ମହାବିଦ୍ୟାଳୟରେ ଥିବା 'ଅନିନ୍ଦିତା' ଏବଂ 'ଅନ୍ୟତମା' ଦୁଇଟି ଯାକ ହଷ୍ଟେଲରେ ରହିଛି ମୁଁ । 'ଅନ୍ୟତମା'ରେ ଥିଲା ବେଳେ ମନସ୍ତତ୍ୱ ବିଭାଗର ଜାହାନ୍ନାରା ବେଗମ ମାଡାମ୍ ଆମ ହଷ୍ଟେଲର ସହତତ୍ତ୍ୱାବଧାରିକା ଥିଲେ । ସେତେବେଳେ 'ସୁଚରିତା' ପତ୍ରିକାରେ ନିୟମିତ ଭାବରେ ମୋର ଗଳ୍ପ ପ୍ରକାଶିତ ହେଉଥିଲା ଏବଂ ଗପଟିଏ ପ୍ରକାଶିତ ହେବା ମାତ୍ରେ ବହୁ ସଂଖ୍ୟାରେ ଚିଠି ଆସିବା ବି ସାଧାରଣ କଥା ହୋଇ ଯାଇଥିଲା । ହଷ୍ଟେଲର ନିୟମ ଅନୁଯାୟୀ, ଝିଅମାନଙ୍କର ଯେଉଁ ଚିଠିସବୁ ଆସୁଥିଲା, ତାକୁ ତତ୍ତ୍ୱାବଧାରିକା କିମ୍ବା ସହତତ୍ତ୍ୱାବଧାରିକା ଖୋଲି ପଢ଼ି ସାରିବା ପରେ ଯାଇ ତାହା ସଂପୃକ୍ତ ଝିଅଙ୍କୁ ଦିଆ ଯାଉଥିଲା । ମନେ ଅଛି, ଥରେ ଜାହାନ୍ନାରା ମାଡାମ ସଂଧ୍ୟାରେ ପ୍ରାର୍ଥନା କ୍ଲାସ ପରେ ମତେ ଠିଆ କରେଇ କହିଲେ, ଚିରଶ୍ରୀ, ଏକା ତୋର ସତେଇଶିଟା ଚିଠି ପଢ଼ିଛି ମୋ ରୁମ୍‌ରେ। ତୋର ଏତେ ଚିଠି ମୁଁ ଆଉ ପଢ଼ି ପାରିବିନି। ଦି' ଚାରିଦିନ ଛୁଟି ନେଇଗଲେ ଏ ହଷ୍ଟେଲରେ ଚିଠିର ପାହାଡ଼ ଜମି ଯାଉଛି । ତୋର ତ ଗପ ଗୀତ ଚିଠି, ତୋ ଚିଠିତକ ତୁ ସେମିତି ନେଇଯା', ମତେ ସମୟ ନାହିଁ ପଢ଼ିବାକୁ । ହଷ୍ଟେଲ ପରେ ହଷ୍ଟେଲ, ଭଡ଼ାଘର, ଗାଁ, ଚାକିରୀ ଜାଗା, ଶାଶୁଘର, ପୁଣି ଭଡ଼ାଘର... ଏମିତି ସବୁ ବୁଲି ବୁଲି ଚିଠିସବୁ କୁଆଡ଼େ ହଜିଗଲା। କିନ୍ତୁ ସେଇ ଚିଠିରେ ଚିଠିରେ କେତେଗୁଡ଼ିଏ ସଂପର୍କ ବି ଗଢ଼ି ଉଠିଥିଲା । କିଛି କ୍ଷଣସ୍ଥାୟୀ ହେଲା ତ କିଛି ଚିରସ୍ଥାୟୀ । ଏବେ ଚିଠି କଥା ଉଠିଲାରୁ ଅନେକ ସୁନ୍ଦର ଅକ୍ଷର ବି ମନେ ପଡୁଛି । ଦୀପକ ମିଶ୍ର, ଫାଟକ, ସମ୍ବଲପୁର, କେଦାର ମିଶ୍ର, ମିଶ୍ରପଡ଼ା, ସୋନପୁର; କୁମାର ହସନ, ମନୀଷା ଇଣ୍ଟରନ୍ୟାସନାଲ, ଭୂତପଡ଼ା, ସମ୍ବଲପୁର, ଶିବରାମ ପାତ୍ର, ବି.ସାମଲ, ଏଫସିଆଇ, ତାଳଚେର, ପ୍ରଫୁଲ୍ଲ ମିଶ୍ର, ଖୋର୍ଦ୍ଧା ।

ଏମିତି କେତେ ଠିକଣା, କେତେ ଖୁସି । କେତେ ନାଁ ତ ଭୁଲି ଯାଇଛି । ଆଜି ଯେତେବେଳେ ଜଣେ ପ୍ରିୟ ପାଠକଙ୍କ ବିଷୟରେ ଲେଖିବାକୁ ପଡୁଛି, ସେଥିପାଇଁ ମନରେ କୁଣ୍ଠା ଆସୁଛି ଯେ, କାହାକଥା କହିବି ! ସେ ଯାହାହେଉ ସମସ୍ତଙ୍କୁ, ସେତେବେଳର ଓ ଏତେବେଳର ସବୁ ପାଠକଙ୍କୁ ସମ୍ମାନ ଓ କୃତଜ୍ଞତା ଜଣାଇ, ମୁଁ ଜଣଙ୍କ କଥା ଲେଖୁଛି... ମୋର ପ୍ରିୟ ପାଠକ ଶ୍ରୀଯୁକ୍ତ ବିଜୟକୃଷ୍ଣ ମହାନ୍ତି, କୁଣ୍ଢେଇବେଣ୍ଟ ସାହି, ପୁରୀ । ହଁ, ଏଇ ଠିକଣାରେ ସେ ରହୁଥିଲେ । ଚାକିରୀ ସରିବା ପରେ, ଏଇ ଠିକଣାରୁ ମୋ ପାଖକୁ ଚିଠି ଆସୁଥିଲା ଏବଂ ମୁଁ ବି ଏଇ ଠିକଣାକୁ ଉତ୍ତର ଫେରଉ ଥିଲି । ଏଇ ଠିକଣାରେ ପହଞ୍ଚିଛି ମୁଁ କେତେଥର ।

ବିଜୟକୃଷ୍ଣ ମହାନ୍ତିଙ୍କ କଥା ଲେଖିବାର କେତୋଟି ପ୍ରମୁଖ କାରଣ ହେଲା ଯେ, ସେ ଯେଉଁ ଭାବରେ ମତେ ଭଲ ପାଉଥିଲେ, ସେପରି ଭଲ ପାଇବା ମୋ ପାଇଁ ଜୀବନର ଉପହାର ବୋଲି ମୁଁ ଭାବେ । ଆଉ ଗୋଟେ କଥା ହେଲା ଯେ ମୋର ଯେଉଁ ଗଳ୍ପଟିକୁ ମୁଁ ମୋର ପ୍ରଥମ ପ୍ରକାଶିତ ଗଳ୍ପ ବୋଲି କହେ (ତା' ପୂର୍ବରୁ ଯେଉଁ ଗଳ୍ପଟି ଗୋକର୍ଣ୍ଣିକା ପତ୍ରିକାରେ ପ୍ରକାଶିତ ହୋଇଥିଲା, ସେଥିରେ ଅନ୍ୟ ଏକ ଭାଷାରୁ ଅନୂଦିତ ଗଳ୍ପଟିର ପ୍ରଭାବ ରହିଯାଇଥିବା ପରି ଲାଗିଲା ଦିନେ। ଏବେ ସେ ଗପଟି ବି ନାହିଁ ମୋ ପାଖରେ କି କୌଣସି ସଂକଳନରେ) ସେଇ 'ଜାନକୀର ପୁଅ' ଗପଟି ସହିତ ତାଙ୍କ ଜୀବନର ସାଦୃଶ୍ୟ ଅଛି ବୋଲି ତାଙ୍କର ସ୍ୱୀକାରୋକ୍ତି ଏବଂ ମୋର ତଦ୍‌ଜନିତ ପୁଲକ !

ବିଜୟକୃଷ୍ଣ ନିଃସନ୍ତାନ ଥିଲେ । 'ଜାନକୀର ପୁଅ' ଗଳ୍ପଟି ଏକ ନିଃସନ୍ତାନ ଦମ୍ପତିଙ୍କର ପ୍ରେମ କଥା ଆଧାରିତ ଥିଲା । ନିଜର ପତ୍ନୀ ବ୍ରହ୍ମୋତ୍ରୀଙ୍କୁ ବିଜୟକୃଷ୍ଣ ଭଲ ତ ପାଉଥିଲେ ବହୁତ । ହେଲେ ସମ୍ମାନ କରୁଥିଲେ ବି ଅପ୍ରମିତ । ଥରେ ସେ ମତେ କହିଥିଲେ, 'ମୋ ମା' ତ ମୋତେ ଜନ୍ମ ଦେଇଥିଲା, ହେଲେ ତୁମର ମାଉସୀ ମୋର ଆତ୍ମାକୁ ପୁର୍ନଜନ୍ମ ଦେଇଛନ୍ତି । ବାହାଘର ପୂର୍ବରୁ ମୁଁ ଶସ୍ତା ଧରଣର ଗୁଇନ୍ଦା କାହାଣୀ ଲେଖୁଥିଲି, ଏଣୁ ତେଣୁ କଥାରେ ଆନନ୍ଦ ପାଉଥିଲି ଏବଂ ସମୟ ବି ନଷ୍ଟ କରୁଥିଲି ରୁଚିହୀନ ବିଷୟ ଗୁଡ଼ିକରେ ମାତି । ବିବାହ ପରେ ମୋର ଜାଣ ସଂସ୍କାର ହେଲା । ଜୀବନକୁ ଓ ଜଗତକୁ ନୂଆ ପ୍ରକାରେ ଦେଖିଲି, ବୁଝିଲି, ଲେଖିପାରିଲି ।

ଲମ୍ବା ଲମ୍ବା ଚିଠି ଲେଖୁଥିଲେ ମଉସା ମତେ, ତାଙ୍କର ଭୁବନେଶ୍ୱର ପୋଷ୍ଟାଲ କଲୋନୀ କ୍ୱାଟର୍ସ ଘରର ଠିକଣାରୁ । ମୁଁ ସେତେବେଳେ ଅନ୍ୟତମା ହଷ୍ଟେଲ, ରମାଦେବୀ କଲେଜରେ। ଭାରି ସୁନ୍ଦର ଅକ୍ଷର, ଅତି ମାର୍ଜିତ ଭାଷା, ଲିଖନ ଶୈଳୀରେ ଅଦ୍ଭୁତ ଏକ ଆବେଗର କୋମଳ ଛୁଆଁ ।

ଲମ୍ବା ଲମ୍ବା ଚିଠି ଲେଖୁଥିଲେ ମଉସା ମତେ, ତାଙ୍କର ଭୁବନେଶ୍ୱର ପୋଷ୍ଟାଲ କଲୋନୀ କ୍ୱାଟର୍ସ ଘରର ଠିକଣାରୁ । ମୁଁ ସେତେବେଳେ ଅନ୍ୟତମା ହଷ୍ଟେଲ, ରମାଦେବୀ କଲେଜରେ। ଭାରି ସୁନ୍ଦର ଅକ୍ଷର, ଅତି ମାର୍ଜିତ ଭାଷା, ଲିଖନ ଶୈଳୀରେ ଅଦ୍ଭୁତ ଏକ ଆବେଗର କୋମଳ ଛୁଆଁ । ଏମିତି କିଛିଦିନ ଚାଲିଲା। ଦିନେ ନିମନ୍ତ୍ରଣ ଆସିଲା ତାଙ୍କ ଘରକୁ ଯିବାକୁ, ଗଲି ।

ଅସଜଡ଼ା ଘର, ଥାକ ଥାକ ବହି, ଠାକୁରଙ୍କର ଛେନା କ୍ଷୀରି ଭୋଗ, ଗରମ ଗରମ ଜଳଖିଆ, ମଉସାଙ୍କର ଅସରନ୍ତି ଗପ, ସ୍ୱଳ୍ପବାକ୍ ବ୍ରହ୍ମୋତ୍ରୀଙ୍କର ପଦ୍ମପାଖୁଡ଼ା ଆଖିର ଢଳଢଳ ହସ । ଗଭୀର ପ୍ରେମରେ ଜୀବନ ବଂଚୁଥିବା ଦୁଇଜଣ ଉଦାର ମଣିଷ - ସେଦିନର କଥା ମନେପଡେ ବହୁତ ସମୟରେ ।

ଚାକିରୀ ସରିବା ପରେ ମଉସା ତାଙ୍କର ପୁରୀ ଘରେ ଯାଇ ରହିଲେ । ସବୁବେଳେ ଚିଠି ଲେଖନ୍ତି । ମୁଁ ବି କେତେଥର ଯାଇଛି ତାଙ୍କର ପୁରୀ ଘରକୁ ।


ପୁରୀ ଘରେ ସେ ତାଙ୍କର ଗପ ଓ ମାଉସୀଙ୍କର କବିତା ଶୁଣାନ୍ତି । ଧୂଳିଝଡ଼ା ହୁଏ ବହିଥାକରୁ । ଅନ୍ୟ ସମସାମୟିକ ଓ ପୁରୁଣା ଲେଖକମାନଙ୍କର ଲେଖା ବି ପଢ଼ାଯାଏ । ଆଲୋଚନା ହୁଏ । ମାଉସୀଙ୍କ କବିତା କଥା କହିଲା ବେଳେ ସେ ବଡ଼ ମୁଖର ହୋଇ ଉଠନ୍ତି । ବଡ଼ କୁଣ୍ଠାରେ ହସୁଥାଆନ୍ତି ମାଉସୀ । ସ୍ୱାମୀଙ୍କୁ କୁହନ୍ତି ଅନ୍ୟମାନଙ୍କୁ କଥା ଆଲୋଚନା କରିବାକୁ ।

ପୁରୀ ଘରେ ମାଉସୀଙ୍କର ବହୁତ କାମ, ବହୁତ ପୂଜାପାଠ । ଦୟଣା, ତୁଳସୀ, ଫୁଲଚନ୍ଦନ, ଜଣାଣ ଭଜନ ଭିତରେ ସେ ବୁଡ଼ିକରି ଥାଆନ୍ତି । ଏପଟେ ମଉସା ଥାଆନ୍ତି ମଣିଷଙ୍କ ମଝିରେ, ଜଗତର କୋଳାହଳ ଓ ଆନନ୍ଦର ମଝିରେ । ଅଥଚ ଦୁଇଜଣ ପରସ୍ପରକୁ ସ୍ନେହ ଓ ସୁରକ୍ଷା ଦେଉଥାଆନ୍ତି ଅତି ସହଜରେ, ସ୍ୱାଭାବିକତାରେ ।

ତାଙ୍କ ଘରୁ ଆସିଲା ବେଳକୁ ମଉସା ବାଟ ବଳେଇ ଦେବାକୁ ଗୁଡ଼ାଏ ବାଟ ଚାଲି ଚାଲି ଆସନ୍ତି । ମୁଁ ରିକ୍ସା ଖୋଜୁଥାଏ ଶୀଘ୍ର ପଳେଇ ଆସିବି ବୋଲି, ସେ କିନ୍ତୁ ଏଡ଼େଇ ଯାଆନ୍ତି ରିକ୍ସା କଥାକୁ । 'ଚାଲ ଚାଲ, ତମ ସହିତ ତ ମୁଁ ଚାଲୁଛି, ଥକି ଯାଉଛି କି ?'

ଡେଙ୍ଗା ମଣିଷ । ଶେଷ ଆଡ଼କୁ ତାଙ୍କର ଆଣ୍ଠୁ ବଙ୍କା ହୋଇଯାଇଥିଲା, ଆଣ୍ଠୁ ପାଖରୁ କୋଣ କରି। ତଥାପି ସେ ମୋ ପଛେ ପଛେ ଆସୁଥାଆନ୍ତି, ଗଳି ମୋଡ଼ରେ ମୋ ରିକ୍ସା ଲୁଚିଯିବା ଯାଏଁ ମୁଁ ତାଙ୍କୁ ଦେଖିପାରେ ।

ମଉସା ଭୁବନେଶ୍ୱର ପୁସ୍ତକମେଳା କମିଟିର ସକ୍ରିୟ ସଦସ୍ୟ ଥିଲେ, ପ୍ରତିଷ୍ଠାତା ସଦସ୍ୟ । ପୁସ୍ତକମେଳା ଚାଲିଥିବା ବେଳେ ସେଇ ଅଫିସଘରେ ରହନ୍ତି । ପୁସ୍ତକମେଳା ପରିସରରେ ଛତାଟିଏ ଟାଙ୍ଗି ତା' ତଳେ ସେ ବସି ରହିଥିବାର ଦୃଶ୍ୟ ଅନେକଙ୍କର ମନେଥିବ। ସେ ଥିଲେ ବିଶ୍ୱାସର ମଣିଷ; ମଣିଷକୁ, ଜଗତକୁ, ବହିକୁ ବିପୁଳ ଭଲପାଇବାରେ ଆଚ୍ଛନ୍ନ ହୋଇ ରହିଥିବା ମଣିଷ, ସଂକ୍ଷେପରେ ଜଣେ ନମ୍ର, ନିରୀହ, ବିରଳ ମଣିଷ ।



ପ୍ରିୟ ପାଠକ ବିଜୟକୃଷ୍ଣ ମହାନ୍ତି

ମତେ ନମସ୍କାର କରିଦିଅନ୍ତି ପ୍ରଥମେ । ମୁଁ ବାରଣ କଲେ ବୁଝେଇ ଦିଅନ୍ତି । 'ବୟସ କମ୍ ବେଶିର କଥା ନୁହେଁ ମାଆ, ଏଇଟା ଆତ୍ମାକୁ ଆତ୍ମାର ସମ୍ଭାଷଣ ।'

ମଉସା ଚାଲିଯିବା ପରେ, ପୁରୀ ପାଇଁ ମୋର ଆକର୍ଷଣ ଅନେକଟା କମିଗଲା । ଏବେ ବି ପୁରୀ କଥା ଉଠିଲେ ବିଜୟକୃଷ୍ଣ ମହାନ୍ତି ମନେ ପଡ଼ିଯାଆନ୍ତି ମୋର ।

ସମୁଦ୍ର, ବାଲୁବନ୍ତ, ଝାଉଁବଣ, ଦେଉଳ, ମଉସା, ସବୁ ଗୋଳେଇ ମିଶେଇ ଧୂଆଁ ଧୂଆଁ ଦିଶେ ।

ପ୍ରଣାମ, ମୋର ପ୍ରିୟ ପାଠକ
ପ୍ରଣାମ ଆପଣଙ୍କର ପାଦତଳେ...
ମୋର ଶବ୍ଦମାନଙ୍କୁ ଆଶୀର୍ବାଦ କରୁଥାଆନ୍ତୁ ଅମୃତଲୋକରେ ଥାଇ
ପ୍ରଣାମ.... ପ୍ରଣାମ ।

---

# ମୁଁ ଫେରିଲେ ତୁମର ...



ପ୍ରଦେଶ ପ୍ରତ୍ୟୁଷ

ଆମେ ଯେତେବେଳେ ଘରୁ ବାହାରକୁ କୌଣସି କାମରେ ଯାଉ ତ ଘର ଲୋକଙ୍କୁ ନିହାତି ଭାବେ ଜଣାଇ ଥାଉ । କାରଣ ସେମାନେ ଆମର ଫେରିବା ବାଟକୁ ଚାହିଁ ରହିଥାନ୍ତି, କେତେବେଳେ ଆମେ ଫେରିବା। ସ୍ତ୍ରୀଟିଏ ସ୍ୱାମୀକୁ ଅନେଇ ବସି ଥିବା ବେଳେ , ପିଲାମାନେ ତାଙ୍କ ବାପାଙ୍କ ଘରକୁ ଫେରିବା ପଥକୁ ଚାହିଁ ଥାନ୍ତି । ଆଉ ବୃଦ୍ଧ ବାପା ମାଆ ମଧ୍ୟ ପୁଅ କେତେବେଳେ ଆସିବ ବ୍ୟସ୍ତ ହୁଅନ୍ତି । ଠିକ୍ ସମୟରେ ନଫେରିଲେ ଘର ଲୋକେ ଫୋନ କରି ବୁଝନ୍ତି ବିଳମ୍ବର କାରଣ। ସମସ୍ତେ ଆମର ସୁରକ୍ଷାକୁ ନେଇ ଚିନ୍ତିତ। ରାସ୍ତାରେ ଯାଉ ଥିବା ଗାଡ଼ି ଗୁଡ଼ିକର ପଛରେ ମଧ୍ୟ ସଚେତନ ବାର୍ତ୍ତା ଥାଏ , ଯେମିତିକି ମୁଁ ଫେରିଲେ ତୁମର, ଧିର ଗତି ନାହିଁ ବିପତ୍ତି, ଆମ ଜୀବନ ଆମ ହାତରେ..ଇତ୍ୟାଦି ।ଘର ବାହାରେ ହିଁ ଜଗିଛି ବିପଦ। ରାସ୍ତା ଘାଟ ସବୁଠି ଏବେ ପାଦେ ପାଦେ ବିପଦ। ଘରୁ ବାହାରକୁ ପାଦ କାଢିଲେ ଆମେ ଭଲରେ ଘରକୁ ଫେରିବା କି ନାହିଁ ତା କହିବା ମୁସ୍କିଲ।

ଆମେ ଏଠାରେ ସଡ଼କ ଦୁର୍ଘଟଣା କଥା ଆଲୋଚନା କରୁଛେ। ପ୍ରତିଦିନ ରାସ୍ତାରେ ଦୁର୍ଘଟଣା ଘଟୁଛି। ଏଥିରେ ଅନେକ ଜୀବନ ଅକାରଣରେ ଚାଲି ଯାଉଛି। ସଦ୍ୟ ଏ ଲେଖକର ଆଖି ଆଗରେ ଘଟି ଥିବା ଏକ ଘଟଣା ବିଷୟରେ କହୁଛି। ଗତ କିଛି ଦିନ ପୂର୍ବେ ମୋର ଦୁଇଜଣ ସହକର୍ମୀଙ୍କ ସହ ଅଫିସରୁ ଫେରୁଥିଲି। ଆମ ତିନି ଜଣଙ୍କର ବାଇକ୍ ଆଗ ପଛ ହୋଇ ରାତି ୧୨ ଟା ସମୟରେ ମାଡ଼ି ଚାଲିଥାଏ ଆଗକୁ ଆଗକୁ । ଶୀତ ରାତି । ଦେହକୁ ଥରାଇ ଦେଉ ଥାଏ। କେମିତି ଶୀଘ୍ର ଘରେ ପହଞ୍ଚିବୁ ସମସ୍ତଙ୍କର ଏ ଚିନ୍ତା ଥାଏ।

ହଠାତ୍ ଆମେ ଦେଖିଲୁ ରାଜରାସ୍ତାରେ ଦୁଇ ଜଣ ଯୁବକ ପଡ଼ି ଚିତ୍କାର କରୁଛନ୍ତି। ଆମେ ସଙ୍ଗେ ସଙ୍ଗେ ଆମର ଗାଡ଼ିକୁ ରାସ୍ତା କଡ଼ରେ ରଖି ସେମାନଙ୍କ ପାଖକୁ ଗଲୁ। ସେମାନଙ୍କ ବାଇକ୍ ରାସ୍ତାରେ ପଡ଼ିଥାଏ , ସେମାନେ କିଛି ଦୂରରେ ପଡ଼ି ଛଟପଟ ହେଉଥାନ୍ତି। ରାତି ସମୟ ଯୋଗୁଁ ରାସ୍ତାରେ ଗାଡ଼ିମଟର ଯାତାୟାତ କମି କମି ଆସୁଥାଏ। ଆମେ ଦେଖିଲୁ ସେ ଦୁଇ ଜଣଙ୍କ ମଧ୍ୟରେ ଜଣେ ଯୁବକ ନିଶାସକ୍ତ ଥିବା ବେଳେ, ଆଉ ଜଣେ ଯୁବକ କମ୍ପାନୀର ଡେଲିବରୀ ବୟ କାମ କରନ୍ତି। ସେ ଖାଦ୍ୟ ଅର୍ଡର ନେଇ ଯାଉଥିଲେ । ତାଙ୍କର ଗୋଡ଼ରେ ଖୁବ୍ ଜୋରରେ ଆଘାତ ଲାଗିଥିଲା । ସେ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ଅନ୍ୟ ନିଶାସକ୍ତ ଯୁବକଙ୍କର ମୁହଁରୁ ବ୍ଲଡ ବାହାରୁ ଥିଲା। ହେଲମେଟ ପିନ୍ଧି ଥିବାରୁ ମୁଣ୍ଡ ସୁରକ୍ଷିତ ଥିଲା।

ଆମେ ଦୁହିଁଙ୍କୁ ରାସ୍ତା ଉପରୁ ଉଠାଇ ରାସ୍ତା ପାର୍ଶ୍ୱକୁ ଆଣିଲୁ। ଦୁର୍ଘଟଣାକୁ ଦେଖିଥିବା କିଛି ଲୋକଙ୍କ ଠାରୁ ଜାଣିବାକୁ ପାଇଲୁ ଯେ, ସେହି ନିଶାସକ୍ତ ଯୁବକ ଜଣଙ୍କ ହିଁ ପଛରୁ ଦ୍ରୁତ ଗତିରେ ଆସି ଡେଲିଭରୀ ବୟ ଯୁବକଙ୍କ ଗାଡ଼ିକୁ ଧକ୍କା ଦେଇଛି। ସୌଭାଗ୍ୟ ଯେ ଦୁହିଁଙ୍କ ଜୀବନ ଅଳ୍ପକେ ବର୍ତ୍ତିଗଲା।

ଏକଥା ଏଠି ଏଥିପାଇଁ ଉଦାହରଣ ଦେଲି , ଏମିତି ଗୋଟିଏ ଘଟଣା ନୁହେଁ , ପ୍ରତିଦିନ କେଉଁଠି ନା କେଉଁଠି ଏପରି ଶହ ଶହ ଦୁର୍ଘଟଣା ସବୁ ଘଟୁଛି। ଘରେ ସେପଟେ ଫେରିବା ବାଟକୁ ଚାହିଁ ବସିଥିବା ବେଳେ ଏପଟେ ନିଜର ଭୁଲ୍ ନଥାଇ ବି ଜଣେ ଦୁର୍ଘଟଣାର ଶିକାର ହେଉଛି। ଡେଲିଭରି ବୟ ଜଣଙ୍କ ଭାବି ଥିବେ, ଶୀଘ୍ର କେମିତି ଅର୍ଡର ଦେଇ ଘରକୁ ଯାଇ ବିଶ୍ରାମ ନେବି। ଯଦି ବିବାହିତ ଥିବେ ସ୍ତ୍ରୀ ଅପେକ୍ଷା କରିଥିବ ସ୍ୱାମୀ ବାଟକୁ ଚାହିଁ, ପିଲାମାନେ ବି ବାପାଙ୍କ ବାଟକୁ ଅନେଇ ଥିବେ। ବାପା ମା ମଧ୍ୟ ପୁଅର ବାଟକୁ ଚାହିଁ ବସିଥିଲେ, କେତେବେଳେ କାମରୁ ଫେରିବ।

ପ୍ରକୃତ କଥା ହେଲା ଏବେ ଦୁର୍ଘଟଣା ପ୍ରମୁଖ ସମସ୍ୟା ପାଲଟିଲାଣି । ଘରୁ ବାହାରିବାକୁ ବି ଡ଼ର ଲାଗୁଛି। ଅଫିସ କି କାର୍ଯ୍ୟସ୍ଥଳକୁ ବାହାରିବା ପରେ ଘରକୁ ସୁରକ୍ଷିତ ଫେରିବା ନେଇ ମନରେ ପ୍ରଶ୍ନ ଉଠୁଛି । କାରଣ ସ୍ଥିତି ସେମିତି ହିଁ ହୋଇ ଗଲାଣି । ରାଜ୍ୟ ତଥା ଦେଶର ରାସ୍ତାରେ ଦୁର୍ଘଟଣାର ମାତ୍ରା ବଢିବାରେ ଲାଗିଛି। ଅକାରଣରରେ ଅନେକ ଜୀବନ ବଳି ପଡୁଛି। କେତେ କେତେ ଲୋକଙ୍କର ଘର ଉଜୁଡି ଯାଉଛି ।

ଏକ ରିପୋର୍ଟରୁ ଜଣାପଡ଼ିଛି, ଆମ ଦେଶରେ ୨୦୨୨ମସିହାରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ଥିଲା ୧,୭୦,୦୦୦ । ଏଥିରେ କେବଳ ଦୁଇ ଚକିଆ ଯାନରେ ମୃତ୍ୟୁ ସଂଖ୍ୟା ୪୫,୦୦୦ ଥିଲା । ଏଥିରେ ଦେଖିବାକୁ ଗଲେ ବେଶୀ ମାତ୍ରାରେ ଦୁଇ ଚକିଆ ଗାଡ଼ିରେ ହିଁ ଦୁର୍ଘଟଣା ଘଟୁଛି। ୨୦୨୩ ମସିହାରେ ଦେଶରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟପ ସଂଖ୍ୟା ଥିଲା ୧.୭୩ ଲକ୍ଷ । ସମସ୍ତ ରାଜ୍ୟର ତଥ୍ୟ ଆଧାରରେ କେନ୍ଦ୍ର ସରକାର ଅକ୍ଟୋବର ୨୦୨୪ରେ ଏକ ରିପୋର୍ଟ ଦେଇଥିଲେ , ଯେଉଁଥିରେ ଦେଶର ସଡ଼କରେ ପ୍ରତି ୩ ମିନିଟରେ ଜଣଙ୍କର ମୃତ୍ୟୁ ହେଉଥିବା ଦର୍ଶା ଯାଇଛି। ଯାହାକି ସଡ଼କ ଦୁର୍ଘଟଣାରେ ପ୍ରତିଦିନ ୪୭୪ଟି ଜୀବନ ଦୀପ ଲିଭି ଯାଉଛି। ଯାହାକି ନିଶ୍ଚୟ ଏକ ଚିନ୍ତା ଓ ଉଦବେଗର ବିଷୟ ।

ସରକାର ଏଥିରେ ଅଙ୍କୁଶ ଲଗେଇବା ପାଇଁ ଅନେକ ନୀତି ନିୟମ ପ୍ରଣୟନ କରୁଛନ୍ତି। ପୁରୁଣା ରାସ୍ତାକୁ ସଂପ୍ରସାରଣ ଓ ମରାମତି ବି କରୁଛନ୍ତି। ଟ୍ରାଫିକ ନିୟମକୁ ମଧ କଡ଼ାକଡ଼ି କରୁଛନ୍ତି। ହେଲେ ଦୁର୍ଘଟଣାରେ ଲଗାମ ଲାଗୁନି। ଏହା ବଢି ବଢି ଚାଲିଛି।

ଏଥିରେ ଆମ ସମସ୍ତଙ୍କୁ ସଚେତନ ହେବାକୁ ପଡ଼ିବ। ରାସ୍ତାକୁ ବାହାରିବା ମାତ୍ରେ ନିଜ ସୁରକ୍ଷା ନିଜ ହାତେ ଭାବିବାକୁ ହେବ। ଯଦି କିଏ ରାସ୍ତାର ନିୟମ ଭାଙ୍ଗୁଛି, ତାକୁ ଆମେ ସମସ୍ତେ ମିଶି ସତର୍କ କରାଇବାକୁ ପଡ଼ିବ। ଖାଲି ଯେ ଟ୍ରାଫିକ୍ ପୋଲିସ ସମ୍ମୁଖରେ ନିୟମକୁ ପକେଟରେ ପୂରାଇବା , ଆଉ ଯେତେବେଳେ ବେପରୁଆ ଖୁଲମଖୁଲା ହୋଇଯିବା, ଏହା ଠିକ୍ ନୁହେଁ। ଏହାର ପରିଣାମ କେତେ ଭୟଙ୍କର ଏହା ଆମେ ନିତି ଆମ ଆଖି ଆଗରେ ହେଉ କି ଗଣମାଧ୍ୟମରୁ ହେଉ ଅବଗତ ହେଉଛେ। ଏଣୁ ସାବଧାନ ଓ ସତର୍କ ହେବା। ଜୀବନ ଅମୂଲ୍ୟ। ସବୁବେଳେ ଭାବିବା, ଆମକୁ ଘରେ କେତେ ଜଣ ଅପେକ୍ଷା କରିଛନ୍ତି। ଦ୍ରୁତ ଗତି ମହା ବିପତ୍ତି, ଏକଥାକୁ ଭାବି ସର୍ବଦା ଦ୍ରୁତ ଗତିରେ ଗାଡ଼ି ଚାଳନାକୁ ତ୍ୟାଗ କରିବା ସହ ନିଶାପାନ କରି ଗାଡ଼ି ଚଲାଇବାରୁ ନିବୃତ୍ତି ରହିବା ଉଚିତ।


କାରଣ ଯେତେ ସବୁ ସଡ଼କ ଦୁର୍ଘଟଣା, ଏହାର ପ୍ରମୁଖ କାରଣ ମଧ୍ୟରେ ରହିଛି , ନିଶାପାନ, ଦ୍ରୁତଗତିରେ ଗାଡ଼ି ଚାଳନା ଓ ବେପରୁଆ ମନୋଭାବ ଇତ୍ୟାଦି। ଏଣୁ ସବୁରେ ଯଦି ଆମେ ସତର୍କ ହୋଇଥିବା ତ ଆମେ ସୁରକ୍ଷିତ ରହିବା ସହ ପରୋକ୍ଷରେ ଅନ୍ୟର ସୁରକ୍ଷାରେ ମଧ ସଂପୃକ୍ତ ହୋଇ ପାରିବା।

♥ କୁରୁମଟାଙ୍ଗର, ଢେଙ୍କାନାଳ
ମୋ: ୭୦୦୮୪୩୧୨୫୭

---

## ପୂଜା ପତ୍ରିକା ସମୀକ୍ଷା

**ପରାଗ**
ସମ୍ପାଦକ
: ବନମାଳୀ ସେନାପତି
ଠିକଣା : ପରାଗ ସାହିତ୍ୟ ସଂସଦ
ଆଳି, କେନ୍ଦ୍ରାପଡ଼ା - ୭୫୪୨୧୯
(ମୋ) : ୯୪୩୭୨୭୬୨୨୬,
୯୩୩୭୨୨୮୦୪୦
ମୂଲ୍ୟ : ୨୦୦/-




"ଆଶିଣର ଫୁଙ୍ଗୁଳା ଆକାଶ ତଳେ ନଦୀପଠାର କାଶତଣ୍ଡିର ସମ୍ଭାର ପ୍ରକୃତିକୁ ରମଣୀୟ କରି ଗଢି ତୋଳୁଥିବ ବେଳେ, ଜଗତଜନନୀ ମା'ଙ୍କର ମୃଣ୍ମୟୀ ମୂର୍ତ୍ତି ବିଭିନ୍ନ ପୂଜା ମଣ୍ଡପରେ ଶୋଭା ପାଉଛି। ମା'ଙ୍କୁ ନେଇ କେତେ ପ୍ରତିଯୋଗିତା ନିଜ ନିଜ ଭିତରେ । ଗୋଟିଏ ମେଢ ଅନ୍ୟ ମେଢକୁ ପଛରେ ପକେଇ ଅଧିକ ପ୍ରଶଂସା ନେବାର ଯୋଜନା ।ଏଇ ପ୍ରତିଯୋଗିତାକୁ ନେଇ ସମ୍ପର୍କରେ ଯୋଉ ସଙ୍କଟ ଦେଖା ଦେଇଛି ସେ ଆଡକୁ କାହାର ବି ଦୃଷ୍ଟିନାହିଁ ।' ବୋଲି 'ପରାଗ'ର ସମ୍ପାଦକୀୟ ସ୍ତମ୍ଭରେ ସମ୍ପାଦକ ବନମାଳୀ ସେନାପତି ସମ୍ପର୍କକୁ ନେଇ ଚମତ୍କାର କାହାଣୀଟିଏ ଉପସ୍ଥାପନ କରିଛନ୍ତି ।

ଡିମାଇ ୧/୮ର ୪୩୨ ପୃଷ୍ଠା କଳେବର ଥିବା ଏହି ପତ୍ରିକାଟିର ଗଳ୍ପ ଗବାକ୍ଷ-୧ମ ପର୍ବରେ ସଦାନନ୍ଦ ତ୍ରିପାଠୀ, ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, କ୍ଷୀରୋଦ ଦାସ, ସୁନୀଲ ମିଶ୍ର (ମୈତ୍ରେୟ) ନିବାରଣ ଜେନା, ଅନୀଲ କୁମାର ପାଢୀ, ଅଜୟ ମହାପାତ୍ର, କବିତା ବାରିକ, ଡ. ଲଲାଟେନ୍ଦୁ ସାହୁଙ୍କ ଗଳ୍ପ ସ୍ଥାନ ପାଇଥିବା ବେଳେ ଏହାର ଦ୍ୱିତୀୟ ପର୍ବରେ ବିରଜା ରାଉତରାୟ, ଅମୀୟ ବେଜ, ରାଜୀବ ଗୋପାଳ ସ୍ୱାଇଁ, ଭାଗିରଥି ବେହେରା, ସୌଭାଗିନୀ ପରିଡ଼ା, କେ. ବିପ୍ଳବ, ଉମାକାନ୍ତ ରାଉତ(ଅରୂପ), ବିପ୍ଳବ ରଂଜନ ପତି, ବିନୋଦ, କମଳିନୀ ମଲ୍ଲିକ, ଦିଲ୍ଲୀପ ସାହାଣୀ ଗପ ଲେଖିଛନ୍ତି। ଏହାର ତୃତୀୟ ପର୍ବରେ ସୀମାଞ୍ଚଳ ଦାଶ, ସୁବାସ ଚନ୍ଦ୍ର ଜେନା, ଡ. ତ୍ରିନାଥ ପଟ୍ଟନାୟକ, ଆନନ୍ଦ କୁମାର ମାଇତି, ପ୍ରତାପ ବିଶ୍ୱାଳ, ସନ୍ନିଭା ମିଶ୍ର ଦାସ, କାଳନ୍ଦ୍ରୀ ଚରଣ ଜେନା ଗପ ଲେଖିଥିଲାବେଳେ ଏଥିରେ ଦୁଇଟି ବିଶେଷ ଗଳ୍ପ ଲେଖିଛନ୍ତି ଡ. ଗୋପାଳ କୃଷ୍ଣ ଆଚାର୍ଯ୍ୟ ଓ ଚନ୍ଦ୍ରମୋହନ ମହାପାତ୍ର। ମୋ ଜୀବନ ମୋ ସାହିତ୍ୟ କ୍ରମରେ କମଳ କୁମାର ମହାନ୍ତି ତାଙ୍କ ଜୀବନକଥା ଲେଖିଥିଲାବେଳେ ଆମ ସମୟର ପ୍ରବନ୍ଧରେ ଅଛନ୍ତି ନକୁଳ ଚନ୍ଦ୍ର ସାହୁ, ହିମାଂଶୁ ପରିଡ଼ା, ଡ. ଦୀପିକା ସେନାପତି, ଡ. ସଦାନନ୍ଦ ପରିଡ଼ା ଓ ପିତାମ୍ବର ତରାଇ। ଡ. ଅଭୟ କୁମାର ଦାସ ବିଶେଷ ପ୍ରବନ୍ଧ ଲେଖିଥିଲାବେଳେ କବିତା କକ୍ଷରେ ଶତ୍ରୁଘ୍ନ ପାଣ୍ଡବ, ଅପର୍ଣ୍ଣା ମହାନ୍ତି, ପିନାକୀ ମିଶ୍ର, ରବି ଶତପଥୀ, ଡ. ନୀଳମଣି ପରିଡ଼ା, ସୁରେଶ କୁମାର ନାୟକ, ଡ. ଶ୍ରୀହରି ଧଳ, ସେନାପତି ପ୍ରଦ୍ୟୁମ୍ନ କେଶରୀ, ସୈରିନ୍ଧ୍ରୀ ସାହୁ, ଡା. ଦୀନବନ୍ଧୁ ସାହୁ, ସଦାଶିବ ମିଶ୍ର, ଡ. ଚିତ୍ତ ମିଶ୍ର, ଚିନ୍ତାମଣି ମହାଳିକ, ହେମନ୍ତ କୁମାର ରାଉତ, ପାରମିତା ଷଡ଼ଙ୍ଗୀ, ଯୋଗେନ୍ଦ୍ର କୁମାର ନାୟକ, ଦେବାଶିଷ ଚକ୍ରବର୍ତ୍ତୀ, ଶୋଭନା ଜେନା, କିଶୋର ମିଶ୍ର, ଆଲୋକ କୁମାର ରାୟ, ପ୍ରସନ୍ନ କୁମାର ସ୍ୱାଇଁ, ରମେଶ ପତି, ଯୋଗେଶ ଦାସ, ଡ. ଅନୀଲ ନନ୍ଦ, ଡ. ମମତା ପ୍ରିୟଦର୍ଶିନୀ ସାହୁ, ଡ. କମଳାକୃଷ୍ଣ ତ୍ରିପାଠୀ, ଡ. ହରିଶ ଚନ୍ଦ୍ର ବେହେରା, ଆଶିଷ ମହାପାତ୍ର, ଲାବଣ୍ୟ ନାୟକ, ବୃନ୍ଦାବନ ଦାସ, ଅନୀତା ରାୟ, ସୁଧିର ମେହେର, ନାରାୟଣ ପ୍ରସାଦ ରାଉଳ, ଅଭିରାମ ସାହୁ, ଚକ୍ରପାଣି ପରିଚ୍ଛା, ଭଗବାନ ପଣ୍ଡା ଭଗତ, ଶ୍ୱେତା ରାଉତ, ସସ୍ମିତା ରାଉତ, ଡ. ସ୍ୱର୍ଣ୍ଣପ୍ରଭା ଖଟୁଆ, ପୁଷ୍ପାଞ୍ଜଳି ପଣ୍ଡା, ଶୈଳୀନ୍ଦ୍ର ନାଥ ଦାସ, ସନ୍ତୋସିନୀ ଦାସ (ଗିରି), ଶ୍ୟାମାକିଙ୍କର ମହାନ୍ତି, ଅନୁରାଧା ମିଶ୍ର, ସଂଯୁକ୍ତା ସରଣ, ନର୍ମଦା ନିଳୋପ୍ରଳା, ଶରତ କୁମାର ଦାସ, ରବି କୁମାର ମହାନ୍ତି, ନିହାରିକା ରଥ, ବିଶ୍ୱଜିତ୍ ରାଉତ, ଛବିରାଣୀ ପତି, ମନୋରମା ସାହୁ, ଅନସୂୟା ପଣ୍ଡା, ପଦ୍ମଚରଣ ମଲ୍ଲିକ, ରାମଚନ୍ଦ୍ର ଦାସ, ଅମୂଲ୍ୟ କୁମାର ବେହେରା, ସୁରେନ୍ଦ୍ର କୁମାର ସାହୁ, ସୁଶୀଲ କୁମାର ସେନାପତି, ଡ. ମମତା ସାହୁ, ନିରୂପମା ପଣ୍ଡା, ଦେବଯାନୀ ରାୟ, ଅନୀତା ପାଣି, ରାଜୀବ ପାଣି, ନରହରି ଦାସ, ରାମକୃଷ୍ଣ ଦାସ, ଅନ୍ନପୂର୍ଣ୍ଣା ମହାନ୍ତି, ପ୍ରେମାନନ୍ଦ ଖଣ୍ଡୁଆଳ, ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଲକ୍ଷ୍ମୀକାନ୍ତ ପାଢ଼ୀ, ନୀଳାମ୍ବର ପଣ୍ଡା, ଡ. ମମତାମୟୀ ଚୌଧୁରୀ, ଘନଶ୍ୟାମ ମେହେର, ମାତୃପ୍ରସାଦ ଶତ୍ରୁଜିତ୍ ଓ ଡ. ଅବନୀ ପ୍ରଧାନ ପ୍ରମୁଖ କବିତା ଲେଖିଛନ୍ତି। ଗୀତି କବିତା କ୍ରମରେ ନନ୍ଦକିଶୋର ସିଂ, ବାବାଜୀ ଚରଣ ଜେନା, ପୂର୍ଣ୍ଣ ଦାସ, ବିଜୟ କୁମାର ମୁଦୁଲି, ମିଲନ କୁମାର ମିଶ୍ର, ଡ. ତୋଫାନ ଜେନା, ସ୍ୱରଂଜନ ପାତ୍ର, ବସନ୍ତ କୁମାର ଦାସ, ପର୍ଶୁରାମ ବେହେରା, ଶ୍ରୀମତି ବସନ୍ତ ମିଶ୍ର, ମନୋରଂଜନ ମୁଦୁଲି, ଚୈତନ୍ୟପ୍ରସାଦ ବେହେରା, ଅଶୋକ ବିଶ୍ୱାଳ, ବାମଦେବ ସ୍ୱାଇଁ, ହଂସନାଥ ମୁଦୁଲି, ବିଜୟ କୁମାର ବୋଇତି ଓ ସୁରେନ୍ଦ୍ର ପାଣିଗ୍ରାହୀ ଗୀତି କବିତା ଲେଖିଥିଲାବେଳେ ଏଥିରେ ଅନୁବାଦ ଗଳ୍ପ ଲେଖିଛନ୍ତି ବିଜୟ କୁମାର ପ୍ରଧାନ। ମୋଟ ଉପରେ ପତ୍ରିକାର ଅଙ୍ଗୀକରଣ, ବିଷୟଚୟନ ଏବଂ ପ୍ରସ୍ତୁତି ସବୁଥିରେ ଏକ ସୁନ୍ଦରପଣ ଉକୁଟି ଉଠୁଛି। ଏଥିପାଇଁ ପତ୍ରିକାର ସମ୍ପାଦକଙ୍କୁ ଧନ୍ୟବାଦ ଦିଆ ଯାଇପାରେ ।

♥ ସମୀକ୍ଷା :
ଧ୍ୱନି ପ୍ରତିଧ୍ୱନି ବ୍ୟୁରୋ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୧ ଡିସେମ୍ବର ୨୦୨୪



ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ

ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

## ଚେତନାର ଦର୍ପଣ - ୫୦
# ମାନସିକ ଶାନ୍ତି



♥ ଲଳିତ ମୋହନ ମିଶ୍ର

ବହୁ ଲୋକଙ୍କ ଠାରୁ ଶୁଣିବାକୁ ମିଳେ, ଯେଉଁମାନେ ଖରାପ କାମ କରନ୍ତି.... ସେମାନେ ଧନୀ ହୋଇଥାନ୍ତି । ଏହା ଦ୍ୱାରା ସେମାନେ ଶାରୀରିକ ସୁଖ ସୁବିଧା ପାଇ ପାରି ଥାଆନ୍ତି , କିନ୍ତୁ ସେମାନଙ୍କର ମନ ସଦାସର୍ବଦା ଅଶାନ୍ତ ରହିଥାଏ । ଅପରପକ୍ଷରେ ଏହା ମଧ୍ୟ ଶୁଣିବାକୁ ମିଳେ... ଭଲ ଆଚରଣ ବା ସଚ୍ଚୋଟ ବ୍ୟକ୍ତିଙ୍କ ପାଖରେ ଅର୍ଥ ନଥାଏ, ସେମାନେ ବିଳାସପୂର୍ଣ୍ଣ ଜୀବନ ଯାପନ କରିପାରନ୍ତି ନାହିଁ । କିନ୍ତୁ ଏହା ସତ୍ୟ.... ଏବଂ ଆମେ ଭୁଲିବା ଉଚିତ ନୁହେଁ.... ଲକ୍ଷ୍ମୀ ଏଭଳି ବ୍ୟକ୍ତିତ୍ୱଙ୍କ ଅନ୍ତଃକରଣରେ ବାସ କରନ୍ତି । ଯେଉଁ ମାନଙ୍କ ମାନସିକ ଶାନ୍ତି କେବେ ହେଲେ ଭାଙ୍ଗି ନଥାଏ । ବାସ୍ତବରେ ସବୁ ଯୁଗରେ ଧର୍ମ-ଧନ, ଶାନ୍ତି-ଅଶାନ୍ତି, ଭକ୍ତି-ମୋହ, କାମନା-ଉପାସନା, ରାମ-କାମ ମଧ୍ୟରେ ସଂଘର୍ଷ ଜାରି ରହିଛି । ଏହି ସବୁ ସଂଘର୍ଷ ଦ୍ୱନ୍ଦ୍ୱ ଏବଂ ଆମ ମନର ବିଚାରଧାରା ସହିତ ଜଡ଼ିତ । ଆମର ଦୃଷ୍ଟିକୋଣ ଏତେ ବର୍ହିମୁଖୀ ଯେ ଆମେ ମନୁଷ୍ୟର ମୂଲ୍ୟାଙ୍କନ କେବଳ ପଦାର୍ଥ ଆଧାରରେ କରିଥାଉ । ବିଶେଷ ଭାବରେ ପଦାର୍ଥକୁ କେବଳ ଧନ ବା ଅର୍ଥ ଭାବରେ ବିବେଚନା କରିଥାଉ । ଆମର ଏହି ମନୋଭାବକୁ ବଦଳାଇବାକୁ ପଡ଼ିବ । ମୂଲ୍ୟାଙ୍କନର ଗୋଟିଏ ଦୃଷ୍ଟିକୋଣ ନାହିଁ, ସେଥିରେ ଅନେକ ଦୃଷ୍ଟିକୋଣ ରହିଛି । ଅର୍ଦ୍ଧ ସତ୍ୟ ଅର୍ଥହୀନ, ସମ୍ପୂର୍ଣ୍ଣ ସତ୍ୟଠାରୁ ଆଉ କିଛି ଭଲ ନାହିଁ । ଥରେ ଯମରାଜ ଜଣେ ଲୋଭୀ ବ୍ୟକ୍ତିଙ୍କୁ ପଚାରିଲେ - ଆପଣ ସ୍ୱର୍ଗ ଚାହାଁନ୍ତି ନା ନର୍କ ? ସେ କହିଲା, ଯେଉଁଠି ଅଧିକ ଦୁଇ ପଇସା ରୋଜଗାର କରିହେବ, ସେଇଟା ଇଚ୍ଛା କରୁଅଛି । ଏହି ବ୍ୟଙ୍ଗ କଥା ଶୁଣି ସମସ୍ତେ ସେହି ବ୍ୟକ୍ତିର ମୂର୍ଖତା ଉପରେ ଉପହାସ ନିଶ୍ଚୟ କରିବେ, କିନ୍ତୁ ନିଜ ଜୀବନରେ ଅର୍ଥର କେତେ ପ୍ରଭାବ ରହିଛି... ସେ ବିଷୟରେ ଧ୍ୟାନ ଦେବାକୁ ପଡିବ । ଆମେ ଖାଲି ଧନର କାମନା କଲେ ହେବ ନାହିଁ, ତା ସହିତ ଗୁଣର ମଧ୍ୟ କାମନା କରିବା ଉଚିତ୍ । ଆମେ କେବଳ ବାହ୍ୟ ବ୍ୟକ୍ତିତ୍ୱକୁ ସୁଖୀ କରିବା ପାଇଁ କାମ କଲେ ହେବ ନାହିଁ , ବରଂ ଆଭ୍ୟନ୍ତରୀଣ ବ୍ୟକ୍ତିତ୍ୱକୁ ସୁଖୀ, ସମୃଦ୍ଧ ଏବଂ ଆନନ୍ଦମୟ କରିବାକୁ କାମନା କରିବା ଉଚିତ୍ । ଏହି ଦୁଇଟି ଜିନିଷ ଯେତେବେଳେ ମନୁଷ୍ୟ କରାୟତ କରିବ, ସେତେବେଳେ ତାର ଜୀବନର ପୂର୍ଣ୍ଣତା ଲାଭ କରିବ । ନଚେତ୍ ବିଚଳିତ ମନ ହୃଦୟରେ ସଦା ଅସନ୍ତୁଷ୍ଟ ରହିବ । ବର୍ହି ଜୀବନ ଏକା ଏକା ମନେ ହେବ, ଅର୍ନ୍ତଜୀବନ କିଛି ହରାଇ ଦେଲା ଭଳି ଲାଗିବ । ବାହ୍ୟ ଧନ ପ୍ରାପ୍ତି ପରେ ମଧ୍ୟ ଅନୁଭବ ହେବ.. ଅର୍ନ୍ତଜୀବନରେ ଶୂନ୍ୟତା ଭରିରହିଛି । ମନରେ କେବେ ଶାନ୍ତି ଆସିବ ନାହିଁ । ମନରେ ଅଶାନ୍ତ ଭାବ ଜାରି ରହିବ । ତେଣୁ ମନକୁ ଶାନ୍ତ ପ୍ରଶାନ୍ତ ଆନନ୍ଦମୟ କରିବାକୁ ହେଲେ ଅନ୍ତର୍ମନକୁ ପ୍ରଥମେ ଶାନ୍ତ କରିବା ଦରକାର ।

♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬

# ପ୍ରାତଃ ଭୋଜନ

## ଶ୍ୟାମ ସୁନ୍ଦର ସାମଲ

ସଂପ୍ରତି ବ୍ୟସ୍ତବହୁଳ ଦିନଚର୍ଯ୍ୟା ଭିତରେ ଖାଦ୍ୟ ରୁଚି ବଦଳିଛି । ଅଧିକାଂଶ ଲୋକଙ୍କ ସମସ୍ୟା ହେଉଛି ଖାଇବାକୁ ନେଇ । ଶାସ୍ତ୍ରରେ ଲେଖା ଅଛି ଶରୀର ମାଧ୍ୟମଂ ଖଳୁଧର୍ମ ସାଧନମ୍ । ସାଧାରଣ ଦେଖାଯାଏ ପ୍ରାତଃ ଭୋଜନକୁ ସାଧାରଣରେ ଲୋକମାନେ ଗୁରୁତ୍ୱ ଦେଇନଥାନ୍ତି । ଯାହା ମିଳିଲା ଖାଇଦିଅନ୍ତି କେହି କେହି ସକାଳୁ ଖାଲିପେଟରେ ଧୂମପାନ କିମ୍ବା ଗୁଟ୍‌ଖା କେହି କେହି ନିଶା ସେବନ ମଧ୍ୟ କରିଥାନ୍ତି । ପରବର୍ତ୍ତୀ ସମୟରେ ଏହାର ଭୟଙ୍କର ପରିସ୍ଥିତି ଶରୀର ପାଇଁ କ୍ଷତିକାରକ ହୋଇଥାଏ । ପ୍ରାତଃ ଭୋଜନକୁ ନେଇ ଗୁରୁତ୍ୱ ରହୁନଥିବାରୁ ପରବର୍ତ୍ତୀ ସମୟରେ ଖାଇବାକୁ ନେଇ ସମସ୍ୟା ସୃଷ୍ଟି ହୋଇପାରେ । ମନେରଖିବା ଉଚିତ ପ୍ରାତଃ ଭୋଜନ ବେଳକୁ ଜଣେ ଦଶବାରଘଣ୍ଟା ପୂର୍ବରୁ କିଛି ଖାଦ୍ୟ ଗ୍ରହଣ କରିଥାନ୍ତି । ସକାଳେ ଶରୀରକୁ ଶକ୍ତିର ଆବଶ୍ୟକତା ରହୁଥିବାରୁ ଏଥିପାଇଁ ପ୍ରାତଃ ଭୋଜନ ଜରୁରୀ । ଏହା ଦିବସର ପ୍ରଥମ ଖାଦ୍ୟ ହୋଇଥିବାରୁ ଏବଂ ସକାଳ ନଅରୁ ମଧ୍ୟାହ୍ନ ଦୁଇଟା ପର୍ଯ୍ୟନ୍ତ ପ୍ରାୟତଃ କର୍ମବ୍ୟସ୍ତ ସମୟ ହୋଇଥିବାରୁ ଶରୀର ଓ ମନର ସତେଜତା ପାଇଁ ପ୍ରାତଃ ଭୋଜନ ଜରୁରୀ । ଶରୀରକୁ ପ୍ରାତଃ ଭୋଜନର ଶକ୍ତି ନ ମିଳିଲେ ଏହା ଚାପଗ୍ରସ୍ତ କରି ଥକ୍କା ଅନୁଭବ କରିଥାଏ । ଏହି ସମୟରେ ଶରୀର ଅନ୍ୟ ଅଂଶକୁ ଶକ୍ତି ଯୋଗାଣ କମ୍ କରି ମସ୍ତିଷ୍କକୁ ଅଧିକ ଶକ୍ତି ପ୍ରେରଣା କରେ । ଯାହାଦ୍ୱାରା ଶରୀର ଥକା ଅନୁଭବ କରିଥାଏ । ଦୀର୍ଘ ସମୟ ପର୍ଯ୍ୟନ୍ତ ପେଟ ଖାଲି ରହିଲେ ଏସିଡ଼୍ ସୃଷ୍ଟି ହୋଇ ବଦ୍‌ହଜମୀ ପରି ସମସ୍ୟାକୁ ନିମନ୍ତ୍ରଣ କରିଥାଏ । କେହି କେହି କଥାଛଳରେ ବ୍ରେକ୍‌ଫାଷ୍ଟକୁ ବ୍ରେକିଂ ଦ ଫାଷ୍ଟ ଅର୍ଥାତ୍ ଉପବାସ ଭଙ୍ଗକରିବା । ସକାଳୁ ବିଛଣା ଛାଡ଼ିବା ପରେ ତମ୍ବା ପାତ୍ରର ବାଶୀ ପାଣି ବହୁତ ଭଲ । ଏହାପରେ ଫଳରସ, କିମ୍ବା ସୁପ୍ ପିଇପାରନ୍ତି । ପ୍ରାତଃ ଭୋଜନ ଖାଦ୍ୟଟି ତାଜା ଥିବା ଦରକାର । ବାସୀ ଖାଦ୍ୟ କିମ୍ବା ଫ୍ରିଜ୍‌ରୁ କଢ଼ାଯାଇଥିବା ଥଣ୍ଡା ଖାଦ୍ୟକୁ ପ୍ରାତଃ ଭୋଜନ ତାଲିକାରେ ରଖନ୍ତୁ ନାହିଁ । ଛଣାଛଣି ବଜାରର ଫାଷ୍ଟଫୁଡ୍ ଅପେକ୍ଷା ସନ୍ତୁଳିତ ସୁଷମ ଖାଦ୍ୟକୁ ଗୁରୁତ୍ୱ ଦେବା ଜରୁରୀ । ଗଜାମୁଗ, ଭିଜା ବାଦାମ, କାଜୁବାଦାମ, ପେସ୍ତା ଖାଇ ପାରନ୍ତି । ସୁବିଧା ଥିଲେ ବେଲକୁ ପଣା କରି କିମ୍ବା କିଛି ବେଲପତ୍ର ଖାଲି ପେଟରେ ପ୍ରାତଃ ଭୋଜନ ପୂର୍ବରୁ ଖାଇଲେ ଏହା ଶରୀର ପାଇଁ ମହୌଷଧି ପରି କାମ କରେ । ଶସ୍ୟ ଜାତୀୟ ଖାଦ୍ୟ ଯଥା ରୁଟି, ଚପାତିକୁ ପ୍ରାତଃ ଭୋଜନରେ ଖାଇପାରନ୍ତି । କିନ୍ତୁ ଗରିଷ୍ଠ ପୃଷ୍ଟିକର ଖାଦ୍ୟକୁ ସକାଳୁ ଖାଆନ୍ତୁ ନାହିଁ । ପ୍ରାତଃ ଭୋଜନ ପରେ ଫଳରସ ପିଇବା ଶରୀରକୁ ସତେଜ କରିଥାନ୍ତି । ପ୍ରାତଃ ଭୋଜନରେ ପ୍ରତିଦିନ ନିର୍ଦ୍ଧିଷ୍ଟ ଖାଦ୍ୟ ନଖାଇ ଖାଦ୍ୟର ତାଲିକା ବଦଳାଇ ପାରନ୍ତି । ସକାଳୁ ପ୍ରାତଃ ଭୋଜନରେ ନିରାମିଷ ଖାଦ୍ୟକୁ ଗୁରୁତ୍ୱ ଦିଅନ୍ତୁ । ସ୍ୱାସ୍ଥ୍ୟଗତ କାରଣରୁ କେହି କେହି ଆମିଷକୁ ପ୍ରାତଃ ଭୋଜନରେ ଗୁରୁତ୍ୱ ଦେଇଥାନ୍ତି କିନ୍ତୁ ସକାଳର ପ୍ରଥମ ଖାଦ୍ୟରେ ନିରାମିଷ ସାତ୍ତ୍ୱିକ ଖାଦ୍ୟ ଖୁବ୍ ଭଲ । ରିଫାଇନ୍ ଓ ପ୍ରକ୍ରିୟାକୃତ ଖାଦ୍ୟ ବଦଳରେ ସୁଷମ ଖାଦ୍ୟକୁ ପ୍ରାଥମିକତା ଦିଅନ୍ତୁ । ମନେରଖନ୍ତୁ ପ୍ରାତଃ ଭୋଜନ ଦ୍ୱାରା ଶରୀରର ହଜମ ପ୍ରକ୍ରିୟା ସୁସ୍ଥ ରହିବା ସହ ଅଧିକ କ୍ୟାଲୋରୀ ଖର୍ଚ୍ଚ ହେଉଥିବାରୁ ଅନାବଶ୍ୟକ ଚର୍ବି ଜମାଟ ବାନ୍ଧିପାରେ ନାହିଁ । ପିଲାମାନଙ୍କ ପାଇଁ ପ୍ରାତଃ ଭୋଜନ ସେମାନଙ୍କ ମାନସିକ କ୍ଷମତାକୁ ତ୍ୱରାନ୍ୱିତ ସହ ଶରୀରକୁ ସକ୍ରିୟ ରଖିଥାଏ । ପ୍ରାତଃ ଭୋଜନ ନକଲେ ଶରୀରରେ କୋଲେଷ୍ଟ୍ରୋଲ ଏବଂ ଟ୍ରାଇ ଗ୍ଲିସେରାଇଡ଼୍ ପରିମାଣ ବୃଦ୍ଧି ପାଇଥାଏ । ରାତିରେ ବିଳମ୍ବିତ ସମୟରେ ଶୋଇବା ଅଭ୍ୟାସ ପ୍ରାତଃ ଭୋଜନକୁ ପ୍ରଭାବିତ କରିଥାଏ । କାରଣ ବ୍ୟସ୍ତବହୁଳ ଜୀବନଚର୍ଯ୍ୟାର ବୃତ୍ତି ସମ୍ପନ୍ନ ଦାୟିତ୍ୱରେ ଅଧିକାଂଶ ଲୋକ ବିଳମ୍ବିତ ରାତ୍ରିରେ ସେମାନଙ୍କ ଦାୟିତ୍ୱ ଶେଷ କରି ଖାଦ୍ୟ ଗ୍ରହଣ କରିଥାନ୍ତି । ବିଳମ୍ବିତ ପ୍ରହରରେ ଖାଦ୍ୟ ବୃକ୍‌କକୁ ପ୍ରଭାବିତ କରିବାର ଆଶଙ୍କା ରଖିବା ସହ ହଜମ ପ୍ରକ୍ରିୟାକୁ ବାଧାପ୍ରାପ୍ତ କରିଥାଏ । ସେହିପରି ବିଳମ୍ବିତ ପ୍ରହରର ଖାଦ୍ୟ ଓ ପ୍ରାତଃ ଭୋଜନର ଖାଦ୍ୟର ବ୍ୟବଧାନ ଖୁବ୍ କମ୍ ସମୟ ରହୁଥିବାରୁ ଏହା ଶରୀର ପାଇଁ କ୍ଷତିକାରକ ହୋଇଥାଏ । ଅଧିକାଂଶ ଲୋକ ପ୍ରାତଃ ଭୋଜନକୁ ଏଡ଼ାଇ ଦେଇ ଖାଲି ପେଟରେ ଘରୁ ବାହାରି ଯାଆନ୍ତି । ଅଧୁଆ ମୁହଁରେ ଖାଲିପେଟରେ ଥିବା ସମୟରେ ଚା', କଫି ପିଇବା ଶରୀର ପାଇଁ କ୍ଷତିକାରକ । ପ୍ରାତଃ ଭୋଜନରୁ ଶରୀରର ସତେଜତାର ସମୟ ଆରମ୍ଭ ହେଉଥିବାରୁ ଏହାକୁ ଗୁରୁତ୍ୱ ଦେବା ସ୍ୱାସ୍ଥ୍ୟଗତ କାରଣରୁ ଜରୁରୀ । ଖାଲିପେଟରେ ଦୀର୍ଘ ସମୟ ରହିବାର ଭୟଙ୍କର ପରିଣତି ପରବର୍ତ୍ତୀ ସମୟରେ ଲୋକଟି ପାଇଁ କ୍ଷତିକାରକ ହୋଇଥାଏ । ପ୍ରାତଃ ଭୋଜନରେ ସାଧାରଣତଃ ଗ୍ରାମାଞ୍ଚଳରେ ଘରର ବାରିରେ ଫୁଟିଥିବା ସତେଜ ଫଳ, ଶରୀର ପାଇଁ ଭଲ । ଋତୁଚକ୍ର ଅନୁଯାୟୀ ପ୍ରକୃତି ପ୍ରଦତ୍ତ ଫଳ ମଣିଷର ସ୍ୱାସ୍ଥ୍ୟରକ୍ଷା ପାଇଁ ଭଗବାନଙ୍କର ଶ୍ରେଷ୍ଠ ଅବଦାନ । ପାଞ୍ଚଟି ପୃଷ୍ଟିକର ଶସ୍ୟକୁ ନେଇ ପ୍ରସ୍ତୁତ ବଜାରରେ ମିଳୁଥିବା ପ୍ରୋଟିନ୍ ପାଉଡର କିମ୍ବା ଚୁଡ଼ା, ଦହି, କଦଳୀ ଓ ଗୁଡ଼ର ସମ୍ମିଶ୍ରିତ ଖାଦ୍ୟ ପ୍ରାତଃ ଭୋଜନ ପାଇଁ ଅତିବ ସୁନ୍ଦର । କେହି କେହି ପୂର୍ବ ରାତ୍ରିର ରନ୍ଧା ହୋଇଥିବା ବିଶୁଦ୍ଧ ମାଣ୍ଡିଆ ଚୁନାର ପ୍ରସ୍ତୁତିକୁ ପ୍ରାତଃ ଭୋଜନରେ ଦହି ସମ୍ମିଶ୍ରିତ କରି ଖାଇଥାନ୍ତି ଏହା ଶରୀର ପାଇଁ ବିଶେଷକରି ପାଚନ ପ୍ରକ୍ରିୟାକୁ ଶୁଦ୍ଧତା ରଖିଥାଏ । ପ୍ରାତଃ ଭୋଜନର ଯଥେଷ୍ଟ ପୂର୍ବରୁ ପାଣି ପିଇବା ଶରୀରର ଲିଭର ଠାରୁ ସ୍ନାୟୁ ସବୁ ଦିଗକୁ ସୁରକ୍ଷିତ ରଖିଥାଏ । ମନେରଖନ୍ତୁ ସାତ୍ତ୍ୱିକ ସୁଷମ ଖାଦ୍ୟକୁ ଗ୍ରହଣ କରିବା ପୂର୍ବରୁ ହୃଦୟେଶ୍ୱର ଭଗବାନଙ୍କୁ ସମର୍ପିତ କରି ଖାଦ୍ୟ ଗ୍ରହଣ କରନ୍ତୁ । ପ୍ରାତଃ ଭୋଜନର ପୂର୍ବରୁ ପବିତ୍ର ଧାଡ଼ିଟି ସ୍ମରଣ କରନ୍ତୁ - 'ବ୍ରହ୍ମାର୍ପଣଂ ବ୍ରହ୍ମହବିଃ ବ୍ରହ୍ମାଗ୍ନୌ ବ୍ରହ୍ମଣାହୃତମ୍, ବ୍ରହ୍ମୈବ ତେନ ଗନ୍ତବ୍ୟଂ ବ୍ରହ୍ମକର୍ମସମାଧିନା । ଅହଂ ବୈଶ୍ୱାନରୋ ଭୂତ୍ୱା ପ୍ରାଣିନାଂ ଦେହମାଶ୍ରିତଃ, ପ୍ରାଣାପାନସମାଯୁକ୍ତଃ ପଚାମ୍ୟନ୍ନଂ ଚତୁର୍ବିଧମ୍ ।'

♥ ବିଡ଼ାନାସୀ ବନ୍ଧଛକ, କଟକ
ମୋ : ୯୭୭୮୬୩୫୯୨୬

## ॥ ଆତ୍ମଜୀବନୀ ॥

# ମୋ ମାଆ ସୁବର୍ଣ୍ଣରେଖା

## ଡ. ଶ୍ରୀକାନ୍ତ ଚରଣ ପାତ୍ର

### ଆମର ନଇକୂଳିଆ ଗାଆଁ
(ପୂର୍ବ ପ୍ରକାଶିତ ଉତ୍ତାରୁ)

### (୫୦)
### କଲେଜର ଅଗ୍ରଗତି ଓ କେତେକଙ୍କର କୁତ୍ସାରଟନା

ସ୍ଥାନ ନିରୂପଣ ଏକ ବିରାଟ ସମସ୍ୟାଭାବରେ ଉଭା ହେଲା । ଏକତ୍ର ୪ ଏକର ଜାଗା ପାଇବା କଷ୍ଟକର ହେଲା । ବହୁ ଖୋଜାଖୋଜି ପରେ ତେଘରି-ଚେଙ୍ଗଦା ସୀମାରେ ଅଁଳାଗଡିଆ ପାଖରେ ଥିବା ଜମିର ମାଲିକଙ୍କୁ ସାଧୁବାବୁଙ୍କ ଚାଷଜମି ବଦଳଦେଇ ସ୍ଥାୟୀ ଗୃହ ନିର୍ମାଣ ପାଇଁ ଏକତ୍ର ୩/୪ ଏକର ଜାଗା ନେବାର ସିଦ୍ଧାନ୍ତ ନେଲେ ସୁଧୀର କୁମାର ଦାସ, ପ୍ରଫୁଲ୍ଲ କୁମାର ଗାନ୍ଧୀ, ଚୌଧୁରୀ ଓଝା, ପ୍ର.ହରେକୃଷ୍ଣ ଦାସ, ମଧୁସୁଦନ ଦେ, ବଙ୍କିମ ଚନ୍ଦ୍ର ଜେନା, ବରେନ୍ଦ୍ର ନାଥ ଗିରି, ଶାନ୍ତିରାମ ଡଗର, ବିଜୟ କୁମାର ଭୂୟାଁ, ଚେଙ୍ଗଦା ଗ୍ରାମବାସୀ ତଥା ଅନ୍ୟମାନେ । ମାତ୍ର, ଯେଉଁମାନଙ୍କର ଜମି ତା'ଭିତରେ ରହିଲା, ସେମାନେ ପୂର୍ବରୁ ଯେତିକି ଜମି ଦେବେ, ତା'ବଦଳରେ ସେତିକି ଜମି ନେବେ ବୋଲି କହିଥିଲେବି, ଏବେ ୨ଗୁଣ/୩ଗୁଣ ଜମି ଦାବୀ କରିବାରୁ ସେଠାରେ କଲେଜ କରିବାର ପ୍ରସ୍ତାବ ବାତିଲ କରାଗଲା । ଶେଷରେ ତେଘରି ଗ୍ରାମ ନିକଟରେ ଓ ଶାନ୍ତିପୁର ସଡକର ପଶ୍ଚିମକୁ ଥିବା ସାଧୁବାବୁଙ୍କର ଜମି ଓ ବଦଳ /କ୍ରୟ ସୂତ୍ରରେ ଆଉ କିଛି ଜମିନେଇ ସେଇଠାରେ କଲେଜର ସ୍ଥାୟୀଗୃହ ନିର୍ମାଣ କରିବାର ସ୍ଥିର ହେଲା । ତାପରେ, ଏକ ଶୁଭ ଦିନରେ ଜମି ସାଧୁ ଚରଣ ମହାବିଦ୍ୟାଳୟକୁ ସାଧୁବାବୁ ଦାନପତ୍ର ରେଜେଷ୍ଟ୍ରି କରିଦେଲେ । ଏତଦ୍ ବ୍ୟତୀତ, କଲେଜ ନାମରେ ଏକଲକ୍ଷ ଟଙ୍କା ବାଲେଶ୍ୱର ଗ୍ରାମ୍ୟ ବ୍ୟାଙ୍କର ରାଜପୁର ଶାଖାରେ ମଧ୍ୟ ଜମାଦେଲେ ୨୧ ୦୫.୧୯୮୭ ତାରିଖରେ ।

ବିପୁଳ ଉତ୍ସାହ ସମସ୍ତଙ୍କ ଭିତରେ ଦେଖାଦେଲା । ୦୬.୦୬ ୧୯୮୭ ତାରିଖ ଶନିବାର ଦିନ ନିମନ୍ତ୍ରିତ ରାଇବଣିଆ ଥାନାର ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରଃଶିକ୍ଷକ, ଶିକ୍ଷାବିତ୍ , ସରପଞ୍ଚ ସଦସ୍ୟ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ମଧ୍ୟରୁ ଉପସ୍ଥିତ ଅନେକଙ୍କୁ ନେଇ ଏ କଲେଜର ଉନ୍ନତି ଓ ଭବିଷ୍ୟତ ସଂପର୍କରେ ଆଲୋଚନା କରାଗଲା । ଏଥିରେ ଜୟ ନାରାୟଣ ବାବୁଙ୍କ ସମେତ ପରିଚାଳନା ସମିତିର ପ୍ରାୟ ସମସ୍ତ ସଦସ୍ୟ ଯୋଗଦେଇଥିଲେ । ଆଗାମୀ ବର୍ଷରୁ +୨ ବିଜ୍ଞାନ ଓ+୨ ବାଣିଜ୍ୟ ଶ୍ରେଣୀ ଖୋଲିବାର ସିଦ୍ଧାନ୍ତ ନିଆଗଲା । ସେଥିପାଇଁ, କେତେଜଣ ଭଦ୍ରବ୍ୟକ୍ତି ଏ ଅଞ୍ଚଳର ବିଭିନ୍ନ ଉଚ୍ଚ ବିଦ୍ୟାଳୟକୁ ଯାଇ ସାଧୁଚରଣ ମହାବିଦ୍ୟାଳରେ +୨ ଶ୍ରେଣୀରେ ଭର୍ତ୍ତିକରିବା ପାଇଁ ଦଶମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ର/ଛାତ୍ରୀ ମାନଙ୍କର ଅଭିଭାବକମାନଙ୍କୁ ନିବେଦନ କଲେ ।

ଏତେ ଆନନ୍ଦ ବୋଧହୁଏ ଆମ ଭାଗ୍ୟରେ ନଥିଲା ।

ଆରମ୍ଭ ହେଲା କଲେଜ ଓ ଏହା ସହିତ ସଂପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧରେ କୁତ୍ସାରଟନା । ପ୍ରତ୍ୟକଥର ପରିଚାଳନା ସମିତିର ଅଧିବେଶନକୁ ଜଣେ ରାଜନେତାଙ୍କୁ ଡକାଗଲେବି ସେ ଆସନ୍ତିନି କିନ୍ତୁ ତାଙ୍କୁ ଡକାଯାଏନି ବୋଲି କୁହନ୍ତି । ସେହିପରି ଅନ୍ୟସ୍ଥାନରେ କଲେଜଖୋଲିବାର ବା ଏ କଲେଜକୁ ଅନ୍ୟତ୍ର ଉଠାଇନେବାପାଇଁ ଅନେକଙ୍କର ସ୍ୱର ଶୁଣାଯାଏ । ଅନ୍ୟତ୍ର କଲେଜ ଖୋଲାଗଲେ ଆମର ଆପତ୍ତି କରିବାର କିଛିନଥିଲା । ପୁଣି,କଲେଜକୁ ଅନ୍ୟ ସ୍ଥାନକୁ ଉଠାଇନେବାର ସିଦ୍ଧାନ୍ତ କେବଳ ଦାତାହିଁ ନେଇପାରନ୍ତେ, ଆମେ ନୁହେଁ । ମାତ୍ର, ଆମ ସହିତ ବା ଦାତାଙ୍କ ସହିତ କେହି ଆଲୋଚନା କରିନାହାନ୍ତି ।



ଏଇ ସମୟ ଭିତରେ, କଲେଜର ଅସ୍ଥାୟୀ କନ୍ କାରେନ୍ସ ମିଳିଗଲା, ୧୯୮୮-୮୯ ଓ ୧୯୮୯-୯୦ ପାଇଁ ୦୨.୮.୮୮ ତାରିଖର ଚିଠି ଅନୁସାରେ ।ସମସ୍ତେ ଏକତ୍ରିତ ହୋଇ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀ , ଦାତା ସାଧୁବାବୁ ତଥା ଜୟ ନାରାୟଣ ବାବୁଙ୍କୁ ଧନ୍ୟବାଦ ଜଣାଇଲୁ ।

(କ୍ରମଶଃ)

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

## ଗଳ୍ପ
# କାଂଜିଭରମ୍ ଶାଢ଼ି

## ପ୍ରଣତି ଆଚାର୍ଯ୍ୟ ମିଶ୍ର





ସ୍ନିଗ୍ଧା ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଯେତେବେଳେ, ସବୁଦିନ ଭଳି ଧୁମ୍ ଧଡକ୍ ଚାଲୁଥିବା ପ୍ରୀତି ଶବ୍ଦ ନକରି ଧୀରେ ଧୀରେ ଘର ଭିତରକୁ ପ୍ରବେଶ କଲା । ସେ ସବୁଦିନ ହାତରେ ଖବରକାଗଜ ଧରାଇ ଦିଏ, କିନ୍ତୁ ଆଜି ସବୁଦିନ ଭଳି ନମସ୍କାର କଲାନି କି ଖବରକାଗଜର ଶୀର୍ଷକ କହିଲାନି । ତାର ଆଚରଣ ଆମ ଦୁହିଁଙ୍କ ପାଇଁ ଅଦ୍ଭୁତ ଥିଲା । ସ୍ନିଗ୍ଧା ତାଙ୍କୁ କିଛି ପଚାରିବା ପୂର୍ବରୁ ସେ ସ୍ନିଗ୍ଧାଙ୍କ ହାତରେ ଏକ ପ୍ୟାକେଟ୍ ଧରାଇଦେଲା । ସ୍ନିଗ୍ଧା ଏହାକୁ ଖୋଲି ଆଶ୍ଚର୍ଯ୍ୟ ହେଲେ, ଆରେ, ଏ କ'ଣ ? ତୁ ଏହି ଶାଢୀକୁ ଏମିତି ଫେରାଇଆଣିଛୁ, ପିନ୍ଧିଲୁନି କାହିଁକି ?

'ନା, ମ୍ୟାଡମ୍ !' କହି ସେ ନିଜ କାମ କରିବାକୁ ରୋଷେଇ ଘରକୁ ଯାଇ ଚୁପ୍ ଚାପ୍ ତା କାମ କରୁଥିଲା ।

ତାର ଦୈନିକ ଚାଲୁଥିବା ବକ୍ ବକ୍ ଆଜି ପୁରା ବନ୍ଦ । ଅନ୍ୟ ଘରର ହାଲ୍ ଚାଲ୍ ବିଷୟରେ କହୁନଥିଲା କିମ୍ବା ଆମ ଘରର ଖାଦ୍ୟ ବିଷୟରେ ତାର ବିଶେଷଜ୍ଞ ମତାମତ ନାହିଁ । କେବଳ ସେତିକି ନୁହେଁ, ନା ସେ ନିଜ ପାଇଁ ଚା ତିଆରି କଲା ନା ଆମକୁ ପଚାରିଲା । ଦୈନିକ ପ୍ରୀତି ନିଜ ପାଇଁ ଓ ଆମ ପାଇଁ ଚା' ତିଆରି କରିବା ଥୟ । ଏହା ଆମ ପାଇଁ ଦିନର ଦ୍ୱିତୀୟ ଚା ହୁଏ ଏବଂ ଆମେ ସମସ୍ତେ ସେହି ଚା' ପାଇଁ ଉତ୍ସୁକତାର ସହ ଅପେକ୍ଷା କରୁଥିଲୁ, କାରଣ ପ୍ରୀତି ବହୁତ ଭଲ ଚା' ତିଆରି କରେ । ସ୍ନିଗ୍ଧା ପଚାରିଲା, 'ତୁ ଆଜି ଚା' ତିଆରି କରିବୁନି କି ?'

ମୁଁ ପିଇବିନି ମୋର ଇଚ୍ଛା ନାହିଁ, ଯଦି ଆପଣ ପିଇବାକୁ ଚାହୁଁଛନ୍ତି, କରିଦେବି । ସେ ସାମାନ୍ୟ ଅନିଚ୍ଛାରେ ଏତିକି କହି କାମରେ ଲାଗିଗଲା ।

ପ୍ରୀତି ଘରେ ଅଛି ଏବଂ ଘରର ବାତାବରଣ ଶାନ୍ତ ରହିଛି, ଏପରି କେବେ ସମ୍ଭବ ନୁହେଁ । ପଡିଶା ଘର କଥା, ପିଲାଙ୍କ ଉପରେ ନିଜର ଅଧିକାର ସାବ୍ୟସ୍ତ କରିବା, ମଜାକରିବା, ଟିକିଏ ବିରକ୍ତି କରିବା, ସ୍ନିଗ୍ଧାଙ୍କ ଗାଳି ବିଷୟରେ ଯୁକ୍ତିତର୍କ କରିବା, ପିଲାମାନଙ୍କୁ ସ୍ନେହ ଭରା ଗାଳି ଦେବା , ଏସବୁ ନକଲେ ତାର ଭାତ ହଜମ ହୁଏନି । ଏହା ଥିଲା ତାର ଦୈନନ୍ଦିନ ରୁଟିନ୍‌ର ଏକ ଅଂଶବିଶେଷ । ପିଲାମାନେ ମଧ୍ୟ କୁହନ୍ତି, 'ପ୍ରୀତି ମାଉସୀ ଆସିଲେ ଆମ ଘରେ ଜୀବନ ଆସିଯାଏ । ପ୍ରୀତି ନ ଆସିଲେ ପିଲାମାନେ ସେମାନଙ୍କ ଲାପଟପରେ ଦିନସାରା ରହିବେ ଏବଂ ଆମେ ଆମ ମୋବାଇଲରେ । ଥରେ ପ୍ରୀତି ଘରେ ପଶିବା ମାତ୍ରେ ପିଲାମାନଙ୍କୁ ଗାଳି କରି କହିଲା, 'ଏ କ'ଣ କରୁଛ ଦିନରାତି ସେଇ ଲାପଟପରେ ମୁହଁ ଗୁଞ୍ଜି ବସିଛ, କଣ ସବୁ ଏଥିରେ ଅଛି । ନିଜ ବାପା ମାଆଙ୍କ ସହ ଦୁଇପଦ କଥା ବାର୍ତ୍ତା ହୁଅ । ଏବଂ ଆପଣ ମଧ୍ୟ ମାଡାମ ସବୁବେଳେ ମୋବାଇଲରେ, କାହିଁକି ସେମାନଙ୍କୁ କିଛି କହୁନାହାଁନ୍ତି ? ଠିକ୍ ଘରର ସଦସ୍ୟ ପରି, ପିଲାମାନେ ବି ତାକୁ ବହୁତ ସମ୍ମାନ ଦିଅନ୍ତି । ପ୍ରୀତିର ସ୍ୱାମୀ ପ୍ରଦିପ ହଠାତ୍ ଏକ ଦୁର୍ଘଟଣାରେ ମୃତ୍ୟୁବରଣ କରିବା ପରେ ସେ ଗତ ୨୦ ବର୍ଷ ହେବ ଆମ ଘରେ କାମକରି ତାର ଦୁଇ ଛୋଟ ପିଲାଙ୍କୁ (ଗୋଟିଏ ପୁଅ ଏବଂ ଗୋଟିଏ ଝିଅ) ମଣିଷ କରିଛି । କାମ ମାଗିବା ପାଇଁ ଆମ ଘରକୁ ପ୍ରଥମେ ଆସିଥିଲା । ଆମ ଘରକାମ ତାର ପ୍ରଥମ କାମ ଥିଲା, କିନ୍ତୁ ଏହା ପରେ ତା ପାଖରେ କାମର ଧାଡ଼ି ଲାଗିଥିଲା । ଆଜି ସେ ଆମ କଲୋନୀର ସେଲିବ୍ରିଟି ଘରୋଇ ସହାୟିକା । ପ୍ରୀତି ସାମ୍ନାରେ ସ୍ନିଗ୍ଧା ପ୍ରଥମ ଥର ପାଇଁ ତାକୁ ଘରୋଇ ସହାୟିକା ଶବ୍ଦ ବ୍ୟବହାର କରିଥିଲେ, ପ୍ରୀତି ଏହାର ଅର୍ଥ ବୁଝି ପାରିନଥିଲା । ପରେ ପିଲାମାନଙ୍କୁ ପଚାରିବାରୁ ସେ ଶବ୍ଦଟି ବୁଝିପାରିଲା । ସ୍ନିଗ୍ଧା ତାଙ୍କୁ ଏହା ମଧ୍ୟ କହିଥିଲେ ଯେ ଏହା ଏକ ସମ୍ମାନଜନକ ଶବ୍ଦ, ଯେପରି ସେ ନିଜକୁ ହୋମ୍ ମେକର (ଗୃହିଣୀ) ବୋଲି ଗର୍ବର ସହ କୁହନ୍ତି । ସେବେଠାରୁ ପ୍ରୀତି ମଧ୍ୟ ଅତ୍ୟନ୍ତ ଗର୍ବର ସହ ନିଜ ପାଇଁ ଘରୋଇ ସହାୟିକା ଶବ୍ଦ ବ୍ୟବହାର କରିବା ଆରମ୍ଭ କରିଛି । ବଡ଼ ପୁଅ ତା ପଛରେ ତାଙ୍କୁ ଉପହାସ କରିବା ସହ ଏହା ମଧ୍ୟ କହିଲା ଯେ ପ୍ରୀତି ମାଉସୀ ଘରୋଇ ସହାୟିକା ଏମିତି କହୁଛନ୍ତି ଯେମିତି କୌଣସି କମ୍ପାନୀ ନିର୍ଦ୍ଦେଶକ । ଝିଅ କହିଲା, 'ଭଲ ହୋଇଛି ମାମା ସେଦିନ ତାଙ୍କୁ ଘରର ଗଭର୍ଣ୍ଣର କହିନଥିଲେ, ନଚେତ୍ ପ୍ରୀତି ମାଉସୀ ନିଜକୁ ରାଜ୍ୟପାଳ ଆଉ ଆମ ଘରକୁ ରାଜ ଭବନରେ ପରିଣତ କରିଥାନ୍ତେ । ଘରେ ହସର ମହଲ ଖେଳି ଗଲା । ଆମ ସମସ୍ତଙ୍କ ଜୀବନର ଏକ ଅଂଶ ପାଲଟିଥିବା ପ୍ରୀତିର ଆଜି ଚୁପ୍ ଚାପ୍ ରହିବା ଚିନ୍ତାର ବିଷୟ ଥିଲା । ସ୍ନିଗ୍ଧା ତାଙ୍କ ଶାଢ଼ିର ପ୍ୟାକେଟ୍‌କୁ ଚାହିଁ କ'ଣ ଘଟିଛି ତାହା ବୁଝିବାକୁ ଚେଷ୍ଟା କରୁଥିଲେ । ସେତେବେଳେ ପ୍ରୀତି ଦୁଇ କପ୍ ଚା' ନେଇ ଆସିଲା । ସେ ଟ୍ରେ ଥୋଇ ଯାଉଥିବା ବେଳେ ସ୍ନିଗ୍ଧା ତାଙ୍କ ହାତ ଧରି କହିଲେ, 'ପ୍ରୀତି, ସତ କହ... କଣ ହେଇଛି ? ତୁ ଏହି ଶାଢୀକୁ ନ ପିନ୍ଧି କାହିଁକି ଫେରାଇଦେଲୁ ?' ସ୍ନିଗ୍ଧା ଏହା କହିବା ପରେ ସେତେ ଯେପରି ପ୍ରୀତି ନିଜ କୋହ ସମ୍ଭାଳି ପାରିଲାନି । ପ୍ରୀତି ଆଖିରୁ ଲୁହର ଝରଣା ବୋହିଗଲା । ସେ ଭୋ ଭୋ ହୋଇ କାନ୍ଦିବାକୁ ଲାଗିଲା । କ'ଣ ହେଲା ଆମେ ଦୁହେଁ ବୁଝି ପାରୁନଥିଲୁ । ତାର ପୁଅ ଆଲୋକର କିଛି ହୋଇଛି କି? ସ୍ନିଗ୍ଧା ତାକୁ ନିକଟସ୍ଥ ଷ୍ଟୁଲରେ ବସାଇ ପିଠିରେ ସାନ୍ତ୍ୱନା ଦେଇ କହିଲେ, 'ମୁଁ ଜାଣିନି କଣ ହୋଇଛି ତୁ କହିଲେ ସିନା ଆମେ ଜାଣିବୁ । ପ୍ରଥମେ କାନ୍ଦ ବନ୍ଦ କର, କହ କଣ ହୋଇଛି ? ଗତକାଲି ଶାଢ଼ି ମାଗିଥିଲୁ । କହୁଥିଲୁ ଯେ ଆଲୋକ ଅନୁଷ୍ଠାନରେ ଏକ କାର୍ଯ୍ୟକ୍ରମ ଅଛି, ଏକ ଭଲ ଶାଢୀ ପିନ୍ଧିବାକୁ ପଡିବ, ତେଣୁ ମୁଁ କାଞ୍ଜିବରମ୍ ଶାଢୀ ବାହାର କରି ଦେଇଥିଲି । ଏତେ ଦିନ ଧରି ଏହି କାର୍ଯ୍ୟକ୍ରମ ବିଷୟରେ କହୁଥିଲୁ । ଗତକାଲି ଅପରାହ୍ନରେ ମଧ୍ୟ କାର୍ଯ୍ୟକ୍ରମକୁ ଯିବୁ ବୋଲି ଛୁଟି ନେଇଥିଲୁ । ତା'ପରେ ହଠାତ୍ କ'ଣ ହେଲା ?

ପ୍ରୀତିଙ୍କ କାନ୍ଦ ଟିକିଏ କମିଲା ଏବଂ ତା ସ୍ୱରରେ ଏବେ ସ୍ୱଷ୍ଟତା ଆସିଲା, 'ତୁମେ ଶାଢୀକୁ ବହୁତ ଖୁସିରେ ଦେଲ, ହେଲେ ଆଲୋକକୁ ଶାଢୀ ଦେଖାଇବା ମାତ୍ରେ ସେ କହିଲା, 'ଏହି ଶାଢ଼ି ପିନ୍ଧିବା ଠିକ୍ ହେବନି ମାଆ । କହିଲା ମା ତୁମେ ଯେପରି ପ୍ରତିଦିନ ପିନ୍ଧ, ସେପରି ହିଁ ଯିବାକୁ ପଡିବ । ଅଭାବ ପରିସ୍ଥିତିରେ ତୁମେ ମୋତେ ଯେପରି ବଢାଇଛ ସେପରି । ସେଥିପାଇଁ ଅନୁଷ୍ଠାନର ଲୋକମାନେ ତୁମକୁ ସମ୍ମାନିତ କରୁଛନ୍ତି । ମୁଁ କହିଲି, 'ତେବେ ଏଥିରେ କ'ଣ ଅଛି ? ସମସ୍ତେ କାର୍ଯ୍ୟକ୍ରମକୁ ଭଲ ପୋଷାକ ପିନ୍ଧି ଆସନ୍ତି ।

ଅନୁଷ୍ଠାନର ନିର୍ଦ୍ଦେଶକ କହିଛନ୍ତି ଯେ ଏହି ଶାଢ଼ିରେ କୁଆଡେ ମୋର ଫଟୋ ଭଲ ରହିବ ନାହିଁ । ସେମାନେ ଆଲୋକକୁ ପାଠ ପଢାଇବା ଫି ଛାଡ଼ କରିଛନ୍ତି । ଏହି ଫଟୋକୁ ସେମାନେ ଅନୁଷ୍ଠାନର ପ୍ରଚାର ପ୍ରସାର ପାଇଁ ବ୍ୟବହାର କରିବାକୁ ଚାହୁଁଛନ୍ତି । ପ୍ରୀତିର କାନ୍ଦ ଧିରେ ଧିରେ କମି ଆସିଲା । କେତେ ଆଶ୍ଚର୍ଯ୍ୟ ମାଡାମ, ମୋର ସୁନ୍ଦର ଶାଢୀ ତାଙ୍କ ଫଟୋକୁ ଖରାପ କରିଦେବ । ମୋର ବି ତ ମନ ବୋଲି କିଛି ଅଛି ନା ନାହିଁ , ଜଣେ ଘରୋଇ ସହାୟିକା କଣ ଭଲ ଶାଢୀ ଖଣ୍ଡେ ପିନ୍ଧି ପାରିବନି ? ପ୍ରୀତି କାନ୍ଦୁଥିଲା ଏବଂ ସ୍ନିଗ୍ଧା ତା ପିଠିରେ ହାତ ରଖି ତାଙ୍କୁ ସାନ୍ତ୍ୱନା ଦେଉଥିଲେ । ମୋର ଚାକିରି ଜୀବନରେ ଛୋଟ ବଡ ଅନେକ ଜଟିଳ ସମସ୍ୟାର ସମ୍ମୁଖୀନ ହୋଇଛି, ହେଲେ ପ୍ରୀତିର ସମସ୍ୟାର କୌଣସି ସମାଧାନ ମୋ ପାଖରେ ନଥିଲା । ଟେବୁଲ ଉପରେ ଥିବା ଚା'ରେ ଏକ ଆସ୍ତରଣ ଜମା ହେବାକୁ ଲାଗିଲା ଏବଂ ପ୍ୟାକେଟ୍‌ର କାଞ୍ଜିଭରମ୍ ଶାଢ଼ି ଆମକୁ ବିବ୍ରତ କରୁଥିଲା ।


♥ ନୟାଗଡ଼
ମୋ: ୯୪୩୭୬୪୨୯୪୭

# ହାରିବା ଶିଖିନି ସିଏ



## ସୁନନ୍ଦା ମହାନ୍ତି

ଜୀବନ ଯୁଦ୍ଧରେ ନିଜକୁ ପରାଜିତ ସୈନିକଟିଏ ବୋଲି କେବେ ଭାବିନାହାନ୍ତି ସିଏ । ବୟସ ପାଖାପାଖି ସତୁରୀ ହେଲେ ବୟସର ଅପରାହ୍ନକୁ ବେଖାତିର କରି ସମସ୍ତଙ୍କ ଆଗରୁ କାଉ କା କା କହିବା ପୂର୍ବରୁ ସେ ଉଠନ୍ତି । ରାତିରୁ ସଜାଡି ସୁଜୁଡ଼ି ରଖିଥିବା ପସରାର ଆସରାରେ ଷ୍ଟେସନ ଚାଲିଯାଆନ୍ତି ରଘୁ ମଉସା । ଷ୍ଟେସନରେ ହିଁ ନିତ୍ୟକର୍ମ ବଢ଼େଇ ଧୁଆ ଶୁଖା କରି ସ୍ୱଚ୍ଛ ଅଖା ଓ ଗାମୁଛା ପାରି ବସିଯାଆନ୍ତି ଝାଲମୁଢି ପୂର୍ବ ପ୍ରସ୍ତୁତିରେ । ପିଆଜ, ଟମାଟୋ, ଗାଜର, କଞ୍ଚା ଲଙ୍କା, ଧନିଆଁ ପତ୍ର ସବୁ କାଟି ଡବାମାନଙ୍କରେ ଭର୍ତ୍ତି କରି ନିଜେ ବି ପ୍ରସ୍ତୁତ ହୋଇଯାଆନ୍ତି । ପଛକୁ ପଛ ଟ୍ରେନ ସବୁ ଲାଗୁଥାଏ ଷ୍ଟେସନର ପ୍ରଥମ ପ୍ଲାଟଫର୍ମଠୁ ଶେଷ ପ୍ଲାଟଫର୍ମ ଯାଏଁ । ଲକ୍ଷ ରଖିଥାନ୍ତି ରେଳଗାଡି ଘୋଷଣାକୁ, ଯାତ୍ରୀମାନେ ଦୟାକରି ଧ୍ୟାନ ଦିଅନ୍ତୁ ଅମୁକ ଗାଡି, ସମୁକ ନମ୍ବର, କୋଉ ପ୍ଲାଟଫର୍ମରେ ଲାଗିବ । ପସରା ବେକରେ ଓହ୍ଲେଇ ଚାଲନ୍ତି ପ୍ରଥମରୁ ଶେଷ ପ୍ଲାଟଫର୍ମ ପର୍ଯ୍ୟନ୍ତ । ଭଲ ବିକ୍ରୀ ହୁଏ । ସକାଳ ନିତ୍ୟକର୍ମଠୁ ଆରମ୍ଭ କରି ମଧ୍ୟାହ୍ନ ଭୋଜନ ସେହି ପ୍ଲାଟଫର୍ମରେ । ଭଲ ଦି ପଇସା ହୁଏ ତ ସେହି ପଇସାରେ ଲୁନା ଖଣ୍ଡେ କିଣି ଏଣିକି ଆସନ୍ତି ରଘୁ ମଉସା ।




ଘରେ ଖାଲି ଉପସ୍ଥିତି । ଷ୍ଟେସନ କିନ୍ତୁ ତାଙ୍କ ଘର । ଝୁରେ ତାଙ୍କ ଅନୁପସ୍ଥିତି ଷ୍ଟେସନ । ସେଦିନ ପଡିଯିବା ପରେ ତାଙ୍କର ଅନୁଭବ ହୋଇଥିଲା, ବୟସର ଅପରାହ୍ନରେ ନିଜେ ନିଜର ସାହାରା ହେବା ସହ ଅନ୍ୟ ମାନଙ୍କର କିଛି କରି ନପାରିଲେ ପରିବାର, ଜ୍ଞାତି କୁଟୁମ୍ବ ସମସ୍ତଙ୍କ ପାଇଁ ବୋଝ । ସମସ୍ତଙ୍କର ବି ଏମିତି ଦିନ ଆସିବ ବୋଲି କହୁଥିବା ବୁଝୁଥିବା ଲୋକ ମଧ୍ୟ ବୁଝିପାରେ ନାହିଁ ଅନ୍ୟର ପରିସ୍ଥିତି । ଅଲୋଡ଼ା ହୁଏ ବିଚରା ବୟସର ଅପରାହ୍ନରେ ପହଞ୍ଚିଥିବା ମଣିଷମାନେ । ସ୍ତ୍ରୀ ପୁରୁଷ ନିର୍ବିଶେଷରେ ଜରାନିବାସୀ ହୁଏ । ତେଣୁ ଅନ୍ୟର ବୋଝ ନହେବା ପାଇଁ କିଛି କରିବାକୁ ରଘୁ ମଉସା ସଦା ବ୍ୟାକୁଳ । ଏତେ ଦିନର ଅନୁପସ୍ଥିତି ପରେ, ରଘୁ ମଉସା ପୁଣି ଫେରିଛନ୍ତି, ଚଳଚଞ୍ଚଳ ଷ୍ଟେସନରେ ସାମିଲ ହେବାକୁ ।

ସବୁ ଯାତ୍ରୀ ଯେମିତି ତାଙ୍କୁ ଅପେକ୍ଷା କରିଛନ୍ତି, ଝାଲମୁଢିର ସ୍ୱାଦ ପାଇବା ପାଇଁ ସମସ୍ତେ ବ୍ୟାକୁଳ । ଏବେ ରାତିରେ ବି ଆଉ ଘରକୁ ଯାଆନ୍ତି ନାହିଁ ରଘୁ ମଉସା । ବହୁଦିନର ଅଭିଜ୍ଞତା ପରେ ସବୁଦିନ କିଛି ନା କିଛି ବୋହୂ ପାଇଁ ନେଇକି ଘରକୁ ଫେରୁଥିବା ମଉସା କେବଳ ରାତିଟା କଟାନ୍ତି ଘରେ । ନା ଦିନର ଜଳଖିଆ ନା ମଧ୍ୟାହ୍ନ ଭୋଜନ ଏମିତିକି ରାତି ଭୋଜନ ବି ସାରି ଦେଇଥାନ୍ତି । ଗଲାବେଳେ ବୋହୂ ପାଇଁ କିଛି ନା କିଛି ଜଳଯୋଗ ସହ ଘରକୁ ତଟକା ପରିବା ନେବାକୁ ମଧ୍ୟ ଭୁଲନ୍ତି ନାହିଁ । କିନ୍ତୁ ପଡିଯାଇ ବେଉସା ବନ୍ଦ ହେବା ପରେ ଘରେ ପରଝିଅ ବୋହୂ ଯେଉଁ ବ୍ୟବହାର ଦେଖେଇଲା ଛାଡ଼ ନିଜ ଜନ୍ମିତ ପୁଅ ବି କଥା କଥାକେ ଅପମାନିତ ଓ ଅସମ୍ମାନିତ କରୁଥିଲା ବାପାଙ୍କୁ ।

ଏବେ ଏବେ ଯେବେ ଦୂରରୁ ଗାଡି ଆସେ ରଘୁ ମଉସା ଝାଲମୁଢି ପସରା ଆସରା ହୋଇଥାଏ ଯାତ୍ରୀଙ୍କ ଖାଦ୍ୟ ହିସାବରେ ରାତି ଅଧରେ । ଆଉ ଦୂରରୁ ଜଳୁଥିବା ଦିକ ଦିକ ଲଣ୍ଠନ ଆଲୁଅରେ ହସୁଥାଏ ନିଛାଟିଆ ଷ୍ଟେସନର ଅନ୍ଧାରୀ ମୂଳକ । ବଡ଼ ବଡ଼ ଲାଇଟ ଆଢୁଆଳରେ ରଘୁ ମଉସାଙ୍କ ଝାଲମୁଢି ପସରା ଷ୍ଟେସନର ଅନତି ଦୂରରେ ସ୍ୱାକ୍ଷର ବହନ କରୁଥାଏ ବୟସର ଅପରାହ୍ନର ବି ଚମକ ଅଛି ମହକ ଅଛି ନିଶ୍ଚୟ ।

♥ ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

# ଖଇରା ବ୍ଲକର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କଲେ ଜିଲ୍ଲାପାଳ



ଖଇରା, ୩୦/୧୧ (ନି.ପ୍ର): ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୁବିକାଶ ଶନିବାର ଖଇରା ବ୍ଲକର ଅର୍ଜୁନପୁରସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିବା ସହ ଛାତ୍ରୀଛାତ୍ରଙ୍କ ସହ ଶୈକ୍ଷିକ ପରିବେଶ ଓ ସୁବିଧା ଅସୁବିଧା ସମ୍ପର୍କରେ ପଚାରୀ ବୁଝିଛନ୍ତି । ଏଥିସହ ବିଦ୍ୟାଳୟ ନିକଟରେ ବସବାସ କରୁଥିବା ଗ୍ରାମବାସୀଙ୍କ ସହ ମଧ୍ୟ ଏ ବିଷୟରେ ଆଲୋଚନା କରିଥିଲେ । ପରେ ନୂତନ ଭାବେ ତିଆରି ହେଉଥିବା ଛାତ୍ରୀନିବାସ ର କାମକୁ ଦେଖିବା ସହ ଶେଷ ହେବାରେ ବିଳମ୍ବକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ସୁରକ୍ଷା ପାଚେରୀ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଖଇରା ଆଦର୍ଶବିଦ୍ୟାଳୟକୁ ପୋଷ୍ୟବିଦ୍ୟାଳୟ ଭାବେ ଗ୍ରହଣ ପାଇଁ ଘୋଷଣା କରିଥିଲେ । ଭୋଜନର ମାନ ଯାଞ୍ଚ ପାଇଁ ସେ ପିଲାମାନଙ୍କ ଗହଣରେ ବସି ମଧ୍ୟାହ୍ନ ଭୋଜନ ମଧ୍ୟ କରିଥିଲେ । । ଏହି ଅବସରରେ ଜିଲାପାଳ କୁପାରୀ ଜୋନରେ ନିର୍ମାଣାଧିନ ମେଗା ପାନୀୟଜଳ ପ୍ରକଳ୍ପର ସମୀକ୍ଷା କରିବା ସହ ଶାରିଶୁଆ ପାହାଡରେ ଖଣି ପରିଦର୍ଶନ କରିଥିଲେ ।ଜନସାଧାରଣଙ୍କ ଅଭିଯୋଗ ଶୁଣି ଖୋଳାଯାଇଥିବା ରାସ୍ତା ଗୁଡିକ ପୂର୍ବଭଳି ନିର୍ମାଣ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶେଷରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ସାମଗ୍ରୀକ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରବା ଅବସରରେ ଆହାର କେନ୍ଦ୍ରକୁ ଯଥା ସମ୍ଭବ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କିମ୍ବା ଯଦି ସମ୍ଭବ ନହୁଏ ତେବେ ଅନ୍ୟ କୌଣସି ସ୍ଥାନ ଚିହ୍ନଟ କରିବାକୁ ତହସିଲଦାର ଓ ଅନ୍ୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ବ୍ଲକରେ ଚାଲିଥିବା ବିଭିନ୍ନ ଯୋଜନା ଉପରେ ସମୀକ୍ଷା କରିବା ସହ ବିଡିଓ ଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଥିଲେ । ଜିଲାପାଳଙ୍କ ସହ ଜିଲା ଶିକ୍ଷାଧିକାରୀ ପ୍ରାଚୀତନୟା ଗିରି,ଅତିରିକ୍ତ ଜିଲାଶିକ୍ଷାଧିକାରୀ ଧରଣୀଧର ପାତ୍ର,ବିଡିଓ ଅନନ୍ତ କୁମାର ହାଁସଦା,ତହସିଲଦାର ଜିତେନ୍ଦ୍ର ମୁର୍ମୁ,ବ୍ଲକ ଶିକ୍ଷାଧିକାରୀ ଗଦାଧର ଦାସ,ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଶଶିକାନ୍ତ ବେହେରା ଓ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ: ବିଗତ ବର୍ଷଠାରୁ ବଢିଛି ଜିଲ୍ଲାରେ ସଡକ ଦୁର୍ଘଟଣା ଜନିତ ମୃତ୍ୟୁ



ବାରିପଦା, ୩୦/୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପଲ୍ଲୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ଶୁକ୍ରବାର ଦିନ ସ୍ଥାନୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକରେ ଜିଲ୍ଲାରେ ସଡକ ଏବଂ ଗମନାଗମନ କ୍ଷେତ୍ରରେ ସମସ୍ତ ବିବରଣୀ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ସାଲକୋ ମୁର୍ମୁ ପ୍ରଦାନ କରିଥିଲେ ।
ସୂଚନା ଅନୁସାରେ, ଗତ ଜୁଲାଇ, ଅଗଷ୍ଟ, ସେପ୍ଟେମ୍ବର ମାସରେ ଧୃତ ଗତି ସମ୍ବନ୍ଧୀୟ ୪୪୭୨ଟି, ବିନା ହେଲମେଟରେ ଗାଡିଚାଳନା ଜନିତ ୧୮୬୩ଟି, ବିନା ସିଟ ବେଲ୍ଟ ଗାଡିଚାଳନା ଜନିତ ୬୦୯ଟି, ୧୨୬ଟି ମୋବାଇଲ ଫୋନ ବ୍ୟବହାର କରି ଗାଡିଚାଳନା, ମଦ୍ୟପାନ କରି ଗାଡି ଚାଳନା ୧୧୩ଟି ଏବଂ ଓଭରଲୋଡିଂ ଜନିତ ୪୬ଟି ମାମଲା ଆଞ୍ଚଳିକ ପରିବହନ ପକ୍ଷରୁ ରୁଜ୍ଜୁ ହୋଇଛି ଏବଂ ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏହି ପରିପ୍ରେକ୍ଷୀରେ ପୋଲିସ ବିଭାଗ ପକ୍ଷରୁ ମଧ ବିଭିନ୍ନ ସ୍ଥାନରେ ବିନା ହେଲମେଟରେ ଗାଡିଚାଳନା ଜନିତ ୨୫୭୯ଟି , ଭୁଲ ପାର୍କିଙ୍ଗ ଜନିତ ୫୩୯ଟି, ବିନା ସିଟ ବେଲ୍ଟ ଗାଡିଚାଳନା ଜନିତ ୩୪୫ଟି, ୩୪୬ଟି ମୋବାଇଲ ଫୋନ ବ୍ୟବହାର କରି ଗାଡିଚାଳନା, ମଦ୍ୟପାନ କରି ଗାଡି ଚାଳନା ୧୬୪ଟି ମାମଲା ଏଯାବତ ହୋଇଥିବା ବେଳେ ୪୯୪ଜଣଙ୍କର ଡ୍ରାଇଭିଂ ଲାଇସେନ୍ସ ରଦ୍ଧ କରାଯାଇଛି । ପ୍ରକାଶ ଥାଉକି ଚଳିତ ବର୍ଷ ଆଉ ବିଗତ ବର୍ଷରେ ଦୁର୍ଘଟଣା ଜନିତ ମୃତ୍ୟୁ ମାମଲା ମୟୂରଭଞ୍ଜ ଜିଲ୍ଲାରେ ବଢିଛି । ୨୦୨୩ ମସିହାରେ ୧୬୨ଟି ଦୁର୍ଘଟଣା ମାମଲା ଥିବା ବେଳେ ୮୨ଜଣ ସଡକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ । କିନ୍ତୁ ଚଳିତ ବର୍ଷ ଏହି ଦୁର୍ଘଟଣା ମାମଲା ୧୩୩ କୁ ଖସି ଆସିଥିଲେ ମଧ ସେଥି ମଧ୍ୟରୁ ୯୫ ଜଣ ସଡକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଜଣା ପଡିଛି । ତେବେ ଏହି ବିବରଣୀକୁ ଜିଲ୍ଲାପାଳ ସମୀକ୍ଷା କରି ଘଏଇଓ , ରାସ୍ତା ଏବଂ ପୂର୍ତ୍ତ ବିଭାଗକୁ ଏହାର କାର୍ଯ୍ୟ ପ୍ରଣାଳୀ ତ୍ୱରାନ୍ୱିତ କରିବାକୁ କହିଥିଲେ । ଜିଲ୍ଲାରେ ଅଧିକରୁ ଅଧିକ ମଦ୍ୟ ପାନ କରି ଗାଡି ଚାଳନା ଏବଂ ତତ ଜନିତ ମୃତ୍ୟୁକୁ ରୋକିବା ପାଇଁ ସ୍ପେଶାଲ ଡ୍ରାଇଭ, ସରପ୍ରାଇଜ ଚେକିଂ, ପୋଲିସ-ଆରଟିଓ ସଂଯୁକ୍ତ ପ୍ରବର୍ତ୍ତନ କରାଇବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଜିଲ୍ଲାପାଳଙ୍କ ସମେତ, ବାରିପଦା ପୌରପାଳିକା, କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ ।

## ନାବାଳିକାକୁ ଦୁଷ୍କର୍ମ ମାମଲା : ଦୋଷୀକୁ ୨୦ ବର୍ଷ କାରାଦଣ୍ଡ

ସମ୍ବଲପୁର, ୩୦/୧୧ (ନି.ପ୍ର): ନାବାଳିକାଙ୍କୁ ବ୍ୟଭିଚାର ଓ ଅର୍ନ୍ତସତ୍ୱା କରିବା ଅଭିଯୋଗରେ ପୋକ୍‌ସୋ ସ୍ୱତନ୍ତ୍ର ଜର୍ଜ ତଥା ଅତିରିକ୍ତି ଜିଲ୍ଲା ଜର୍ଜ ଅଭିଳାଶ ସେନାପତି ଏକ ନାବାଳିକାକୁ ଦୁଷ୍କର୍ମ ମାମଲାର ବିଚାର କରି ଆଜି ଏହି ରାୟ ଶୁଣାଇଛନ୍ତି । ଏଥିରେ ଅଭିଯୁକ୍ତ ଦିନବନ୍ଧୁ ଦେହୁରୀ(୬୨)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ କାରାଦଣ୍ଡ ଓ ୧ ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଏହା ସହ ଆଇପିସି ଅନୁଯାୟୀ ୭ ବର୍ଷ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି । ମାମଲା ବିଚାର ସମୟରେ ୨୫ଜଣଙ୍କ ସାକ୍ଷ୍ୟ ବୟାନ ନିଆଯାଇଥିଲା । ପ୍ରକାଶ ଯେ, ଜିଲ୍ଲାର କିସିଣ୍ଡା ଥାନା ଅନ୍ତର୍ଗତ ଜଣେ ୧୫ ବର୍ଷିୟା ନାବାଳିକା ପେଟରେ ଯନ୍ତ୍ରଣା ହେବାରୁ ତାଙ୍କ ବାପା ବୁର୍ଲା ମେଡିକାଲକୁ ନେଇଥିଲେ । ନାବାଳିକା ଜଣକ ଅର୍ନ୍ତସତ୍ୱା ଥିଲେ ଓ ସେହି ଦିନ ଅର୍ଥାତ୍ ୨୨ ଜୁଲାଇ, ୨୦୨୩ରେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ । ପୀଡିତା ଜଣକ ଘରକୁ ଫେରିବା ପରେ ମାଆଙ୍କ ନିକଟରେ ଘଟଣା ସମ୍ପର୍କରେ କହିଥିଲେ । ୯ ମାସ ପୂର୍ବରୁ ସେ ଛେଳି ଚଳାଇବାକୁ ପାଖ ଜଙ୍ଗଲକୁ ଯାଇଥିଲେ । ସେହି ସମୟରେ ଅଭିଯୁକ୍ତ ଜଣକ ଉକ୍ତ ନାବାଳିକା ସହ ବଳପୂର୍ବକ ସମ୍ପର୍କ ରଖି ଘଟଣା ପ୍ରଘଟ ନକରିବାକୁ ଧମକ ଦେଇଥିଲା । ଏହା ଜଣାପଡିବା ପରେ ପୀଡିତାଙ୍କ ବାପା କିସିଣ୍ଡା ଥାନାରେ ଏତଲା ଦେଇଥିଲେ । ପରେ ଅଭିଯୁକ୍ତକୁ ପୋଲିସ ଗିରଫ କରିବା ସହ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ । ଏହି ମାମଲାକୁ ସରକାରୀ ସ୍ୱତନ୍ତ୍ର ପିପି ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ ।

# ବୁଖାରି ବାବା ଅର୍ଡର ସାପ୍ଲାୟର୍ସ ପକ୍ଷରୁ ୮ ତାରିଖ ମେଗା ରକ୍ତଦାନ ଶିବିରରେ ଏକ ହଜାର ୟୁନିଟ ରକ୍ତ ସଂଗ୍ରହ ପାଇଁ ପ୍ରସ୍ତୁତି ବୈଠକ




ଜଳେଶ୍ୱର, ୩୦/୧୧ (ନି.ପ୍ର): ରକ୍ତଦାନ ମହତ ଦାନ ରକ୍ତ ବଞ୍ଚାଏ ଅମୂଲ୍ୟ ଜୀବନ,ଅର୍ଜନ କର କୋଟିଏ ପୁଣ୍ୟ ସଫଳ କର ମାନବ ଜୀବନ ର ବାର୍ତ୍ତା ନେଇ ଡ଼ିସେମ୍ବର ୮ ତାରିଖ ରବିବାର ସକାଳ ୯ ଘଟିକା ସମୟରେ ଜଳେଶ୍ୱର ଥାନା ଝାଡେଶ୍ୱରପୁର ଠାରେ ଥିବା ମନ୍ନତ ବିଲଡିଂ ପରିସରରେ ବୁଖାରି ବାବା ଅର୍ଡର ସାପ୍ଲାୟରସର ପ୍ରତିଷ୍ଠାତା ସେଖ ସାଜନଙ୍କ ଆହ୍ୱାନ କ୍ରମେ ବାଲେଶ୍ୱର ରକ୍ତଦାତା ସଙ୍ଘର ସଭାପତି କମଳ ଚକ୍ରବର୍ତ୍ତୀଙ୍କର ବୟସ ଦୃଷ୍ଟିରୁ ଏହା ତାଙ୍କର ଶେଷ ରକ୍ତଦାନକୁ ଦୃଷ୍ଟିରେ ରଖି ଅପରାହ୍ନ ୪ ଘଟିକା ସମୟରେ ଏକ ସାମ୍ବାଦିକ ସମ୍ମିଳନୀ ଶେଖ ଇସଲାମ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ସମାଜ ସେବୀ ମନୋରଞ୍ଜନ ଦାସ ଏହି ସାମ୍ବାଦିକ ସମ୍ମିଳନୀକୁ ପରିଚଳନା କରିଥିଲେ । ଅନ୍ୟପକ୍ଷରେ ଗତ ବର୍ଷ ଏଠାରେ ଆୟୋଜିତ ରକ୍ତଦାନ ଶିବିରରେ ୫ ଶହରୁ ଉର୍ଦ୍ଧ ୟୁନିଟ ରକ୍ତ ସଗ୍ରହ ହୋଇଥିବା ବେଳେ ଚଳିତ ବର୍ଷର ଏହି ମେଗା ରକ୍ତଦାନ ଶିବିରରୁ ଯେପରି ଏକ ହଜାର ୟୁନିଟ ରକ୍ତ ସଗ୍ରହ ହେବ? ସର୍ବୋପରି ବାଲେଶ୍ୱର ଜିଲ୍ଲା ସମଗ୍ର ରାଜ୍ୟରେ ରକ୍ତ ସଗ୍ରହ କରି ବଳକା ଜିଲ୍ଲା ମାନ୍ୟତା ପାଇବ ସେନେଇ ବୈଠକରେ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ ଓ ବୁଖାରୀ ବାବା ଅର୍ଡର ସପ୍ଲାୟରସର ପ୍ରତିଷ୍ଠାତା ସେକ ସାଜନ,ସାମ୍ବାଦିକ ସେକ ଅବଦୁଲ ରହିମ ପ୍ରମୁଖ ବକ୍ତବ୍ୟରେ ଗୁରୁତ୍ୱାରୋପ କରିଥିଲେ ।ଶିବିରକୁ ସଫଳ କରିବା ପାଇଁ ବୈଠକର ସମସ୍ତଙ୍କ ସହଯୋଗ ମଧ ଲୋଡ଼ାଯାଇଥିଲା ।ବୈଠକର ଅନ୍ୟ ମାନଙ୍କ ମଧରେ ସେକ ଇସଲାମ,ଯାଇରା ବିବି,ସେଖ ସମସେର,ସେଖ ସଫିର, ଶେଖ ସହିଲ,ଇନତାଜ ଖାନ,ମୋତି ଖାନ,ଅମିତ କୁମାର,ଉମା ଶଙ୍କର,ଇନତାଜ ଖାଁ,ଆଜାଦ ଖାଁ ପ୍ରମୁଖ ଉପସ୍ଥିତ ଥିଲେ ।

# ଇମାମି ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ



ବାଲେଶ୍ୱର, ୩୦/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ରେମୁଣା ର ଗୋପାଳ ପୁର ଶିକ୍ଷାଞ୍ଚଳ ରେ ଇମାମି ଜଗନ୍ନାଥ ମନ୍ଦିର ର ୧୦ ତମ ପ୍ରତିଷ୍ଠା ଉତ୍ସବ ୨୯/୧୧/ ୨୦୨୪ ରିଖ ଶୁକ୍ରବାର ପାଳିତ ହୋଇଯାଇଛି । ଇମାମି ପରିବାର ଗ୍ରୁପ୍ରର ଯୁଗ୍ମ ଅଧକ୍ଷ ରାଧେଶ୍ୟାମ ଅଗ୍ରୱାଲ ଓ ଗୋୟେଙ୍କାଙ୍କୋ ସହଯୋଗ ରେ ସ୍ୱର୍ଗତ ରଘୁନାଥ ମହାପାତ୍ର ଓ ତାଙ୍କ ସହଯୋଗୀ ଙ୍କ ଦ୍ୱାରା ୨୦୧୦ ମସିହାରେ ମନ୍ଦିର ନିର୍ମାଣ କାର୍ଯ୍ୟ ହୋଇଥିଲା । ୨୦୧୫ ରେ ଶେଷ ହେଇଥିଲା ଓ ନଭେମ୍ବର ୨୯ ତାରିଖରେ ପ୍ରତିଷ୍ଠା ହେଇଥିଲା । ଅଦ୍ୟାବଧି ଏହି ପ୍ରତିଷ୍ଠା ଉତ୍ସବ ସବୁ ବର୍ଷ ପରି ଚଳିତ ବର୍ଷ ୨୯ ତାରିଖରେ ୧୦ମ ପ୍ରତିଷ୍ଠା ଉତ୍ସବ ଭାବେ ପାଳିତ ହୋଇଯାଇଛି । ଏହି ଉତ୍ସବ ରେ ୧୦ ହଜାର ରୁ ଉର୍ଦ୍ଧ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ର ବ୍ୟବସ୍ଥା ହେଇଥିଲା । ଏହି ମନ୍ଦିର ଉତ୍ସବ କାର୍ଯ୍ୟକ୍ରମ ସଫଳତା ପାଇଁ ଇମାମି ପରିବାର ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମନୋଜ୍ କୁମାର ପାଣି ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ । ଏହି ପ୍ରତିଷ୍ଠା ଉତ୍ସବ ସୁଶିଲ କୁମାର ଗୋୟେଙ୍କା ପ୍ରତ୍ୟେକ ତତ୍ତ୍ୱାବଧାନରେ ସ୍ଥାନୀୟ ପେପର୍ ମିଲର ବରିଷ୍ଠ ସଭାପତି ଆଶିଷ, ଅର୍ଭିନାସ ଗୁପ୍ତା , ଉପସଭାପତି ରାଜେଶ କୁମାର ମିତ୍ତଲ , ଚନ୍ଦ୍ରେଶ ଗୁପ୍ତା , ପରିଚାଳକ ୟୁସୁଫ ଅଲ୍ଲୀ ସୋଲାଙ୍କ ଗୁପ୍ତା , ଡି ଜି ଏମ ଦେବବ୍ରତ ହୋତା , ବରିଷ୍ଠ ଅଧିକାରୀ, ଓମ୍ ପ୍ରକାଶ ଶର୍ମା , ରମେଶ ଚନ୍ଦ୍ର ଖୁଣ୍ଟିଆ , ରାଜେନ୍ଦ୍ର କୁଣ୍ଡ , ବିରେନ୍ଦ୍ର କୁମାର ନାୟକ , ମନୋଜ୍ ଦାସ , ସଂଜିତ୍ କୁମାର ସାହୁ ,ବିନୋଦ କୁମାର ଜେନା , ଦୀପିକା ପଣ୍ଡା, ଇମାମି କ୍ଲବ ଲେଡିସ ସଭାପତି ଚନ୍ଦନା ଗୁପ୍ତା ଓ ମନ୍ଦିର ମୁଖ୍ୟ ପୂଜକ ଅଭିରାମ ମହାପାତ୍ର , ପ୍ରବୀର୍ କୁମାର ମିଶ୍ର , ଅନିଲ କୁମାର ପଣ୍ଡା , ଭକ୍ତ ବର୍ଶଲ ରଥ ଓ ବହୁ ବୁଦ୍ଧିଜୀବୀ ଯୁବ ପୀଢ଼ି ଓ ସମାଜ ସେବୀ ଉତ୍ସବ କାର୍ଯ୍ୟରେ ସହଯୋଗ କରିଥିଲେ

## ୨୦୨୭ ଡିସେମ୍ବର...

ଏହି ମେଟ୍ରୋ ଟ୍ରେନଗୁଡ଼ିକ ଭୂପୃଷ୍ଠରୁ ୧୩ମିଟର ଉପରେ ଯାତାୟତ କରିବ। ଆଉ ରାଜମହଲ, ଜୟଦେବ ବିହାର ଓ ବାରଙ୍ଗଠାରେ ମେଟ୍ରୋ ଟ୍ରେନ ଆଉ ସାମାନ୍ୟ ଅଧିକ ଉଚ୍ଚତାରେ ଚଳାଚଳ କରିବ ବୋଲି ସେ ସୂଚନା ଦେଇଛନ୍ତି। ଭୁବନେଶ୍ୱର ମେଟ୍ରୋ ନିର୍ମାଣ ନିମନ୍ତେ ଦିଲ୍ଲୀ ମେଟ୍ରୋ ରେଳ ନିଗମକୁ ଓଡ଼ିଶା ସରକାର କାର୍ଯ୍ୟାଦେଶ ଦେଇଛନ୍ତି। ଦିଲ୍ଲୀ ମେଟ୍ରୋ ରେଳ ନିଗମ ଦେଇଥିବା ବିସ୍ତୃତ ପ୍ରକଳ୍ପ ରିପୋର୍ଟକୁ ରାଜ୍ୟ ସରକାର ୨୦୨୩ ଅକ୍ଟୋବର ୭ତାରିଖରେ ଅନୁମୋଦନ କରିଥିଲେ। ତତକାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪ ଜାନୁୟାରୀ ୧ରେ ଏହି ମେଟ୍ରୋ ଟ୍ରେନ ପାଇଁ ଶିଳାନ୍ୟାସ କରିଥିଲେ।

## ବାରିପଦାରେ ମର୍ମନ୍ତୁଦ...

ପୁଣି ୫ କିମି ଯିବା ପରେ ବହଳଦା ଥାନା ଅନ୍ତର୍ଗତ ବାଗବେଡାରେ ଏକ ଅଟୋକୁ ଧକ୍କା ଦେଇଥିଲା। ଫଳରେ ଅଟୋରେ ଥିବା ୪ ଜଣଙ୍କ ମଧ୍ୟରୁ ଅଟୋ ଡ୍ରାଇଭର ଏବଂ ଏକ ଦମ୍ପତିଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣାରେ ଦମ୍ପତିଙ୍କର ସମ୍ପର୍କୀୟ ଗୁରୁତର ହୋଇଥିଲେ। ଆହତମାନଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୁଲିସ ମୃତଦେହକୁ ଉଦ୍ଧାର କରି ଘଟଣାର ତଦନ୍ତ କରୁଛି।

## କେଜ୍ରିୱାଲଙ୍କ ମୁହଁକୁ ...

ଲୋକଙ୍କୁ ଧମକପୂର୍ଣ୍ଣ କଲ ଆସୁଛି। ଦୋକାନ, ଗୋଦାମ ଏବଂ ଶୋ'ରୁମ ଭିତରେ ଗୁଳି ଫୁଟୁଛି। ଗ୍ରେଟର କୈଳାଶ ଓ ପଞ୍ଚଶୀଳ ପାର୍କ ଭଳି ସ୍ଥାନରେ ହତ୍ୟାକାଣ୍ଡ ଘଟୁଛି। ଦିଲ୍ଲୀର ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡ଼ି ଯାଇଛି। ଏହି ଘଟଣାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀ ମଧ ବିଜେପିକୁ ଦାୟୀ କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ବଢ଼ିଲା ବବିଙ୍କ ...

୨୨ରେ ଭବ ପ୍ରକାଶ ଦାସଙ୍କ ନାଁରେ ମାମଲା ରୁଜୁ ହୋଇଥିଲା । ହାଟର ଜଣେ ବ୍ୟବସାୟୀଙ୍କୁ ଧମକ ଦେବା ଅଭିଯୋଗରେ ଭବଙ୍କ ନାଁରେ ଏତଲା ଦିଆଯାଇଥିଲା । ଯାଜପୁର ଥାନାରେ ଜଣେ ବ୍ୟବସାୟୀ ଏତଲା ଦେଇଥିଲେ । ଭବଙ୍କ ସହଯୋଗୀ ଧମକ ଦେବା ସହ ମାଡ଼ ମାରିବା ଅଭିଯୋଗ ହୋଇଥିଲା । ଏମିତି କି ମାଡ଼ ମାରି ଟଙ୍କା ଛଡ଼ାଇ ନେଇଥିବା ବ୍ୟବସାୟୀ ଜଣକ ଏତଲାରେ ଦର୍ଶାଇଥିଲେ । ବ୍ୟବସାୟୀଙ୍କ ଅଭିଯୋଗ ଆଧାରରେ ଇଘଝ ୧୧୫(୨), ୨୯୬, ୩(୫), ୩୦୩(୨), ୩୨୪(୪)ରେ ମାମଲା ରୁଜୁ କରାଯାଇଥିଲା । ତେବେ ଏହା ପରେ ନଭେମ୍ବର ୨୫ରେ ବବି ଦାସଙ୍କ ଭାଇ ଲଲଙ୍କ ନାଁରେ ଯୋଡ଼ି ହୋଇଥିଲା ଆଉ ୩ ମାମଲା । ଯାଜପୁର ଟାଉନ ଥାନା ପୋଲିସ ଏହି ୩ ମାମଲା ଯୋଡ଼ିଥିଲା। । ଟାଉନ ଥାନା ଘେରାଉ, ହାଟ ନିକଟରେ ରାସ୍ତାରୋକ ନେଇ ମାମଲା ହୋଇଥିଲା । ଏହା ସହ ଆଉ ଜଣେ ହାଟ ବ୍ୟବସାୟୀଙ୍କୁ ଆକ୍ରମଣ ନେଇ ମଧ ଝଉଔଗରେ ମାମଲା ରୁଜୁ ହୋଇଥିଲା । ୩ ମାମଲା ଯୋଡ଼ିବାକୁ ଟାଉନ୍ ? ଥାନା ପୋଲିସ ପକ୍ଷରୁ ଝଉଔଗ କୋର୍ଟରେ ଆବେଦନ କରାଯାଇଥିଲା । ସୂଚନ ଅନୁସାରେ ନଭେମ୍ବର ୨୦ରେ ଧର୍ମଶାଳା ବିଧାୟକ ହିମାଂଶୁ ସାହୁଙ୍କ ଉପରେ ମରଣାନ୍ତକ ଆକ୍ରମଣକୁ ନେଇ ହଇଚଇ ସୃଷ୍ଟି ହୋଇଥିଲା । ତେବେ ଏହି ଆକ୍ରମଣ ପାଇଁ ସିଧାସଳଖ ବବି ଦାସଙ୍କୁ ଦାୟୀ କରିଥିଲେ ବିଧାୟକ ହିମାଂଶୁ ସାହୁ । ଆକ୍ରମଣ ବୃତ୍ତାନ୍ତ ଦୋହରାଇ କହିଥିଲେ ଆକ୍ରମଣ ବେଳେ ବିଜେଡି ଯୁବ ସଭାପତି ଓ କିଛି ଲୋକ ମୋତେ ମାରିବାକୁ ଧମକ ଦେଇଥିଲେ । ବବି ଦାସ ପଠାଇଛନ୍ତି ବିଜେପିର କାହାକୁ ଯାଜପୁରରେ ପୂରାଇ ଦେବୁନି ବୋଲି କହିଲେ । ବିଜେଡିର ଗୁଣ୍ଡାରାଜରେ ଯାଜପୁରବାସୀ ଭୟଭୀତ । ତେଣୁ ଘଟଣାରେ ଯେଉଁମାନେ ସଂପୃକ୍ତ ସମସ୍ତେ ନିଶ୍ଚିତ ଗିରଫ ହେବେ, ଆଇନ ତା ବାଟରେ ଯିବ ବୋଲି କହିଥିଲେ ହିମାଂଶୁ । ଏପଟେ ବିଧାୟକଙ୍କ ଉପରକୁ ଆକ୍ରମଣ ଘଟଣାକୁ ନିନ୍ଦା କରିଥିଲେ ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ । ପ୍ରତିକ୍ରିୟାରେ ବବି କହିଥିଲେ, ସେ ଘଟଣାସ୍ଥଳରେ ନଥିଲେ । ବିରଜା ପ୍ରକଳ୍ପକୁ ନେଇ ପ୍ରଶାସନର ନିଷ୍ପତ୍ତି ବିରୋଧରେ ରାସ୍ତାରୋକ ହୋଇଥିଲା । ବିଧାୟକ ସେପଟେ ଯାଉଥିଲେ, ବଚସା ହୋଇଥିବା ଶୁଣିବାକୁ ପାଇଛି । କୌଣସି ପ୍ରକାର ହିଂସାକୁ ପ୍ରଶ୍ରୟ ଦିଆଯିବନି ବୋଲି କହିଥିଲେ ବବି । ବିଧାୟକଙ୍କୁ ତାଙ୍କ ଭାଇ ଆକ୍ରମଣ କରିଥିବା ପ୍ରଶ୍ନରେ ସେ କହିଛନ୍ତି, ଭାଇକୁ କହିଛି ଥାନାରେ ଯାଇ ବସିବାକୁ । ଦୋଷୀ ଥିଲେ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ସେ କହିଥିଲେ । ସେପଟେ ଘଟଣାକୁ ନେଇ ପ୍ରତିକ୍ରିୟା ରଖିଥିଲେ, ବବି ଦାସଙ୍କ ଭାଇ ଭବପ୍ରକାଶ ଦାସ ଓରଫ୍ ଲଲ । ଆକ୍ରମଣ ଘଟଣାକୁ ସ୍ୱୀକାର କରିବା ସହ କହିଥିଲେ, ମା' ବିରଜାଙ୍କ ପ୍ରକଳ୍ପକୁ ନେଇ ଆନ୍ଦୋଳନ ଚାଲିଥିବାବେଳେ ଧର୍ମଶାଳା ବିଧାୟକ ଆସିଥିଲେ । ଆନ୍ଦୋଳନକାରୀଙ୍କୁ ଆକ୍ରୋଶମୂଳକ ଭାବେ କହିବାରୁ ଲୋକେ କ୍ଷୁବ୍ଧ ହୋଇ ତାଙ୍କୁ ଆକ୍ରମଣ କରିଥିଲେ । ଖବର ପାଇ ଘଟଣାସ୍ଥଳରେ ପହଞ୍ଚିବା ସହ ବିଧାୟକ ହିମାଂଶୁ ସାହୁଙ୍କ ସହ ମୁଁ ବ୍ୟକ୍ତିଗତ ଭାବେ କଥା ହୋଇଥିଲି । ତା'ସହ ଏଭଳି ଘଟଣା ପାଇଁ କ୍ଷମା ପ୍ରାର୍ଥନା ବି କରିଛି । ତେବେ ଏହା କୌଣସି ସୁଚିନ୍ତିତ ଯୋଜନା ନାହିଁ କି ସେଥିରେ ମୋର କୌଣସି ସଂପୃକ୍ତି ନାହିଁ ବୋଲି କହିଥିଲେ ବବି ଦାସଙ୍କ ଭାଇ ଭବପ୍ରକାଶ ଦାସ ତଥା ଲଲ ।

## ସମୀର ଦେ'ଙ୍କ...

ସେମାନଙ୍କ ଉପସ୍ଥିତିରେ ଜୟନାରାୟଣ ମିଶ୍ର ନିଜ କ୍ଷୋଭ ପ୍ରକାଶ କରିଥିଲେ। ଶ୍ରୀ ମିଶ୍ରଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ଏ ଦଳରେ ସମସ୍ତଙ୍କୁ ସମାନ ନ୍ୟାୟ ଦିଆଯାଏ। କାର୍ଯ୍ୟକର୍ତ୍ତାଙ୍କୁ ଉଚିତ୍ ସମ୍ମାନ ମିଳେ। କୌଣସି ପାତରଅନ୍ତର କରାଯାଏନି। ଆପଣମାନେ ଯାହା ଶୁଣିଛନ୍ତି, ସେମିତି ସେ କିଛି କହି ନାହାନ୍ତି। ବିଜେପି ନିର୍ବାଚନ ଜିତି ସରକାର ଗଠନ କରିବା ଦିନଠାରୁ ଜୟନାରାୟଣ ମିଶ୍ର ଅସନ୍ତୁଷ୍ଟ ଥିବା କୁହାଯାଏ। ଏମିତି କି ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟଙ୍କ ଶପଥ ଗ୍ରହଣ ଉତ୍ସବକୁ ଆସି ନଥିଲେ। ମନ୍ତ୍ରୀ ପଦ ମିଳି ନଥିବାରୁ କ୍ଷୁବ୍ଧ ହୋଇ ସେ ଶପଥ ଗ୍ରହଣ ଉତ୍ସବକୁ ଆସି ନଥିବା ଚର୍ଚ୍ଚା ହୋଇଥିଲା।

## ମିଛଟାରେ କାନ୍ଦୁଥିଲେ...

ସେଠାରେ ତାଙ୍କର ଏକ ପୁଅ ଜନ୍ମ ହୋଇଥିଲା। ପରବର୍ତ୍ତୀ ସମୟରେ ଶିଶୁ ପୁତ୍ର ଚୋରି ହୋଇଥିବା ସୁଧୀସ୍ମିତା ଅଭିଯୋଗ କରିଥିଲେ। ପିଲା ଚୋରି ନେଇ ସୁଧୀସ୍ମିତାଙ୍କ ଅଭିଯୋଗ ପରେ ମେଡ଼ିକାଲ୍‌ରେ ଆଲୋଡନ ଖେଳି ଯାଇଥିଲା। ଏସ୍‌ପିଓ ସୁଦର୍ଶନ ଗଙ୍ଗୋଇ ମେଡ଼ିକାଲ୍‌ରେ ପହଞ୍ଚି ତନାଘନା କରିଥିଲେ। ମେଡ଼ିକାଲ୍‌ରେ ଲାଗିଥିବା ସିସିଟିଭି ଯାଞ୍ଚ କରିଥିଲେ। ସିସିଟିଭି ଯାଞ୍ଚ ବେଳେ ପିଲା ହୋଇଥିବା ନେଇ କୌଣସି ପ୍ରମାଣ ମିଳିନଥିଲା। ଅଭିଯୋଗ ଆଣିଥିବା ସୁଧୀସ୍ମିତା ମେଡ଼ିକାଲ୍‌ରେ ଆଡ୍‌ମିଟ୍ ହୋଇନଥିବା ଜଣାପଡ଼ିଥିଲା। ତେବେ ଏଠି ପ୍ରଶ୍ନ ଉଠୁଛି, ଜଣେ ଯଦି ମେଡ଼ିକାଲ୍‌ରେ ଆଡ୍‌ମିଟ୍ ହୋଇନି, ତାହାହେଲେ ଓଟିରେ ପ୍ରସବ କଲେ କେମିତି ? ତେବେ ଏନେଇ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ ଜଗଦୀଶ ଚନ୍ଦ୍ର ଜେନା କହିଛନ୍ତି, ମେଡ଼ିକାଲ୍‌ରେ ଲାଗିଥିବା ସିସି ତଥ୍ୟ ଅନୁସାରେ ଛୁଆ ଚୋରି ଅଭିଯୋଗ ସମ୍ପୂର୍ଣ୍ଣ ମିଛ। ମହିଳାଙ୍କ ଅଭିଯୋଗର କୌଣସି ସତ୍ୟତା ନାହିଁ। ମହିଳା ଜଣକ ୯ଟା ୩୯ ମିନିଟ୍‌ରେ ମେଡ଼ିକାଲ୍‌ରେ ପ୍ରବେଶ କରିଥିଲେ। ମେଡ଼ିକାଲ୍ ଲବିରେ ୨୦ ମିନିଟ୍ ଧରି ବସିଥିଲେ। ୯ ଟା ୫୯ ମିନିଟ୍‌ରେ ସେମାନେ ସିଡିରେ ପ୍ରଥମ ମହଲାକୁ ଯାଇଥିଲେ। ସେଠାରେ ଲେବର ରୁମ୍ ଆଗରେ ପ୍ରାୟ ୨୦ରୁ ୨୫ ମିନିଟ୍ ଧରି ବସି ଥିଲେ। ପରେ ଗ୍ରାଉଣ୍ଡ ଫ୍ଲୋରକୁ ଫେରି ଆସିଥିଲେ। ତା'ପରେ ବାଥ୍‌ରୁମ୍ ଭିତରକୁ ଯାଇଥିଲେ। ପ୍ରାୟ ୧୦ଟା ୨୫ ମିନିଟ୍‌ରେ ବାଥ୍ ରୁମ୍‌ରୁ ବାହାରି ଛୁଆ ଚୋରି ହୋଇଥିବା ଅଭିଯୋଗ କରିଥିଲେ। ମହିଳା ଜଣକ ଲେବର ରୁମ୍‌ରେ ପଶି ନାହାନ୍ତି। ସେ ଓପିଡି ଟିକଟ ନେଇନାହାନ୍ତି କି କୌଣସି ଡାକ୍ତରଙ୍କ ପରାମର୍ଶ ନେଇନାହାନ୍ତି। ଏ ସବୁ ତଥ୍ୟ ସିସିଟିଭିରେ କଏଦ ହୋଇଛି ବୋଲି ମେଡ଼ିକାଲ୍ ଅଧିକ୍ଷକ କହିଛନ୍ତି। ଏନେଇ ଆମେ ଥାନାରେ ଏଫ୍‌ଆଇଆର ଦେବୁ ବୋଲି ସେ କହିଛନ୍ତି। ଝଉଚଙ ମଧ କହିଛନ୍ତି ଯେ, ସିସିଟିଭି ଫୁଟେଜରୁ ଜଣାପଡୁଛି ଏଠାରେ ଡେଲିଭରି ହୋଇନି।

## ମିଶନ-୩୬, ଆଉ...

କାର୍ଯ୍ୟକର୍ତ୍ତା ଓ ଲୋକଙ୍କ ସହ ଯୋଡ଼ି ହୋଇ ରୁହ। ଅଭିଯୋଗ ଶୁଣ। ଏମିତିକି ତୁମକୁ ଭୋଟ୍ ଦେଇନଥିବା ଲୋକଙ୍କ କଥା ମଧ ବୁଝ। ଟ୍ରାନ୍ସଫର ବଦଳିକୁ ଗୁରୁତ୍ୱ ନଦେଇ ଲୋକଙ୍କ କାମରେ ମନ ଦିଅ। ଫୋନ୍‌ରେ କାହାକୁ ଗାଳି ଦିଅନି। ସଂଯମତା ରଖ। ଗାଳି ଦେଲେ, ଚିଡ଼ିଲେ ସୁଶାସନ ହୁଏନି ବୋଲି ମୋଦି କହିଥିଲେ। ଝିଅ-ବୋହୂ ଉଦାହରଣ ଦେଇ ପ୍ରଧାନମନ୍ତ୍ରୀ କହିଲେ, ବାପଘରେ ଝିଅକୁ କେହି କିଛି କୁହନ୍ତି ନାହିଁ। କିନ୍ତୁ ବୋହୂ ହେବା ପରେ ସମସ୍ତଙ୍କ ନଜର ତା' ଉପରେ ରୁହେ। ଜିତିବା ପରେ ଏବେ ନିର୍ବାଚନମଣ୍ଡଳୀ ସହ ସମସ୍ତଙ୍କ ଆଖି ତୁମ ଉପରେ। ତେଣୁ ଆଚରଣ ଆଉ ଉଚ୍ଚାରଣ ଠିକ କର। ଏମିତିକି, କେବଳ ଫାଇଲ ଦସ୍ତଖତ ବେଳେ ମୁଁ ପ୍ରଧାନମନ୍ତ୍ରୀ। ବାକି ସମୟ ମୁଁ କାର୍ଯ୍ୟକର୍ତ୍ତା ଭାବେ ବୋଲି କହିଥିଲେ ମୋଦି। ବିଜେପିର ଭିଜନ ୨୦୩୬କୁ ଲୋକଙ୍କ ପାଖରେ ରଖ। ବିଜେପି ୨୦୩୬ ଯାଏଁ କ୍ଷମତାରେ ରହିଲେ ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, ଭିତ୍ତିଭୂମିରେ କେଉଁ ପରିବର୍ତ୍ତନ ଆଣିବ, ତାହା ଲୋକଙ୍କ ପାଖରେ ପହଞ୍ଚାଅ ବୋଲି ମୋଦି କହିଥିବା ବିଜେପି ନେତାମାନେ କହିଛନ୍ତି। ଦୁଇଘଣ୍ଟା ଧରି ନିଜ ରାଜନୈତିକ ଜୀବନର ଅନେକ ରୋଚକ କଥା କହି ପ୍ରଧାନମନ୍ତ୍ରୀ ମୋଦି ନିଜେ ହସିଲେ ଆଉ ବିଧାୟକ ଓ ମନ୍ତ୍ରୀମାନଙ୍କୁ ହସାଇଲେ। ପୂରା କାଜୁଆଲ୍ ଭାବେ ସମସ୍ତଙ୍କ ସ୍ୱାସ୍ଥ୍ୟ କଥା ପଚାରି ବୁଝିଥିଲେ। ୬୦ ବର୍ଷରୁ ଅଧିକ କିଏ ଅଛନ୍ତି ? ଗତ ୨ ବର୍ଷରେ କିଏ ମେଡିକାଲରେ ଭର୍ତ୍ତି ହୋଇଥିଲେ କି ? ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବାକୁ କହି ପ୍ରଧାନମନ୍ତ୍ରୀ କହିଥିଲେ ନିଜ ସ୍ୱାସ୍ଥ୍ୟ ଠିକ ରହିଲେ ଲୋକଙ୍କ ସେବା କରି ପାରିବେ। ଏହା ସହ ରାଜନୈତିକ ଜୀବନ ଭିତରେ ଘର ପରିବାର ପ୍ରତି ଅବହେଳା ନକରିବାକୁ ମଧ ପରାମର୍ଶ ଦେଇଥିଲେ ମୋଦି। କାହା ଘରେ ବଢ଼ିଲା ଝିଅ ଥିଲେ, ତା'ର ବାହାଘର ଓ ବୃଦ୍ଧ ବାପା -ମାଙ୍କ ପ୍ରତି ଯତ୍ନବାନ ହେବାକୁ ବୁଝାଇଥିଲେ। ଆଉ ମଝିରେ ଆପଣ ବହୁତ ସରଳ ଜୀବନ ରଖି ମଧ ଲୋକ କାହିଁକି ଆପଣଙ୍କୁ ଷ୍ଟାଇଲିସ୍ କହୁଛନ୍ତି ବୋଲି ପଚାରିଦେଲେ ମନ୍ତ୍ରୀ ବିଭୁତି ଜେନା। ଉତ୍ତରରେ ମୋଦି କହିଥିଲେ, ମୁଁ କୌଣସି ସଉକ କିମ୍ବା ଷ୍ଟାଇଲରେ କିଛି ପିନ୍ଧେନି। ଆବଶ୍ୟକତା ଦୃଷ୍ଟିରୁ ପୋଷାକ ପିନ୍ଧେ। ଗରମ ହେଲେ ହାତକଟା ଜାମା। ଆଉ ଯେଉଁଠି ଦରକାର ଲମ୍ବା ହାତ ଜାମା ପିନ୍ଧେ। ଲୋକ ତାକୁ ଷ୍ଟାଇଲ ବୋଲି କୁହନ୍ତି। ଜନ ପ୍ରତିନିଧିମାନଙ୍କୁ ସଂପର୍କ ବଢ଼ାଇବାକୁ ପରାମର୍ଶ ଦେଇଥିଲେ ପ୍ରଧାନମନ୍ତ୍ରୀ। ବିଶେଷ କରି ଯୁବକମାନଙ୍କ ସହ ଅଧିକ ଯୋଡି ହେବାକୁ କହିଥିଲେ। ଏଥିପାଇଁ ସାଂସଦ କ୍ରୀଡ଼ା ମହାକୁମ୍ଭ ଭଳି ବିଧାୟକ କ୍ରୀଡ଼ା ମହାକୁମ୍ଭ ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ।

## ପୁଣି ଆଳୁ ଝମେଲା...

ଦୁଇ ଦିନରେ ହଠାତ୍ ଅତି ଦରକାରୀ ପରିବା ଆଳୁ କିଲୋ ପିଛା ୧୦ ଟଙ୍କା ଉଚ୍ଚା ହେଲାଣିଖୁଚୁରା ବଜାରରେ କେଉଁଠି ୪୦ ତ କେଉଁଠି ୪୫ରେ ବିକ୍ରି ହେଲାଣି । ବାଲେଶ୍ୱର ବଜାରରେ ଦିନକୁ ୨୫୦ ଟନ୍ ଆଳୁ ଦରକାର। ହେଲେ ଦୁଇ ଦିନ ହେଲା ପଶ୍ଚିମବଙ୍ଗରୁ ଗୋଟେ ବି ଆଳୁ ଟ୍ରକ୍ ଆସିନି। ଫଳରେ ଗୋଦାମରେ ଆଉ ଆଳୁ ବସ୍ତା ଦିଶୁନି। ସେପଟେ ବଜାରରେ ବ୍ୟବସାୟୀଙ୍କ ପାଖରେ ଯାହା କିଛି ଆଳୁ ଅଛି, ତା ବି ସରି ଆସିଲାଣି। ରାଜ୍ୟର ବଡ଼ ପରିବାମଣ୍ଡି କଟକର ଛତ୍ରବଜାର ହେଉ କି ଭୁବନେଶ୍ୱରର ୧ ନମ୍ବର ମାର୍କେଟ୍, ସବୁଠି ଉପୁଜିଲାଣି ଆଳୁ ସଙ୍କଟ। ଯାହାକୁ ନେଇ ସାଧାରଣ ଖାଉଟି ଚିନ୍ତାରେ ପଡ଼ିଥିବାବେଳେ, ବ୍ୟବସାୟୀ କହିଲେଣି ଆଳୁ ଯୋଗାଣ ସ୍ୱାଭାବିକ ନହେବା ଯାଏଁ କିଛି କହି ହେବନି। ଏଠି ପ୍ରଶ୍ନ, ଯେଉଁ ସମୟରେ ଆଳୁ ଅମଳ ହୋଇ ବଜାରରେ ହାଉଜାଉ ହେବା କଥା, ସେତେବେଳେ ପୁଣି ଏ ଦରକାରୀ ପରିବାର ସଙ୍କଟ କାହିଁକି ? ମାତ୍ର ୩ ମାସ ଯାଇନି ପୁଣି କାହିଁକି ପଶ୍ଚିମବଙ୍ଗ ସରକାରଙ୍କର ବାହାରିଲା ଆଳୁ ରୋଗ ? ସତରେ ନିଜ ରାଜ୍ୟର ସ୍ୱାର୍ଥ ପାଇଁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓଡ଼ିଶା ସୀମାରୁ ଆଳୁ ଗାଡ଼ି ଫେରାଇ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ନା ତା ପଛରେ ଲୁଚିଛି ରାଜନୈତିକ ଅଭିସନ୍ଧି ? ଏସବୁ ଉତ୍ତର ଖୋଜା ଭିତରେ ଯୋଗାଣ ମନ୍ତ୍ରୀ ରଖିଛନ୍ତି ରୋକଠୋକ୍ ଜବାବ। କହିଛନ୍ତି- ପଶ୍ଚିମବଙ୍ଗକୁ ଆଉ ଆଳୁ ମାଗିବୁନି। ସେ ରାଜ୍ୟ ଯଦି ନିଜ ଆଡୁ ଆଳୁ ପଠାଏ ତାହାଲେ ରଖିବୁ। ତେବେ ଓଡ଼ିଶାରେ ଏବେ ଆଳୁ ସଙ୍କଟ ନାହିଁ, ସେ ଆଜି ୩୦ ଟଙ୍କାରେ ଆଳୁ କିଣିଥିବା କହିଛନ୍ତି। ଅନ୍ୟପକ୍ଷରେ ୟୁପିରୁ ଆଳୁ ଆସିବା ଆରମ୍ଭ ହୋଇଛି। ପଞ୍ଜାବ ସରକାରଙ୍କ ସହ ବି ରାଜ୍ୟ ସରକାର ଯୋଗାଯୋଗରେ ଅଛନ୍ତି।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ବାତ୍ୟା ଦାନା ପ୍ରଭାବିତ ଲୋକଙ୍କୁ ରିଲିଫ ବଣ୍ଟନ

ଲଙ୍ଗଳେଶ୍ୱର , ୩୦/୧୧ (ନି.ପ୍ର): ବାଲିଆପାଳ ବ୍ଲକ ଡ଼ଗରା ପଞ୍ଚାୟତ ଅଫିସ ରେ ଶନିବାର ଇନଫୁସେସ ଫାଉଣ୍ଡେସନ ଏବଂ ଓଡ଼ିଶା ରାଇଜିଙ୍ଗ ଫାଉଣ୍ଡେସନ ଭୁବନେଶ୍ୱର ମିଳିତ ସମନ୍ୱୟରେ ବାଲିଆପାଳ ରେ ଥିବା ଆର୍ମ ସଂଗଠନ ସହ ଯୋଗରେ ଦାନା ରେ ପିଡୀତ ଲୋକମାନଙ୍କୁ ଶୁଖିଲା ରିଲିଫ ସାମଗ୍ରୀ ବଣ୍ଟନ କରାଯାଇଛି। ଫାଉଣ୍ଡେସନର ନିର୍ଦ୍ଦେଶକ ଐଶ ପ୍ରକାଶ ଏବଂ ଏନୁସି ନାଏକଙ୍କ ଉପସ୍ଥିତରେ ବାଲିଆପାଳ ଆର୍ମ ସଂଗଠନର ସଂଯୋଜକ ସଭ୍ୟ ରାଜେନ୍ଦ୍ର କୁମାର ରଣାଙ୍କ ସହଯୋଗରେ ଏହି ରିଲିଫ ବଣ୍ଟନ କରାଯାଇଥିଲା। ଓଡ଼ିଶାର ବିଭିନ୍ନ ସ୍ଥାନରେ ରିଲିଫ ବଣ୍ଟନର କାର୍ଯ୍ୟକ୍ରମ ରହିଥିବାବେଳେ ବାଲିଆପାଳରେ ଡ଼ଗରା ପଞ୍ଚାୟତରେ ୧୦୭ ଅସହାୟ ପରିବାରକୁ , ବେତଗଡିଆ ପଞ୍ଚାୟତରେ ୨୪୩ ଅସହାୟ ପରିବାର ଏବଂ ଭୋଗରାଇ ବ୍ଲକ ରେ ୧୫୦ ଅସହାୟ ପରିବାରକୁ ଶୁଖିଲା ରିଲିଫ ସାମଗ୍ରୀ ପାକେଟ ଯୋଗ୍ୟ ହିତାଧିକାରୀଙ୍କୁ ଦିଆ ଯାଇଛି। ଡ଼ଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି,ଆର୍ମ ପ୍ରୋଗ୍ରାମ ଅଫିସ ପ୍ରମୋଦ କୁମାର ଭୂୟାଁ, ଫିଲ୍ଡ ଫେଶିଲେଟର ମୃତ୍ୟୁଞ୍ଜୟ ହାଜିରା , ଅର୍ଜୁନ କୁମାର କର, ଅନ୍ନପୂର୍ଣ୍ଣା ରଣା ପ୍ରମୁଖ ରିଲିଫ ବଣ୍ଟନରେ ସାମିଲ ହୋଇଥିଲେ।




# ‘ଉତ୍ସାହ’ରେ ରାଜ୍ୟସ୍ତରରେ ଭଦ୍ରକ ଜିଲ୍ଲାର ସଫଳତା



ଭଦ୍ରକ, ୩୦/୧୧ (ନି.ପ୍ର): ଓଡ଼ିଶାର ସମସ୍ତ ଶିଶୁଯତ୍ନ ଅନୁଷ୍ଠାନ ମାନଙ୍କର ଅନ୍ତେବାସୀମାନଙ୍କ ପାଇଁ ଉଦ୍ଦିଷ୍ଟ ରାଜ୍ୟସ୍ତରରେ ଅନୁଷ୍ଠିତ ହୋଇଯାଇଥିବା କ୍ରୀଡ଼ା କାର୍ଯ୍ୟକ୍ରମ ‘ଉତ୍ସାହ’ରେ ଚାରିଟି କ୍ରୀଡ଼ାରେ ଭଦ୍ରକ ଜିଲ୍ଲାକୁ ଅଶେଷ ସଫଳତା ପ୍ରାପ୍ତ ହୋଇଛି । ଫୁଟବଲ କ୍ରୀଡ଼ାରେ ଭଦ୍ରକ ଜିଲ୍ଲା ଗାନ୍ଧୀବାଳାଶ୍ରମର ଅନ୍ତେବାସୀ ସମ୍ବଲପୁର ଜିଲ୍ଲାକୁ ୩-୧ଗୋଲରେ ପରାସ୍ତକରି ରାଜ୍ୟରେ ଚମ୍ପିଆନ ହୋଇଥିବା ବେଳେ ଉକ୍ତ ଅନୁଷ୍ଠାନର ଛାତ୍ର ରଞ୍ଜିତ ମୁଣ୍ଡରୀ ଦୁଇଶହ ମିଟର ଦୌଡ଼ରେ ତୃତୀୟସ୍ଥାନ ଏବଂ ବାଳକ ରିଲେ ରେସ୍‌ରେ ସେହି ଗାନ୍ଧୀବାଳାଶ୍ରମର ଅନ୍ତେବାସୀ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ଶାନ୍ତି ଆଶ୍ରମ ତିହିଡ଼ି ଓ ମାନବସେବା କନ୍ୟା ଆଶ୍ରମ ପଗଡ଼ର ଅନ୍ତେବାସୀ ବାଳିକା ରିଲେ ରେସ୍‌ରେ ମିଳିତଭାବେ ଦ୍ୱିତୀୟ ସ୍ଥାନ ଲାଭ କରିଛନ୍ତି । ପ୍ରକାଶଥାଉକି କଳିଙ୍ଗ ଷ୍ଟାଡ଼ିୟମ୍ ଭୁବନେଶ୍ୱରରେ ଏହି ରାଜ୍ୟସ୍ତରୀୟ ଉତ୍ସାହ କାର୍ଯ୍ୟକ୍ରମ ନଭେମ୍ବର ୨୭ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ।ଏହି ପରିପ୍ରେକ୍ଷୀରେ ଜିଲ୍ଲା ପାଇଁ ସଫଳତା ଆଣିଥିବା ସମସ୍ତ ଖେଳାଳିଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଆଗାମୀ ସମୟରେ ଆହୁରି ଅଧିକ ସଫଳତା ଅର୍ଜନ କରି ଜିଲ୍ଲାର ନାମ ରଖିବାକୁ ଉତ୍ସାହିତ କରିଥିଲେ। ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଦେବରାଜ ପାଣିଗ୍ରାହୀ, ସଦସ୍ୟ ଅମର ବାରିକ୍ , ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଜେଜେବି ସଦସ୍ୟ ବନମାଳୀ ଯେନା, ଗାନ୍ଧୀ ବାଳାଶ୍ରମର ସଂପାଦକ ଅଶୋକ କୁମାର ଦାସ ଉକ୍ତ ଅନୁଷ୍ଠାନର କାଉନ୍‌ସିଲର ସସ୍ମିତା ନାୟକ, ଚାଇଲଡ୍ ହେଲ୍‌ପ୍ ଲାଇନ୍‌ର ଜିଲ୍ଲା ସଂଯୋଜିକ ଶୁଭଶ୍ରୀ ପଢ଼ିଆରୀ, ସାରଳା ଫାଉଣ୍ଡେସନ୍‌ର ଜ୍ଞାନ ରଂଜନ ବାରିକ୍, ଡ଼ିସିପିଓ ୟୁନିଟ୍‌ର ବାହ୍ୟ କର୍ମୀ ମହେଶ ଚନ୍ଦ୍ର ଦାସ, ଦମୟନ୍ତୀ ଦାସ, ସମାଜ କର୍ମୀ ସୁବ୍ରତ ଦାସ, ଆନୁଷ୍ଠାନିକ ଅଧିକାରୀ ବିଶ୍ୱନାରାୟଣ ପଣ୍ଡା, ସ୍ୱାଗତିକା ବାରିକ୍, ଆସିଆନାର ସଂଯୋଜକ ରିଆଜ ଅହମଦ ପ୍ରମୁଖ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଉତ୍ତର ପ୍ରଦେଶର ସଡକ ଦୁର୍ଘଟଣା: ୫ ମୃତ

ଶ୍ରୀବସ୍ତି, ୩୦/୧୧ ଉତର ପ୍ରଦେଶର ଶ୍ରୀବସ୍ତି ଜିଲ୍ଲାରେ ଇକୌନା ଥାନା ଅନ୍ତର୍ଗତ ଜାତୀୟ ରାଜପଥ ନିକଟରେ କାର ଓ ଅଟୋ ମଧରେ ଟକ୍କର ହୋଇଛି । ଦୁର୍ଘଟଣାରେ ୫ଜଣ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ୬ଜଣ ଆହତ ହୋଇଛନ୍ତି । ସମସ୍ତଙ୍କୁ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି । ଦୁର୍ଘଟଣା ପରେ କାର ଓ ଟେମ୍ପୋ ରାଜପଥ କଡ ଗାତ ଭିତରକୁ ଖସିପଡିଛି । ଇକୌନା ଥାନା ଅଧିକାରୀ ଅଶ୍ୱିନର କୁମାର ଦୁବେ କହିଛନ୍ତି ଯେ, ଦୁର୍ଘଟଣାରେ ୫ଜଣ ଲୋକଙ୍କ ମୃତ୍ୟୁ ହୋଇଛି । ଦୁର୍ଘଟଣାରେ ୬ଜଣ ଲୋକ ଆହତ ହୋଇଛନ୍ତି । ସମସ୍ତ ଆହତଙ୍କୁ ନିକଟବର୍ତ୍ତୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଶବ ଚିହ୍ନଟ ଜାରି ରହିଛି । ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ସମସ୍ତ ଲୋକଙ୍କ ମଧରୁ କିଛି ବସ୍ତି ଓ କିଛି ଶ୍ରୀବାସ୍ତୀ ଜିଲ୍ଲାର ବାସିନ୍ଦା । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସଡକ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୨୨ତମ ବାର୍ଷିକ କ୍ରୀଡ଼ା ସମାରୋହ ଉଦ୍‌ଯାପିତ




ନୀଳଗିରି, ୩୦/୧୧ (ନି.ପ୍ର): ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି, ଓଡ଼ିଶା ଆନୁକୂଲ୍ୟରେ ନୀଳଗିରି ଷ୍ଟାଡିୟମ ପଡ଼ିଆରେ ନୀଳଗିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଦୁଇ ଦିବସୀୟ ୨୨ତମ ବାର୍ଷିକ କ୍ରୀଡ଼ା ସମାରୋହ ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ଦକ୍ଷିଣନରସିଂହପୁର ପଞ୍ଚାୟତ ସମିତି ସଭ୍ୟା ପଦ୍ମଜା କାନୁନଗୋ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କ୍ରୀଡାକୁ ଶୁଭାରମ୍ଭ କରିଥିଲେ। ପରେ ଛାତ୍ର/ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ଉତ୍ସବରେ ମୁଖ୍ୟଅତିଥି ଭାବେ ନୀଳଗିରି ଥାନାର ଆଇ.ଆଇ.ସି. ଗୋପାଳ ଚନ୍ଦ୍ର କର୍ଣ୍ଣ ଯୋଗଦେଇ ପାଠ ସହିତ ଶାରିରୀକ ବିକାଶ ପାଇଁ,କ୍ରୀଡା ଏକ ପ୍ରମୁଖ ମାଧମ ବୋଲି କୁନିକୁନି ଶିଶୁଙ୍କ ଉଦ୍ଦେଶ୍ୟରେ ନିଜର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ଜୟକୃଷ୍ଣ ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ ବରିଷ୍ଠ ଆଚାର୍ଯ୍ୟ ମହେନ୍ଦ୍ର ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଥମରୁ ଦଶମଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଏହି କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । କ୍ରୀଡ଼ା ଶିକ୍ଷକ ରବୀନ୍ଦ୍ର ବାରିକ କ୍ରୀଡ଼ାପରିଚାଳନା କରିଥିବା ବେଳେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ସମ୍ପାଦକ ପ୍ରଦୀପ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜ୍ଞାନ ଶିକ୍ଷକଙ୍କ ଅବସର ଗ୍ରହଣ




ବେତନଟୀ , ୩୦/୧୧ (ନି.ପ୍ର): ବେତନଟୀ ବ୍ଲକ ଅନ୍ତର୍ଗତ ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟ ପୁରୁଣିଆର ବିଜ୍ଞାନ ଶିକ୍ଷକ ଗିରିଜା ଶଙ୍କର ଆଚାର୍ଯ୍ୟ ଙ୍କ ପାଇଁ ଏକ ଅବସର କାଳିନ ସମ୍ବର୍ଦ୍ଧନା ସଭା ଉକ୍ତ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବିନ୍ଦ୍ର କୁମାର ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବରେ ଓଷ୍ଟା ର ଜିଲ୍ଲା ସଂପାଦକ କିଶୋର କୁମାର ଆଚାର୍ଯ୍ୟ,ମୁଖ୍ୟ ବକ୍ତା ଭାବରେ ଏହି ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ସୁଧାକର ପରିଡ଼ା, ସମ୍ମାନୀତ ଅତିଥି ଭାବରେ ବିଦ୍ୟାଳୟ ର ପୂର୍ବତନ ସଂପାଦକ ମାୟାଧର ସିଂ , ଓଷ୍ଟା ର ବ୍ଲକ୍ ସଂପାଦକ ସୂର୍ଯ୍ୟାନନ୍ଦ ନାୟକ, ଏସ ଏମ୍ ଡି ସି ସଭ୍ୟା ତୃପ୍ତି ପଟ୍ଟନାୟକ, ଏହି ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଅଭୟ କୁମାର ପ୍ରଧାନ ପ୍ରଭୃତି ଅତିଥି ମଞ୍ଚାସିନ ଥିଲେ। ଶ୍ରୀଯୁକ୍ତ ଆଚାର୍ଯ୍ୟ ୧୯୮୭ ମସିହାରେ ଏହି ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ଭାବରେ ଚାକିରି ଜୀବନ ଆରମ୍ଭ କରିଥିଲେ। ପ୍ରଧାନ ଶିକ୍ଷକ ଭାବରେ ତାଙ୍କର ପ୍ରମୋସନ ହୋଇଥିଲେ ମଧ ସେ ଯୋଗଦାନ କରିନଥିଲେ । ଦୀର୍ଘ ୩୭ ବର୍ଷ ଧରି ଏହି ବିଦ୍ୟାଳୟରେ କାର୍ଯ୍ୟ କରିଥିଲେ ।ଏହି ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଗ୍ରାମବାସୀ, ଏସ ଏମ୍ ଡି ସି ସଭ୍ୟ,ସଭ୍ୟା, ପୁରାତନ ଛାତ୍ର, ଛାତ୍ରୀ, ପୁରାତନ ଶିକ୍ଷକ ତଥା ବ୍ଲକ୍ ଓଷ୍ଟାରୁ ଧୀରେନ୍ଦ୍ର ପ୍ରଧାନ, ଭବାନୀ ଶଙ୍କର ବାଗ ଓ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ଛାତ୍ର, ଛାତ୍ରୀ ସହଯୋଗ କରିଥିଲେ। ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ପ୍ରଭାତ କୁମାର ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ସସ୍ମିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଅପାର ଆଇଡି ପାଇଁ ଅଭିଭାବକ ବୈଠକ

ବାଲିଆପାଳ , ୩୦/୧୧ (ନି.ପ୍ର): ବାଲିଆପାଳ ବ୍ଲକ ବୋଲଂ ପଞ୍ଚାୟତ ବୋଲଂ ଈଶ୍ୱର ଚନ୍ଦ୍ର ହାଇ ସ୍କୁଲରେ ଛାତ୍ର ଛାତ୍ରୀଙ୍କ ଅପାର ଆଇଡି ପ୍ରସ୍ତୁତି ସକାଶେ ଶନିବାର ଏକ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ପାଠୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବୈଠକରେ ଟ୍ରେନର ଭାବରେ ବିଦୁର ପଢ଼ିଆରୀ, ପବିତ୍ର କୁମାର ସିଂହ ପ୍ରମୁଖ ଯୋଗ ଦେଇ ଅପାର ଆଇଡି ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରିୟଦର୍ଶିନୀ ବାରିକ, ବାଣେଶ୍ୱରୀ ଜେନା, ଶ୍ୟାମ ସୁନ୍ଦର ମାଝୀ, ସ୍ନେହ ଲତା ଭୋଳ, ରଶ୍ମିତା ରାଣା, ସନ୍ତୋଷ ପାଣିଗ୍ରାହୀ, ପ୍ରବୀର ପଟ୍ଟାୟତ, ନବୀନ କୁମାର ରାଣା, ଉର୍ମିଳା ମହାନ୍ତି, ପୂର୍ଣ୍ଣିମା ସେଠୀ, ସତ୍ୟଜିତ ଜେନା, ସସ୍ମିତା ଭୂୟାଁ, ଗଣେଶ ଚନ୍ଦ୍ର ମହୁରୀ, ଦିବାକର ମହାନ୍ତି, ଅଜିତ କୁମାର ପାଢ଼ୀ, ସୁବାସ ଚନ୍ଦ୍ର ଦାସ, ସୁକାନ୍ତି ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ।

# ବରୁଣଗଡ଼ିଆ ୱାର୍ଡ ସଭ୍ୟ ନିର୍ବାଚନ ବିବାଦ ପିଛା ଛାଡୁନି

ବସ୍ତା, ୩୦/୧୧ (ନି.ପ୍ର): ବସ୍ତା ବ୍ଲକ୍ ବରୁଣଗଡ଼ିଆ ପଞ୍ଚାୟତ ୬ ନମ୍ବର ୱାର୍ଡ ସଭ୍ୟ ନିର୍ବାଚନରେ ଅନୀୟମିତତା ନେଇ କୋର୍ଟ ର ପୁନଃ ବିଚାର। ସୂଚନା ଅନୁସାରେ ବରୁଣଗଡିଆ ପଞ୍ଚାୟତ ର ୬ ନମ୍ବର ୱାଡ ସଭ୍ୟ ନିର୍ବାଚନ ରେ ବବିତା ମଣ୍ଡଳ ଓ ମୃତ୍ୟୁଞ୍ଜୟ ସାମଲଙ୍କ ମଧରେ କଡ଼ା ପ୍ରତିଦ୍ୱନ୍ଦିତା ହୋଇଥିଲା । ୬ ଖଣ୍ଡ ଭୋଟ୍ ବ୍ୟବଧାନରେ ବବିତା ମଣ୍ଡଳ ଜିତିଥିବା ନିର୍ବାଚନ ଅଧିକାରୀ ଜ୍ଞାନରଞ୍ଜନ ସାହୁ ଘୋଷଣା କରିଥିଲେ । ହେଲେ ୬ ଖଣ୍ଡ ଭୋଟ୍‌ରେ ମୃତ୍ୟୁଞ୍ଜୟ ସାମଲ ଜିତିଥିବା ସାର୍ଟିଫିକେଟ ଦେଇଥିଲେ । ଏହାକୁ ଆଧାର କରି ବବିତା ମଣ୍ଡଳ ପୁନଃଗଣତି ପାଇଁ ବସ୍ତା ସିଭିଲ୍ କମ୍ ଜେଏମ୍‌ଏଫ୍‌ସି କୋର୍ଟର ଦ୍ୱାରସ୍ଥ ହୋଇଥିଲେ । କୋର୍ଟ ସାକ୍ଷ୍ୟ ଗ୍ରହଣ କରିବା ସହ ବିଡିଓଙ୍କୁ ଗତ ନଭେମ୍ବର ୨୮ ତାରିଖ ଦିନ ଭୋଟ୍ ପୁନଃ ଗଣତି ପାଇଁ ରାୟ ଦେଇଥିଲେ । ହେଲେ ନିର୍ଦ୍ଧାରିତ ତାରିଖ ପୂର୍ବରୁ ମୃତ୍ୟୁଞ୍ଜୟ ସାମଲ ଏହି ରାୟ ବିରୋଧରେ ମାନ୍ୟବର ଜିଲ୍ଲା ଜଜ୍ କୋର୍ଟ ସହ ହାଇକୋର୍ଟଙ୍କ ଆଶ୍ରୟ ନେଇଥିଲେ । ଫଳରେ ହାଇକୋର୍ଟ ଜିଲ୍ଲା କୋର୍ଟ ମାମଲାର ପୁନଃ ବିଚାର କରିବେ ବୋଲି କହିଛନ୍ତି । ଯାହାଦ୍ୱାରା ମାମଲାଟି ପୁଣି ଜଟିଳ ହୋଇପଡ଼ିଛି । ତେବେ ଜତିଥିବା ୱାଡସଭ୍ୟ କେବେ ନ୍ୟାୟ ପାଉଛନ୍ତି ଦେଖିବାକୁ ବାକି ରହିଲା ।

# ସମାଜସେବୀ ସୋଫିଆ ଶେଖଙ୍କୁ କଳିଙ୍ଗ କନ୍ୟା ସମ୍ମାନ -୨୦୨୪ ପ୍ରଦାନ



ଭଦ୍ରକ, ତା ୩୦.୧୧.୨୦୨୪ ରିଖ। ସୋସାଇଟ୍ ଫର ଉଇକର କମ୍ୟୁନିଟ୍ (ଆର୍ସିଆନା)ର ସମ୍ପାଦିକ, ସମାଜସେବୀ ସୋଫିଆ ଶେଖଙ୍କୁ ମହିଳା ସଶକ୍ତିକରଣରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ “କଳିଙ୍ଗ କନ୍ୟା ସମ୍ମାନ-୨୦୨୪” ସମ୍ମାନରେ ଭୁବନେଶ୍ୱରସ୍ଥିତ ପ୍ରତିଭା ସମ୍ମାନ ଓଡ଼ିଶା ଟ୍ରଷ୍ଟ ତରଫରୁ ସମ୍ବର୍ଦ୍ଧନା କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀର କୁଳପତି ପ୍ରଫେସର ସବିତା ପ୍ରଧାନ , ଟ୍ରଷ୍ଟର ସଭାପତି ଡ଼ଃ ଅଶୋକ କୁମାର ମହାପାତ୍ର, ପୂର୍ବତନ ନିର୍ଦ୍ଦେଶକ ଏମସ୍, ଭୁବନେଶ୍ୱର ଓ ଉପସଭାପତି ପ୍ରଫେସର ଡ଼ଃ. କୁମାରବର ଦାସ, ପୂର୍ବତନ କୁଳପତି ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱରଙ୍କ ଉପସ୍ଥିତି ସ୍ଥାନୀୟ ଚାରି ନମ୍ବର ୟୁନିଟିସ୍ଥିତ ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ, ଭୁବନେଶ୍ୱର ଠାରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

# ଶ୍ରୀ ଜଗନ୍ନାଥ ଟ୍ରଷ୍ଟ ପକ୍ଷରୁ ଅସହାୟଙ୍କୁ ଶୀତବସ୍ତ୍ର ବଂଟନ

କେନ୍ଦ୍ରାପଡ଼ା, ୩୦/୧୧ (ନି.ପ୍ର): କେନ୍ଦ୍ରାପଡ଼ାର ଜଣାଶୁଣା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅସହାୟ ପରିବାରକୁ ଶୀତ ବସ୍ତ୍ର ବଂଟନ କରାଯାଇଛି । ମା ତାରିଣୀଙ୍କ ପୀଠ ନିକଟସ୍ଥ ଘଟଗାଁ ଗ୍ରାମରେ ଏକ ବରଗଛ ମୂଳେ ବାସ କରୁଥିବା ୧୦ଗୋଟି ଅସହାୟ ପରିବାରର ସଦସ୍ୟ ମାନଙ୍କୁ ଶୀତ ଋତୁରେ ଆବଶ୍ୟକୀୟ ଶାଢୀ, ଧୋତି, ମଶାରୀ, କମ୍ବଳ, ପ୍ୟାଂଟ ସାର୍ଟ, ଛୋଟ ପିଲାଙ୍କ ସୁଇଟର ବଂଟନ କରାଯାଇଛି । ଏହି ଅସହାୟ ପରିବାର ଜଙ୍ଗଲରୁ କାଠ ସଂଗ୍ରହ କରି ଜୀବିକା ନିର୍ବାହ କରନ୍ତି ।

# ନିୟତି ଫାଉଣ୍ଡେସନ ପକ୍ଷରୁ ଗୋପବନ୍ଧୁ ନଗର ବ୍ଲକରେ ପ୍ରଥମ ଥର ପାଇଁ ଆରମ୍ଭ ହେଲା ଶିଶୁ ବିକାଶ କାର୍ଯ୍ୟକ୍ରମ




ମୟୂରଭଞ୍ଜ, ୩୦/୧୧ (ନି.ପ୍ର): ନିୟତି ଫାଉଣ୍ଡେସନ ଓ ଓଡିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମର ମିଳିତ ସହଯୋଗୀତାରେ ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁ ନଗର ଛୁରୁଣୀ ଗ୍ରାମ ରେ କଳିକା କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ) ସୁଜାତା ମହାପାତ୍ର ଯୋଗଦେଇ କଳିକା କେନ୍ଦ୍ର ର ଆବଶ୍ୟକତା ଏବଂ ପ୍ରଭାବ ବିଷୟରେ ମା ମାନଙ୍କୁ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ୭ ମାସରୁ ୩ ବର୍ଷ ଶିଶୁର ମାନଙ୍କ ପୋଷଣ ଏବଂ ଶାରୀରିକ ଓ ମାନସିକ ବିକାଶ ରେ କଳିକା ର ଗୁରୁତ୍ୱ ବର୍ଣ୍ଣନା କରିଥିଲେ। ଯେଉଁ କର୍ମଜୀବୀ ମହିଳା କର୍ମକ୍ଷେତ୍ରକୁ ନିଜ ଛୁଆଙ୍କୁ ନେଇ ଯାଉଥିଲେ ଏବେ ସେମାନେ ତାଙ୍କ ଛୁଆଙ୍କ ରକ୍ଷଣ ବେକ୍ଷଣ ପାଇଁ ଛାଡି କାର୍ଯ୍ୟକ୍ଷେତ୍ରକୁ ଯାଇପାରିବେ। ଶିଶୁଙ୍କ ଖାଇବା ପିଇବା ଓ ରାକ୍ଷଣବେକ୍ଷଣ ସମ୍ପୂର୍ଣ୍ଣ ନିୟତି ଫାଉଣ୍ଡେସନ ତରଫରୁ ମାଗଣା ଦିଆଯିବ। ମାତୃ ତଥା ଶିଶୁ ବିକାଶର କଳିକା କେନ୍ଦ୍ର ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ପ୍ରକାଶ କରିଥିଲେ ଶ୍ରୀମତୀ ମହାପାତ୍ର । ଉକ୍ତ ସଭାରେ ସମ୍ମାନନୀୟ ଅତିଥି ଭାବେ ସରପଞ୍ଚ ମମତା ଖଟୁଆ, ରାଣୀବନ୍ଧ ପଞ୍ଚାୟତ ଆର୍ . ଇ ପ୍ରକାଶ କୁମାର, ଅଙ୍ଗନବାଡ଼ି କର୍ମୀ କୁନିମଣି ଉପାଧ୍ୟାୟ, ନିୟତି ଫାଉଣ୍ଡେସନ ର ପ୍ରୋଜେକ୍ଟ ମ୍ୟାନେଜର ଶ୍ରୀ ସୁଦୀପ କେଶ୍,ପ୍ରୋଜେକ୍ଟ ସୁପର୍ଭାଇଜାର ଚିନ୍ମୟ ପଣ୍ଡା ଓ ଶର୍ମିଷ୍ଠା ବାରିକ୍ ଉପସ୍ଥିତ ଥିଲେ। ପରିଶେଷରେ ନୀୟତି ଫାଉଣ୍ଡେସନ ର ସୁନ୍ଦର ସହଭାଗିତା ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ ଶ୍ରୀମତୀ ମହାପାତ୍ର।

# ଫୁଟବଲ ହିଁ ଥିଲା ମୟୂରଭଂଜର ଜାତୀୟ ଖେଳ: ଲେଫ୍ଟନେଂଟ ଯୋଗେଶ



ଉଦଳା , ୩୦/୧୧ (ନି.ପ୍ର): ଉଦଳା ମହାବିଦ୍ୟାଳୟର ଖେଳପଡ଼ିଆ ଠାରେ ୨୦୨୪-୨୫ ଶିକ୍ଷାବର୍ଷର +୨ ବାଳକ ମାନଙ୍କର ଏକ ଫୁଟବଲ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇ ଯାଇଛି । ଚଳିତ ନଭେମ୍ବର ୨୫ ତାରିଖ ଠାରୁ ଉକ୍ତ ଖେଳ ଆରମ୍ଭ ହୋଇ ୨୯ ତାରିଖ ଶୁକ୍ରବାର ଦିନ ଉଦ୍‌ଯାପିତ ହୋଇ ଯାଇଛି । ୫ ଦିନ ବ୍ୟାପି ଚାଲିଥିବା ଏହି ଟୁନାମେଂଟରେ ମୋଟ ୧୮ ଗୋଟି ଟିମ ଅଂଶ ଗ୍ରହଣ କରିଥିଲେ । ଫାଇନାଲ ଖେଳ ଉଦଳା ଓ ବାରିପଦା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଶେଷରେ ବାରିପଦା ଟିମ ବିଜୟି ହେବା ସହ ଚଳିତ ବର୍ଷର ଚମ୍ପିୟନ ହେବାର ସୌଭାଗ୍ୟ ଅର୍ଜନ କରିଥିଲା । ପୁରସ୍କାର ବିତରଣ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଯତିନ କୁମାର ମହାକୁଡ଼ ଅଧ୍ୟକ୍ଷତା କରି ଖେଳ ପରିଚାଳନାରେ ନେତୃତ୍ୱ ନେଇଥିବା ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ବୃନ୍ଦଙ୍କୁ କୃତଜ୍ଞତା ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ଅଧିକାରୀ ଡ଼. ଆଲୋକ ରଂଜନ ପ୍ରଧାନ, ଅଧ୍ୟାପିକା ଡ଼. ମୀନାକ୍ଷି ପରିଡ଼ା, କ୍ରୀଡ଼ା ଅଧ୍ୟାପକ ଲେଫ୍ଟନେଂଟ ଯୋଗେଶ କୁମାର ମହାକୁଡ଼ ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ଅତିତରେ ମୟୂରଭଂଜରେ ରାଜା ଶାସନ ଚାଲିଥିବା ସମୟରେ ମୟୂରଭଂଜର ମହାରାଜା ଫୁଟବଲକୁ ଜାତୀୟ ଖେଳରୂପେ ଘୋଷଣା କରିଥିଲେ । ସେ ସମୟରୁ ମୟୂରଭଂଜର ବିଭିନ୍ନ ଗ୍ରାମରେ ଫୁଟବଲ ଖେଳ ଆୟୋଜିତ ହେବା ସହିତ, ଏହି ଖେଳପ୍ରତି ବିଭିନ୍ନ ମହଲରେ ଆଦର ଥିବାର ଦେଖିବାକୁ ମିଳେ ବୋଲି ବ୍ୟକ୍ତ କରିଥିଲେ । ଏହାପରେ ଅତିଥି ମାନେ ଚମ୍ପିୟାନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ । ଖେଳରେ ରେଫରି ଭାବରେ ଗଣେଶ୍ୱର ସିଂ, ମଦନ ହାଁସଦା, ଦୀପକ ସୋରେନ ଓ ମାନସ କୁମାର ସିଂ ପ୍ରମୁଖ ନିଜ ନିଜର ଦାୟିତ୍ୱ ତୁଲାଇଥିଲେ । ଏହି ଖେଳରେ ବିଭିନ୍ନ ଦଳରୁ ଭଲଦକ୍ଷତା ପ୍ରଦର୍ଶନ କରିଥିବା ଖେଳାଳି ମାନଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି । ଯେଉଁମାନେ କି ଆସନ୍ତା ଡ଼ିସେମ୍ବର ୨ ତାରିଖ ଦିନ ଗୁରୁଡ଼ିଝାଟିଆ ଠାରେ ଅନୁଷ୍ଠିତ ଟୁର୍ଣ୍ଣାମେଂଟରେ ଅଂଶଗ୍ରହଣ କରିବେ ବୋଲି ଜଣାଯାଇଛି । ଅଧ୍ୟାପକ ସୌମେନ୍ଦ୍ର କୁମାର ଦାଶ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ପାକିସ୍ତାନରୁ ପଞ୍ଜାବ ଆସିଥିବା ବୃଦ୍ଧ ନିଖୋଜ: ଅମୃତସରରେ ଆଲର୍ଟ

ଚଣ୍ଡିଗଡ, ୩୦/୧୧ : ପାକିସ୍ତାନରୁ ଶ୍ରଦ୍ଧାଳୁଙ୍କ ସହିତ ଆସିଥିବା ଜଣେ ବୃଦ୍ଧ ଶୁକ୍ରବାର ରାତିରେ ଅମୃତସରରେ ନିଖୋଜ ହୋଇଯାଇଛନ୍ତି । ଏହାପରେ ଅମୃତସରରେ ପୋଲିସ ଆଲର୍ଟ ଜାରି କରିଛି । ପାକିସ୍ତାନରୁ ଆସିଥିବା ସମସ୍ତ ଲୋକଙ୍କୁ ଅମୃତସରରେ ରୋକାଯାଇଛି । ଅଟାରୀ-ୱାଘା ବର୍ଡର ରାସ୍ତାରେ ନଭେମ୍ବର ୨୭ରେ ପାକିସ୍ତାନରର ୭ଜଣ ବ୍ୟକ୍ତି ଧାର୍ମିକ ଯାତ୍ରା ପାଇଁ ଭାରତୀୟ ସୀମା ଭିତରକୁ ପ୍ରବେଶ କରିଥିଲେ । ସମସ୍ତ ପାକସ୍ତାନୀ ଯାତ୍ରୀ ଅମୃତସରରେ ବୁଲୁଥିଲେ । ଗତକାଲି ରାତିରେ ଏମାନେ ଦରବାର ସାହିବରେ ମଥା ଟେକିବା ପାଇଁ ଯାଇଥିଲେ, ଯେଉଁଠାରୁ ବୃଦ୍ଧ ଜଣକ ସନ୍ଦିଗ୍ଧ ପରିସ୍ଥିତିରେ ନିଖୋଜ ହୋଇଯାଇଛନ୍ତି । ଏହି ସୂଚନା ମିଳିବା ପରେ ଚାରିଆଡେ ଆଲର୍ଟ ଜାରି କରାଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo